Current smart cities are, at best, a hot mess. They're fragmented, with different departments working at cross-purposes, and they're reactive, only responding to problems after they happen. The goal should be to evolve into a proactive smart city, one that anticipates problems and solves them before they even occur. And eventually, we should aim for self-sustaining smart cities that can operate independently of human intervention.

A proactive smart city is one that anticipates and responds to the needs of its citizens, while a self-sustainable smart city is one that is able to meet its own needs without relying on external resources while making world class urban living affordable for its residents



By Dr.Shubhabrata Samantaray
Founder & CEO ENHEROES GLOBAL ENERGY

# गणपति का दर्द
## - सत्यानंद श्रीवास्तव



मैं गणाधिपति हूँ
बुद्धि रिधि और सिद्धि का अधिपति हूँ
सुख समृद्धि की चाहत में
इंसान हर बार साल में एक बार
अपने घर लाता है बंधु बांधव को बुलाता है
आस पास अपने परायो को दिखाता है
अपनी सपन्नता को रॉब जमाता है।।

कुछ तो ऐसे है जो मुझे सामाजिकता का माध्यम बनाते है
अपने संपर्को को साध काम निकालने का साधन बनाते है
कई ऐसे हैं भक्त है मेरे,जो दुनियां में मुझे कमअपने फायदे को ज्यादा आंकते है
जो मुझे भक्ति भावों से नही चढ़ावो में मापते है।।।

मैं देखता हूँ सोचता हूँ,मन मसोस कर रह जाता हूँ
कहने को तो भगवान हूँ मैं,खुद को असहाय पाता हूँ
इन भटके हुए इंसानो को नही समझा पाता हूँ

मुझे मत बांधो अपने दम्भो,तोरण पताकाओं पत्थर के खंभों में
मै जीवन हूँ अनत हूँ, न मैं मंदिर न शिवाले में,मैं जीव में जीवनपर्यन्त हूँ

मैं गढ़ता हूँ दुनिया को पर इंसान मुझे गढ़ता है
अपने बुरे कर्मो के फल का दोष मुझे मढ़ता है।
पूजता नही मुझको, मोलभाव करता है
अर्पित कर फूल पत्र,मेरी रिधि सिद्धि हरता है।।

मैं परेशान हूँ ये रीत कैसे निभाऊं
भटके हुए इंसानो को राह पे कैसे लाऊँ
सोच कर मैंने एक भक्त को बुलाया
पास बिठा प्यार से उसको समझाया
इस बार मुझे अपने घर न बुलाना
अपने माँ बाप को वृद्धाश्रम से घर लाना
बिठा के मेरे आसन पर भोग अर्पण करना
तृप्त हो जाऊंगा मैं,जो भोजन कोई भूखा पाये
रोते हुए बच्चों के मुख वे जब जब कोई मुस्कान आये
मैं छोड़कर कैसे बिलखते हुए मासूमों को
बैठ कर तुम्हारे आंगन मे मिश्री कैसे खाऊं
घरों मे शांति , सदद्भावना समाज में
जब तक सब मिल गले न लग जाएंगे
मैं तो बस बूत ही रहूंगा न प्राण तब तक न आएंगे



सत्यानंद श्रीवास्तव
Mr Satyanand works with Reliance Industries Ltd , based in Kuala Lumpur Malaysia.
He likes reading and writing poetry .

# सुनसान रातें

- बिशाल गुप्ता

"ना जाने हम ये कैसी जगह आ गए,
रस्ते  जो आती थी यहां ना जाने कहा गए।
निकले थे चांदनी रात समझ कर हम,
मगर अचानक काली अँधेरी घाटा में हुआ घूम।

अब ना मंजिल दिख रही है ना मंज़र,
एकअँधेरा बाहर है तो मैं मन के अंदर।
शायद इसी वजह से ये गुमनाम अंधेरा भी अपना सा लगने लगा है,
और धीरे धीरे ये वीरानी मेरे अंदर जहर बन कर बहने लगा है।

ना हिम्मत बची है ना ताकत है यहाँ से निकलने की,
थक गया हु अब और ज़हमत नहीं कर सकती चलने  की
बस कुछ पल और फिर मैं इस गहरे काले अँधेरे में कहीं खो जाऊँगा,
और इस खामोशी में, इस बेखयाली से लिपट के सो जाऊंगा।"



बिशाल गुप्ता
I am 27 years old, born and brought up in Jajpur, Odisha. Currently live working as Technology Analyst at Infosys Ltd. I like traveling, writing poems and listening to songs in my free time.

# MOA ACTIVITY






Charity event at "Cahaya Kasih Bestari", Kuala Lumpur, Malaysia .
MOA Thanks all of the kind souls who contributed to the cause



MOA hosted 23 prominent Professors and reserchers from Odisha @ Kuala Lumpur . They were vising SE to understand Kalinga and SE relationship

MOA Holi Milana Celebration at Kuala Lumpur, Malaysia








Members of Malaysia Odia Association were privileged to meet Honorable Defense Minister of India Sj Rajnath Singh Ji during his visit to Malaysia




Mr Ekamra Mahapatra addressing Gathering at Singapore on Odisha Day,



Mr Ekamra Mahapatra met Honorable minister VK Pandian to update him on  MOA efforts to spread Odia culture in Malaysia and beyond







Banabhoji 2023 @ janda Baik, Malaysia.




Dance drama “Konark” by kids at MOA Utkal Dibasa Celebration, 2023





MOA Utkal Dibasa Celebration, 2023





Odisha Corner during Utkal Dibasa

















Raja Celebration and Odia Food Festival @ Kuala Lumpur



Odia Ladies in Kuala Lumpur celebrating Women's Day






First Odia movie Premier Phalguna Chaitra
@ Kuala Lumpur














Ganesh Puja Celebration at Vivekananda Ashram , Brickfields , Kuala Lumpur , Malaysia









Kuala Lumpur had the honor of hosting Padma Shri Guru Shashadhara Acharya, a distinguished Chhau dance artist, and his troupe for an enchanting evening. The esteemed guest of the evening was Deputy High Commissioner, High Commission of India , Kuala Lumpur Ms. Subhashini Narayanan






Deepavali Celebration and unveiling Abhipsa 2022




MOA members participated in the YOGA Day celebration organized by Indian High Commission, Kuala Lumpur



# YUM SPOON

EGGLESS HOMEMADE PREMIUM ICE CREAM

100 ml- RM 8
475 ml- RM 28

## Vanilla
## Chocolate
## Strawberry
## Butterscotch
## Thandai
(Indian Flavour- Spices and Nuts)
## Kesar Pista
(Indian Flavour- Saffron and Pistachios)



VEGETARIAN · HOME MADE · HANDMADE · MADE WITH LOVE

## Call us!

Bijalina +60 11-35434979

Pratibha +60111536 0908

Self Pick-up, Grab Express and Lalamove delivery available

yumspoon_icecream

@yumspoonicecream@gmail.com



# ତ୍ରିରଙ୍ଗା
## ଭାବନାର ରଙ୍ଗ


| | | |
|---|---|---|
| କାଚ କଣ୍ଢେଇ | ଗୌରହରି ଦାସ | 48-54 |
| କାନ୍ତ-କାନ୍ତା | ଡ. ଇତି ସାମନ୍ତ | 55-64 |
| ବବ୍ ଡିଲାନ୍ ସାଧାରଣ ମଣିଷର ଅସାଧାରଣ କବି | ସତ୍ୟ ପଟ୍ଟନାୟକ | 65-70 |
| ଶାସ୍ତ୍ରୀୟ ମାନ୍ୟତା ଓ ଓଡିଆ ଅସ୍ମିତା | ଦେବେନ୍ଦ୍ର ନାଥ ରାଉତ | 71-72 |
| ଭାଷାକୋଷର ଭାଷ୍ୟକାର ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ | ଲକ୍ଷ୍ମୀପ୍ରିୟା ଓଝା | 61 |
| ଜହ୍ନ ଗୋ | ସୁନନ୍ଦା ମିଶ୍ର ପଣ୍ଡା | 80 |
| ସୀମିତ ଆୟୁଷ | ପାୟଲ ଦାସ | 81 |
| ଓଡିଶୀ ପଟ୍ଟଚିତ୍ର ଏକ ବିହଙ୍ଗାବଲୋକନ | ବବିତା ସାହୁ | 82-83 |
| ସ୍ୱପ୍ନଦର୍ଶୀ | ହରିହର ପଣ୍ଡା | 84 |
| ଗାନ୍ଧୀଜୀ ଥିଲେ ବୋଲି | ଓଁ ଅଭିଜ୍ଞାନ ସାହୁ | 85-86 |
| ବନାନ୍ | ସଂଜୀବନୀ ସୁଧା ରଥ | 87 |
| କଳିଙ୍ଗରୁ କ୍ଲାଙ୍ଗ ନଦୀ | ବିନୀତ ମୁଣ୍ଡ | 88 |
| ଶୂନ୍ୟରେ ମହାଶୂନ୍ୟ | ବିଷ୍ଣୁ କଲ୍ୟାଣ ମଙ୍ଗରାଜ | 89 |
| ଅଫେରା-ଫେରା | ଡ଼. ପ୍ରଶାନ୍ତ କୁମାର କର | 90-92 |
| ବର୍ଣ୍ଣବୋଧ | ସୌରଭ ମହାପାତ୍ର | 93 |
| ଗୃହିଣୀ | ମଧୁସ୍ମିତା ମହାପାତ୍ର | 94 |
| ମନ କଥା ମୋର | ଶାଶ୍ୱତୀ ତ୍ରିପାଠୀ | 95 |
| ଦୁହିତା | ରଶ୍ମିରେଖା ମିଶ୍ର | 96 |
| ବାବୁନିର ଚିଠିଟିଏ ତା ଆଇ ପାଇଁ | ଖାରବେଳ ମହାନ୍ତି | 97-99 |
| ମନେ ପଡ଼େ ଆଜି | ସୀମନ୍ତିନୀ ନନ୍ଦ | 100 |
| ବାପା ଭଲ ଅଛି ! ତୋ ଦେହ ଜଗିବୁ | ତପନ ମହାପାତ୍ର | 101 |
| ମୁଁ ଆଉ କାଲି ପରି ଲେଖେ ନାହିଁ | ବୀଣାପାଣି ପ୍ରଧାନ | 102 |
| ହେ ସ୍ରଷ୍ଟା | ଶ୍ରୀ ଗୋବିନ୍ଦ ପାଢୀ | 103 |



# କାଚ କଣ୍ଢେଇ

**ଗୌରହରି ଦାସ**

ଯେତେବେଳେ ପାଚିଲା ଆମ୍ବ ଓ ପଣସର ମିଠା ବାସ୍ନାରେ ଘଣ୍ଟେଶ୍ୱର ହାଟପଟିର ନୁଖୁରା ମଳିଛିଆ ଓ ଧୂଳିଆ ଚେହେରା ମହ ମହ ବାସିଉଠେ, ସେତିକିବେଳେ ପହିଲି ରଜ ଆସେ ଆମ ଗାଁକୁ । ଲଙ୍କାଆମ୍ବ ବଣରେ ମହୁମାଛିଙ୍କର ମେଲଣ ସରି ନ ଥାଏ, ତେନ୍ତୁଳି ଗଛ ଡାଳରେ କାଉଗୋଠ ପରି ମନ୍ତେଇ ମଥା ଉପରେ ଓହଳିପଡ଼େ କଳା ବଉଦ । ପହିଲି ରଜର ଆସିବା ରାସ୍ତାରେ ଆମ ଗାଁ ପବନ ବିଛେଇ ଦିଏ ଚୁନି ଚୁନି କରଞ୍ଜ ଫୁଲ । ବଡ଼ ପୋଖରୀର ଗୋଳିଆ ପାଣିରେ ଝିଅମାନେ ନିଜ ନିଜର ତୋଫା ଦେହ ଘଷିମାଜି ହୁଅନ୍ତି, ରୋଷେଇ ଘରେ ପୋଡ଼ପିଠାର ବାସ୍ନା ଛୁଟେ, ସ୍କୁଲ୍ ପଡ଼ିଆରେ ଘାସ ଗଛଗୁଡ଼ିକ କେନା ମେଲେଇ ବଢ଼ିଚାଲନ୍ତି ଓ ଆମ ଗାଁ ରାସ୍ତାରେ କାଚ, ଅଳତା ଆଉ ରିବନ ବିକାଳିଙ୍କର ଭିଡ଼ ବଢ଼ିଯାଏ ।

ଏବଂ ସେତିକିବେଳେ ଆସନ୍ତି ବଟଦାଦି । ତାଙ୍କର ବଗପରି ଧୋବଫରଫର କୁର୍ତ୍ତା ଦିଶିଯାଏ ନୂଆ ପୋଖରୀ ଆଡ଼ିରୁ; କାନ୍ଧ ଉପରେ ନାଲି ଗାମୁଛା, ପାଦରେ ନେଳି ଚପଲ ଓ ଦୁଇ ହାତରେ ଦିଇଟି କୁହୁକ ଝୁଲା । ଆଉ ଜଣେ କେହି ବଟଦାଦିଙ୍କର ବଡ଼ ଗଣ୍ଠିଲିଟିକୁ କେତେବେଳେ ହାତରେ ଓହଳେଇ ତ କେତେବେଳେ କାନ୍ଧରେ କାନ୍ଧେଇ ତାଙ୍କ ପଛେ ପଛେ ଚାଲୁଥାଏ - ଯେଉଁଥିରେ ଥାଏ ଗୋଛା ଗୋଛା ସ୍ୱପ୍ନ, ବିଡ଼ା ବିଡ଼ା ବିସ୍ମୟ ।

ଆମର ଘଟଣାହୀନ କୈଶୋରର ଶାଖାରେ, ଆମ୍ବଗଛ ଶାଖାରେ ବଉଳ ଖୁନ୍ଦିହେଲା ପରି ଘଟଣାମାନ ଖୁନ୍ଦି ହୋଇଯାଏ । ଆମେମାନେ ବଟଦାଦିଙ୍କର ପାଖାପାଖି ହେବା ପାଇଁ ପରସ୍ପର ଭିତରେ ପ୍ରତିଯୋଗିତା ଆରମ୍ଭ କରିଦେଉ । ଚଢ଼େଇର ଡେଣା ପରି ଆମେ ଆମର ଦୁଇ ହାତ ମେଲେଇ ଚକାଚକା ଭଉଁରି ଖେଳୁ । ସେଇ ନୂଆ ପୋଖରୀ ଆଡ଼ି ପାଖରୁ ହିଁ ଆମେ ବଟଦାଦିଙ୍କୁ ଶେଙ୍ଖାଳି ଆଣୁ ।

ମୁଁ ଚଟ୍‌କରି ବଟଦାଦିଙ୍କ ହାତରୁ ଗୋଟାଏ ଝୁଲା ଆଣିବା ପାଇଁ ହାତ ବଢ଼େଇ ଦିଏ । ମୋ ମନର ରହସ୍ୟ ଭେଦ ପାଇଁ ଅସମର୍ଥ ବଟଦାଦି ମୋର ଆଜ୍ଞାବହତା ଓ ଭକ୍ତିରେ ମୁଗ୍ଧ ହୁଅନ୍ତି । ବାଁ ହାତର ଝୁଲାଟି ମୋ ହାତକୁ ବଢ଼େଇ ଦେଉ ଦେଉ କହନ୍ତି, "ହୁସିଆରିରେ ଧରିବୁ, ପଡ଼ିଯିବ ।'

ବଟଦାଦିଙ୍କର ସେଇ ଓଜନିଆ ଝୁଲାଟି ମୋତେ ଫୁଲଭର୍ତ୍ତି ଚାଙ୍ଗୁଡ଼ି ପରି ହାଲୁକା ଲାଗେ । ମୁଁ ଡଗଡଗ ପାହୁଣ୍ଡ ପକେଇ ବଟଦାଦିଙ୍କୁ ଆଗେ ଆଗେ ବାଟ କଢ଼େଇ ଆଣେ । ବଟଦାଦି ପଚାରନ୍ତି, "ସ୍କୁଲ ଛୁଟି ହୋଇଗଲାଣି କିରେ?" ଆଉ କେହି କିଛି ଉତ୍ତର ଦେବା ଆଗରୁ ମୁଁ କହେ, "ହଁ । କୋଉଦିନୁ ।"

ବଟଦାଦି ବଡ଼ ପୋଖରୀର ପଥର ପାହାଚରେ ଗୋଡ଼ହାତ ଧୁଅନ୍ତି । ତା'ପରେ ସିଧା ଯାଇ ଚନ୍ଦ୍ରଶେଖର ମହାଦେବଙ୍କୁ ମୁଣ୍ଡିଆ ମାରନ୍ତି । ସେଇଠୁ ଆର ଝୁଲାଟି ଆଉ ଜଣେ କାହା ହାତକୁ ବଢ଼େଇ ଦେଇ ସେ ଗୁରୁଜନମାନଙ୍କୁ ଓଳଗି-ଦଣ୍ଡବତ ଜଣାଇ ଜଣାଇ ଘରକୁ ଆସନ୍ତି ।

ଘର ଅଗଣାରେ ତାଙ୍କୁ ଅପେକ୍ଷା କରି ରହିଥାଏ ଗୋଟେ କୁନି ମଙ୍ଗଳା ଯାତ୍ରା । ବୋଉ ଯାଇ ଚଟିଆଟିଏ ପାରିଦିଏ ପିଣ୍ଡା ଉପରେ, ଗେଲ୍ହାଦେଇ ପାଣି ଢାଳଟିଏ ଆଣି ଥୋଇଦିଏ । ଖୁଡ଼ୀ ଗୋଟେ ବିଞ୍ଚଣା ଆଣି ବଟଦାଦିଙ୍କ ହାତକୁ ବଢ଼େଇ ଦିଅନ୍ତି । ବାପା ବଟଦାଦିଙ୍କୁ କଲ୍ୟାଣ କରୁ କରୁ ଆମମାନଙ୍କୁ ତାଗିଦ୍ କରନ୍ତି, "ଲୋକଟାକୁ ଟିକିଏ ପବନ ଖାଇବାକୁ ଦିଅ । ଚାରିପଟୁ ଘେରି କ'ଣ ଦେଖୁଛ?"

ମାତ୍ର ଆମେମାନେ ବାପାଙ୍କର ସେ ତାଗିଦାକୁ ଦେହର ମଳିପରି ଝାଡ଼ିଝୁଡ଼ି ଦେଉ । ଆମର ଆଖିଗୁଡ଼ିକ ବଟଦାଦିଙ୍କ ବ୍ୟାଗ୍ ଓ ବଡ଼ ଗଣ୍ଠିଲିଟି ଉପରେ ଥାଏ । ବଟଦାଦି ଘର ଭିତରକୁ ଚାହିଁ କହନ୍ତି, "ଆଗେ ପିଲାଙ୍କ କଥା ଟିକିଏ ବୁଝିଦେଲ ।"

ତା'ପରେ ଖୁଡ଼ୀ ଆମକୁ ଖଇ ଉଖୁଡ଼ା ବାଣ୍ଟିଲା ପରି ଚଉଠେ ଚଉଠେ ସନ୍ଦେଶ ଦିଅନ୍ତି । ପାଟିରେ ଦେଉ ଦେଉ ସେତକ କୁଆପଥର ପରି କୁଆଡ଼େ ମିଳେଇ ଯାଏ । ବଟଦାଦିଙ୍କର ଅନ୍ୟ ଜିନିଷ ଉପରେ ଡାଆଣା ସାଙ୍ଗମାନଙ୍କର ନଜର ପଡ଼ିବା ଆଶଙ୍କାରେ ମୁଁ ନିଜକୁ ସ୍ୱେଚ୍ଛାସେବୀ ଭୂମିକାରେ ବସେଇ ପାଟିକରେ, "ଚାଲ ଚାଲ । ସନ୍ଦେଶ ତ ଖାଇଲ, ଆଉ କ'ଣ ? ସଞ୍ଜବେଳକୁ ଆସିଲେ କଲିକତା ଗପ ଶୁଣିବ ।"

ସାଙ୍ଗମାନେ ମୋର ସୌଭାଗ୍ୟକୁ ଈର୍ଷା କରି ଓ ମନେ ମନେ ମୋର ଦୁର୍ବ୍ୟବହାରକୁ ଗାଳିଦେଇ ଫେରିଯାଆନ୍ତି । ତା'ପରେ ମୁଁ ସିଧା ଯାଇ ବସିଯାଏ ବଟଦାଦିଙ୍କ ଗଣ୍ଠିଲି ପାଖରେ, ମାଛଧରା ହେଉଥିବା ପୋଖରୀ ଆଡ଼ିରେ ବଗ ବସିବା ପରି ।

ବଟଦାଦି ଥକି ପଡ଼ିଥାଆନ୍ତି । କହନ୍ତି, "ଉପରଓଳିକୁ ବ୍ୟାଗ୍ ପତ୍ର ଖୋଲିବା ।" ତାଙ୍କର ଏ ପ୍ରସ୍ତାବରେ ରାଜିହେବା ଭିନ୍ନ ମୋର କିଛି ଚାରା ନ ଥାଏ ।

କିନ୍ତୁ ମୁଁ ତାଙ୍କ ପାଖ ଛାଡ଼େ ନାହିଁ । କାୟା ପାଖରେ ଛାୟା ପରି ମୁଁ ତାଙ୍କରି ପାଖେ ପାଖେ ରହିଥାଏ ।

ବଟଦାଦି ତାଙ୍କ ହାତବ୍ୟାଗରୁ ଚକଚକିଆ ଖୋଳ ଭିତରେ ପଶିଥିବା ଟୁଥ୍‌ପେଷ୍ଟ ବାହାର କରନ୍ତି । ବ୍ରସ୍ ପିଠିରେ ପେଷ୍ଟ ବୋଳି ବାଡ଼ିଘର ପିଣ୍ଡା ଉପରେ ଦାନ୍ତ ଘଷନ୍ତି । ମୁଁ ତାଙ୍କ ପାଟିକୁ ଚାହିଁରହେ । ସାବୁନ ଫେଣ ପରି ବାଲୁବାଲୁ ତାଙ୍କ ମୁହଁଟିକୁ ଦେଖି ମୋର ସାହାଡ଼ା, ନିମ୍ବ, କରଞ୍ଜ ଦାନ୍ତକାଠିଗୁଡ଼ାକ ଉପରେ ଦୟା ହୁଏ । ବାପା ବ୍ୟବହାର କରୁଥିବା ଗୁଡ଼ାଖୁ ପ୍ରତି ଘୃଣା ଆସେ । ମୁଁ ମନେ ମନେ ଭାବିଚାଲେ, ବଡ଼ହେଲା ପରେ ବଟଦାଦିଙ୍କ ପରି ମୁଁ ବି ବ୍ରସ୍‌ରେ ଟୁଥ୍ ପେଷ୍ଟ ଧରି ଦାନ୍ତ ଘଷିବି । ସେତେବେଳେ ବାଡ଼ିପିଣ୍ଡାରେ ଦାନ୍ତ ନ ଘଷି ମୁଁ ବଡ଼ପୋଖରୀ ଯାଏଁ ଯିବି । ଲିଟୁ, ଟୁଇଁ, ବଗୁଲି ଓ ନଣ୍ଡା ସମସ୍ତଙ୍କୁ ଦେଖେଇ ଦେଖେଇ ଦାନ୍ତ ଘଷିବି ।

କିନ୍ତୁ ବଟଦାଦିଙ୍କର କୋଉ କୋଉ ଚିଜ ବା ମୁଁ ନିଜେ ସଂଗ୍ରହ କରିପାରିବି ! ତାଙ୍କର କୁହୁକ ପେଡ଼ିରେ ଅଦ୍ଭୁତ ଅଦ୍ଭୁତ ଜିନିଷମାନଙ୍କର ଭିଡ଼ । ବଟଦାଦି ଦାନ୍ତ ଘଷିସାରି ଗାଧୋଇବା ଲାଗି ବାହାରନ୍ତି । ବ୍ୟାଗରୁ ବାହାରେ ଚକଚକିଆ ଖୋଳ ଭିତରେ ଯତ୍ନରେ ପଶିଥିବା ଡଉଲଡାଉଲ ସାବୁନ । ବଟଦାଦି ସେ ଖୋଳଟାକୁ ଫିଙ୍ଗିଦେବା କ୍ଷଣି ମୁଁ ଚଟ୍‌କରି ସେଇଟିକୁ ଗୋଟେଇ ଆଣି ପକେଟ୍‌ରେ ଲୁଚେଇ ଦିଏ । ପାଖଆଖରେ କେହି ନ ଥିଲାବେଳେ ସେଇଟିକୁ ମୁଁ ନାକ ପାଖରେ ଧରି ଶୁଂଘେ - ବାପ୍‌ରେ, କି ବାସ୍ନା ସେଇ ଖୋଳଟାର !

ବଟଦାଦି ତା'ପରେ ଛୋଟ ତେଲ ଶିଶିଟିଏ ବାହାର କରନ୍ତି । ସେଇ ଶିଶିଟାର ଠିପି ଖୋଲିବାକ୍ଷଣି ତା'ର ମହମହ ବାସ୍ନାରେ ଆମ ଘରର ସନ୍ତସନ୍ତିଆ, ଗମୁରା ଗନ୍ଧ କୁଆଡ଼େ ପଳେଇଯାଏ । ମୁଁ ଆଉ ବେଶିକାଳ ମୋର ବିସ୍ମୟକୁ ଧରି ରଖି ନ ପାରି ବଟଦାଦିଙ୍କୁ ପଚାରେ, "ଏଇଟା କ'ଣ ବାସ୍ନା ତେଲ!'

: ହଁ, ୟା' ନାଁ କେଓକାର୍ପିନ୍ । ତୁ ୟାକୁ ଧରି ଚାଲ୍ । ମୁଣ୍ଡ ଧୋଇଲା ପରେ ଲଗେଇବା ।

ମୁଁ ଟ୍ୟୁବୱେଲ୍‌ର ହ୍ୟାଣ୍ଡଲ ଚାପିବା ପାଇଁ କୋଉକାଳୁ ନିଜକୁ ସଜ କରି ରଖିଥାଏ । ମୋର ବୋତାମ ଛିଣ୍ଡି ଯାଇଥିବା ପ୍ୟାଣ୍ଟ କାଳେ ଅସହଯୋଗ କରିବ, ସେଇ ଆଶଙ୍କା କରି ତା' ଉପରେ ବାପାଙ୍କ ନାଲି ଗାମୁଛାକୁ କମରପଟି ପରି କଷି ଦେଇଥାଏ ।

ବଟଦାଦି ଟ୍ୟୁବୱେଲ୍ ପାଖରେ ପହଞ୍ଚି ପଚାରନ୍ତି, "ଆଉ କେହି ଏଠି ନାହାନ୍ତି ତ ରେ?'

ମୁଁ ଏଣ୍ଡୁଅ ପରି ଏପଟ ସେପଟ ଚାହିଁ କହେ, "ନା, ତମେ ଗାଧୋଇପଡ଼ ।'

ବଟଦାଦି ତାଙ୍କ ଅଣ୍ଟାରୁ ଗୋଟେ ସିଗାରେଟ୍ ପ୍ୟାକେଟ୍ ବାହାର କରନ୍ତି । କିଆବୁଦା ପାଖକୁ ଯାଇ ପବନ ନ ବାଜିବା ପରି ଜାଗାରେ ସେ ପ୍ୟାକେଟି ଖୋଲନ୍ତି ଓ ତା' ଭିତରୁ ଜରି ଖଣ୍ଡେ

ବାହାର କରି ପକେଇଦିଅନ୍ତି । ଆମ ଗାଁର ଡାଆଣା ପବନ ସେ ଜରିକୁ ଉଡ଼େଇ ନେବା ଆଗରୁ ମୁଁ ଖପ୍ କିନା ଧାଇଁଯାଇ ତାକୁ ଧରିଆଣେ ଓ ପକେଟ୍‌ରେ ପୂରେଇ ଦିଏ । ବଟଦାଦି କଳ ଦିଆଶିଲି ଚାପି ସିଗ୍‌ରେଟ୍ ରେ ନିଆଁ ଲଗେଇ ପାଟିର ଧୂଆଁସବୁ ଗୋଲ୍ ଗୋଲ୍ ମୁଣ୍ଡୁଳା ବନେଇ ଉପରକୁ ଛାଡ଼ନ୍ତି । ସେତେବେଳେ ବଟଦାଦି ଦିଶନ୍ତି ଆଈ କହିଥିବା ଗପର ରଜାପୁଅ ପରି ।

ମୁଁ ପରମ ଉତ୍ସାହରେ ଟ୍ୟୁବୱେଲ୍‌ର ହ୍ୟାଣ୍ଡଲ୍ ଚାପେ । ବଟଦାଦି ମହମହ ବାସୁଥିବା ସାବୁନରେ ଗାଧୁଅନ୍ତି । ପୋଛାପୋଛି ହୋଇସାରି ମୁଣ୍ଡରେ ବାସନା ତେଲ ଲଗାନ୍ତି । ତା'ପରେ ମୋତେ କହନ୍ତି, "ବସ୍, ମୁଁ ଚାପିଦେଉଛି । ତୁ ବି ଗାଧୋଇପଡ଼ ।"

ଓଦା ଗାମୁଛା ପାଲଟି ବଟଦାଦିଙ୍କ ଆଗେ ଆଗେ ଗାଁ ଦାଣ୍ଡରେ ଚାଲିଲାବେଳେ ମୋ ଦୁଇ ଗୋଡ଼ର ବ୍ୟବଧାନ ଅଜାଣତରେ ବଢ଼ିଯାଏ । ମୋ ଦେହ ମୁଣ୍ଡରୁ ମହମହ ବାସ୍ନା ବାହାରି ଦାଣ୍ଡସାରା ଖେଳି ଯାଉଥାଏ । ମୁଁ ସେତେବେଳେ ମନକୁ ମନ ଭାବୁଥାଏ, "ବଟଦାଦି ସବୁଦିନେ ଗାଁରେ ରହନ୍ତେ କି!"

ବଟଦାଦି ଖାଇସାରି ଟିକିଏ ଶୋଇପଡ଼ନ୍ତି । ଖୁଡ଼ୀ ମୋତେ ବଟଦାଦିଙ୍କ ପାଖରୁ ଉଠେଇ ଦେଇ କବାଟ ଆଉଜେଇ ନିଅନ୍ତି । କହନ୍ତି, "ରେଳଗାଡ଼ି ବାଧା କଥା ତୁ ଜାଣିନୁ । କଲିକତା କ'ଣ କମି ବାଟ? ପୁଣି ଦମ୍‌ଦମ୍ ପାଖରୁ ହାୱଡା - ବାପ୍‌ରେ, ସେ ବହୁତ ବାଟ । ତୁ ଯାଇ ଛାଇ ଲେଉଟିଲେ ଆସିବୁ ।"

କଲିକତା, ହାୱଡା, ଦମ୍‌ଦମ୍ - ଏଗୁଡ଼ିକ କୁଆଡ଼େ ମୁଁ ଜାଣି ନ ଥାଏ । ସେତେବେଳକୁ ମୁଁ ଯାଇ ଯାଇ ଘଣ୍ଟେଶ୍ୱର ଯାଏ ଯାଇଥାଏ । ଘଣ୍ଟେଶ୍ୱରର ଦୁର୍ଗାପୂଜା ଆଉ କାଳୀପୂଜା ଆମ ଅଞ୍ଚଳରେ ବିଖ୍ୟାତ । ବାପା ବେଳେବେଳେ ଚାନ୍ଦବାଲି ଯାଆନ୍ତି ଓ ଶ୍ରୀଧର ଭାଇ କଟକରେ ରହନ୍ତି । କିନ୍ତୁ ବଟଦାଦି ରହନ୍ତି ଦମ୍ ଦମ୍ ରେ !

ବଗୁଲି ପଚାରେ, "ତୋ ବଟଦାଦି କୁଆଡ଼େ ଆଳୁଦମ୍‌ରେ ରହନ୍ତି?"

ମୁଁ ତାକୁ ଜବାବ ଦିଏ, "ତୋ ଦାଦି ପୋଟଳରସାରେ ରହୁଥିବେ ।"

ବଗୁଲି କିଛି କହିପାରେ ନାହିଁ । ବଟଦାଦି ଆଣିଥିବା ସନ୍ଦେଶର ମିଠା ସୁଆଦ ତା' ମୁହଁ ବାନ୍ଧି ଦେଇଥାଏ । ତା' ସାଙ୍ଗକୁ ମୁଁ ମୋର ଦୁଇ ପକେଟରେ ଥିବା ସିଗ୍‌ରେଟ୍, ସାବୁନ ଓ ଟୁଥ୍‌ପେଷ୍ଟ୍‌ର ଚିକିଚିକିଆ ଖୋଳଗୁଡ଼ିକ ଦେଖେଇ ଭବିଷ୍ୟତରେ ସେଥିରୁ ଗୋଟିଏ ଯୋଡ଼ିଏ ତାକୁ ଦେଇପାରେ, ଏଇ ପ୍ରତିଶ୍ରୁତି ତା' ଆଗରେ ଝୁଲେଇ ରଖିଥାଏ । ବଗୁଲି ସେପରି ଅମୂଲ୍ୟ ଜିନିଷର ଲୋଭ ଛାଡ଼ି ମୋ ସୋଙ୍ଗ ଶତ୍ରୁତା କରିବାକୁ କଦାପି ସାହସ କରନ୍ତା ନାହିଁ ।

ଦ୍ୱିପ୍ରହର ସାରା ମୁଁ ଏକଲା ଡାହୁକ ପରି ଏପଟ ସେପଟ ହୋଇ ବଟଦାଦିଙ୍କ କବାଟ ଖୋଲିବାକୁ ଅପେକ୍ଷା କରେ । ଗୋଟିଏ ଗୋଟିଏ ମୁହୂର୍ତ୍ତ ମୋତେ ଗୋଟିଏ ଗୋଟିଏ ଦିନ ପରି ଲାଗେ ।

ସେତେବେଳେ ଖୁଡ଼ୀଙ୍କ ଉପରେ ମୋର ରାଗ ହୁଏ । ବୋଉ ଆଉ ଖୁଡ଼ୀ ରୋଷେଇ ଘରେ ବାସନକୁସନ ସଜାଡ଼ି ରଖୁଥାଆନ୍ତି । ମୁଁ ଯାଇ ବଟଦାଦିଙ୍କ ଦରଆଉଜା କବାଟଟାକୁ ଟିକିଏ ଖୋଲିଦେଇ ଡାକେ, "ଦାଦି, ଏବେ ଗଣ୍ଠିଲି ଖୋଲିବା ।"

ବଟଦାଦି ଶେଷକୁ ମୋ କଥାରେ ରାଜି ହୋଇଯାଆନ୍ତି ।

ମୁଁ ତାଙ୍କ ପାଖରେ ଚକାମାଡ଼ି ବସେ ।

ବଟଦାଦି ଗୋଟିଏ ପରେ ଗୋଟିଏ ପୁଡ଼ିଆ ଖୋଲନ୍ତି । ଓଃ, ବାପ୍‌ରେ, କେତେ ଜିନିଷ ଥାଏ ସେ ଗଣ୍ଠିଲିଟାରେ !

ବାପାଙ୍କ ପାଇଁ ଧୋତି, ବୋଉ ଏବଂ ଖୁଡ଼ୀ ପାଇଁ ଶାଢ଼ି, ସାନ ପାଇଁ ୱାସ୍ ଏନ୍.ୱେୟାର କନାର ଜଗଦୀଶ ଡ୍ରେସ୍, ବଡ଼ ଭଉଣୀ ପାଇଁ ଲମ୍ବା ଫ୍ରକ୍, ଘର ପାଇଁ ପ୍ଲାଷ୍ଟିକ୍ ଗ୍ଲାସ୍, କପ୍ ଓ ପ୍ଲେଟ୍, ଠାକୁରଙ୍କ ପାଇଁ ଚନ୍ଦନପେଡ଼ି, ଧୂପକାଠି, ଆଈ ପାଇଁ ଭୁଟ୍‌କମ୍ବଳ । ଆଉ ବ୍ୟାଗ୍‌ଟାରେ ଜିରା, ସୋରିଷ, ଗରମ ମସଲା, ବାସ୍ନା ତେଲ, କାଚ, ରିବନ, କୁଙ୍କୁମ ଓ ଆଉରି କେତେ କ'ଣ । ହାତ ବ୍ୟାଗ୍ ଭିତରେ ରଜ ଖେଳ ପାଇଁ ନୂଆ ତାସ୍ ମୁଠା, ମୋହନ ସିରିଜ୍‌ର ଗୁଇନ୍ଦା ଉପନ୍ୟାସ, ଲୁଗାଧୁଆ ଓ ଦେହଲଗା ସବୁନ । ତା' ସାଙ୍ଗକୁ ବାପାଙ୍କ ଅଣ୍ଟାବିନ୍ଧା ଔଷଧ, ପାଉଡର ଡବା ଓ କଳ ଦିଆଶିଲି - ଯାହାକୁ ଚିପିଦେଲେ ନିଆଁ ବାହାରେ ।

ମୁଁ ତଥାପି ଅପେକ୍ଷା କରେ । ଏଗୁଡ଼ା ତ ସବୁ ଘର ପାଇଁ । ମୋ ପାଇଁ ବଟଦାଦି କ'ଣ କିଛି ଆଣିନାହାନ୍ତି !

ବଟଦାଦି ମୋ ମୁହଁକୁ ଚାହିଁଦେଇ ସବୁକଥା ଜାଣିଯାଆନ୍ତି । ସେ ଉଠିଯାଇ ଘର କୋଣରୁ ଗୋଟେ ନାଲିଖୋଳଗୁଡ଼ା ଚିଜ ଆଣି ମୋ ହାତକୁ ବଢ଼େଇ ଦିଅନ୍ତି । ମୁଁ ତରବରରେ ଖୋଲିବସେ - କେଉଁଥର ରବର ଜୋକର, କେଉଁଥର ମଟର କାର୍ କି ଉଡ଼ାଜାହାଜ । ଶେଷଥର ଥିଲା ଅଦ୍ଭୁତ କାଚ କଣ୍ଢେଇ । କଣ୍ଢେଇଟି ଗୋଟେ ମହାପରାକ୍ରମୀ ରାଜାର । ମୋର ନୁଖୁରା ଶାବନା ହାତରେ କାଚର ସେ କଣ୍ଢେଇଟି ମାଙ୍କଡ଼ ହାତରେ ହୀରାମୁଦି ପରି ଚମକି ଉଠିଥିଲା । ମୁଁ ଆମ ଘରର ଅନ୍ଧାରିଆ

କୋଣକୁ କଣ୍ଢେଇଟିକୁ ନେଇଯାଇ ବୋଉକୁ ପଚାରିଥିଲି, "ଅନ୍ଧାରରେ ବି ମୋ କଣ୍ଢେଇ ଦିଶୁଚି ନା? ଦିଶୁନି!'

ବୋଉର ଆଖି ଖରାପ । ସେ କହେ, "ଟିକିଏ ଟିକିଏ ଦିଶୁଛି ।'

ମୁଁ ତା' ଉପରେ ଚିଡ଼ିଯାଏ । କହେ, ମୋତେ ତ ସଫା ଦିଶୁଛି ।

ବଟଦାଦି ତା'ପରେ ମୋତେ କାଚ ଗୋଲି ଓ ଲଜେନ୍ସ ଦିଅନ୍ତି । ମୁଁ ମନେ ମନେ ବଟଦାଦିଙ୍କୁ ଶହ ଶହ ବାର ପ୍ରଶଂସା କରେ । ଆମ ବଟଦାଦିଙ୍କ ପରି ଭଲ ଲୋକ ଏ ଖଣ୍ଡମଣ୍ଡଳରେ କେହି ନ ଥିବେ ।

ବଟଦାଦିଙ୍କ ପରି ଲୋକ ସତରେ ଆମ ଗାଁରେ କେହି ନ ଥିଲେ । ସେଥିପାଇଁ ସେ ଗାଁରେ ପାଦଦେବା କ୍ଷଣି ଆମେମାନେ ଚଞ୍ଚଳ ହୋଇ ଉଠୁଥିଲୁ । ସୋଙ୍ଗ ସୋଙ୍ଗ ନୂଆ ନୂଆ ଯୋଜନା ତିଆରି ହୋଇଯାଉଥିଲା । ବଡ଼ ପୋଖରୀରୁ ମାଛଧରା, ରଜର ବାଗୁଡ଼ି ପ୍ରତିଯୋଗିତା, ସାହିପିଲାଙ୍କୁ ନେଇ ଅପେରା ଓ ଅପେରା ପରଦିନ ଭୋଜି । ଏସବୁ ମଝିରେ କେହି କେହି ଅଷ୍ଟପ୍ରହରୀ କୀର୍ତ୍ତନର ପ୍ରସ୍ତାବ ରଖୁଥିଲେ । ମାତ୍ର ସବୁଯାକ ଏକ ସମୟରେ ହୋଇପାରିବ ନାହିଁ କହି ବଟଦାଦି ସେ ପ୍ରସ୍ତାବକୁ ଟାଳି ଦେଉଥିଲେ ।

ଦିନରାତି ମଉଚ୍ଛବ ଲାଗି ରହୁଥିଲା ଆମ ଗାଁରେ । ଆମର ପାଦ କଙ୍କିର ଡେଣା ପରି ଅସ୍ଥିର ଓ ମନ ତୁଳା ପରି ହାଲୁକା ହୋଇଯାଉଥିଲା । ଆମେମାନେ ବଟଦାଦିଙ୍କ ହୁକୁମ ତାମିଲ କରିବା ଲାଗି ପରସ୍ପର ଭିତରେ ପ୍ରତିଯୋଗିତା କରୁଥିଲୁ । ବଟଦାଦିଙ୍କ ପାଇଁ କିଛି କାମଟେ କରିଦେବା ଥିଲା ଆମ ପାଇଁ ସୌଭାଗ୍ୟ ।

ଚାହୁଁ ଚାହୁଁ ବଟଦାଦିଙ୍କର ଛୁଟି ସରିଯାଏ । ବଟଦାଦି କଲିକତା ଯିବା ପାଇଁ ବାହାରନ୍ତି । ସେତେବେଳକୁ ହାଓଡାର ଝୁଲନ୍ତା ପୋଲ, ଭିକ୍ଟୋରିଆ ମ୍ୟୁଜିୟମର ଅଦ୍ଭୁତ ଦୃଶ୍ୟ, ଦମ୍‌ଦମ୍‌ରେ ପ୍ରତି ସେକେଣ୍ଡରେ ଯା-ଆସ କରୁଥିବା ବିରାଟ ବିରାଟ ଉଡ଼ାଜାହାଜମାନଙ୍କ କଥା ସମ୍ପୂର୍ଣ୍ଣ ହୋଇ ନ ଥାଏ । ଅଥଚ ବଟଦାଦିଙ୍କ ଯିବା ସମୟ ଆସିଯାଏ । ମୁଁ ଉଦାସ ହୋଇପଡ଼େ । ବଟଦାଦି ଚାଲିଗଲା ପରେ ପୁଣି ମୋର ଦିନଗୁଡ଼ିକ ସେଇ ଘଷରା, ପୋଚରା ଓ ବିରକ୍ତିକର ପାଲଟିଯିବ । ସେଥିରେ ଏ ଉତ୍ତେଜନା, ବିସ୍ମୟ ଓ ରୋମାଞ୍ଚ ଆସିବ କୋଉଠୁ !

ଯେମିତି ଦିନେ ନୂଆ ପୋଖରୀ ରାସ୍ତା ଦେଇ ବଟଦାଦି ଆସିଥାଆନ୍ତି, ସେମିତି ଦିନେ ସେ ଚାଲିଯାଆନ୍ତି । ମୁଁ ବୋଉର କାନିତଳେ ମୋର ଲୁହକୁ ଲୁଚେଇ ବଟଦାଦିଙ୍କର ଯିବା ରାସ୍ତାକୁ ଚାହିଁ ରହେ । କ୍ରମେ କ୍ରମେ ତାଙ୍କର ବଗ ପର ପରି ତୋଫା କୁର୍ତ୍ତା ଓ ନାଲି ଗାମୁଛା ବିଲମାଳରେ ହଜିଯାଏ । ତେଣିକି ଯାହା ରହିଯାଏ, ସେସବୁ ବଟଦାଦିଙ୍କୁ ନେଇ ଯେତେସବୁ ଉଷୁମ ସ୍ମୃତି- ମାଛଧରା, ବାଗୁଡ଼ିଡିଆଁ, ରଜଝୁଲଣ, ତାସ୍‌ଚିଟା ଓ ଅପେରା ଆୟୋଜନର ରୋମାଞ୍ଚକର ଅନୁଭବ । ସେଇ ସ୍ମୃତିମାନଙ୍କୁ ମନେ ମନେ ଝୁରି ଆମେ ସମୟ ବିତଉ ।

ବଟଦାଦି କଲିକତା ଫେରିଯିବାର ଅନେକ ଦିନ ପର୍ଯ୍ୟନ୍ତ କିନ୍ତୁ ଆମ ଘରର ଅଗଣାରେ ବାସ୍ନା ତେଲ ଓ ସାବୁନର ସୁଗନ୍ଧ ଖେଳି ବୁଲୁଥାଏ । ଅନ୍ୟମାନଙ୍କ ଘର ତୁଳନାରେ ଆମ ଘର ଯେ ଅଧିକ ସମ୍ଭ୍ରାନ୍ତ ଓ ଆଧୁନିକ, ଏଇ କଥାଟି ପ୍ରଚାର କରୁଥାଏ ସେ ମହମହ ବାସ୍ନା । କ୍ରମେ ସେ ବାସ୍ନା ବି ପତଳା ହୋଇ ଆସେ ଏବଂ ଦିନେ ସକାଳୁ ଉଠିଲାବେଳକୁ ସେ ବାସ୍ନା ଜାଗାରେ ଆମ ଘରର ଅଗଣାକୁ ପୁରୁଣା ପରିଚିତ ଗୋବରଲିପା ସନ୍ତସନ୍ତିଆ ଗନ୍ଧ ଫେରିଆସିଥାଏ ।

ସେତିକିବେଳେ ମୁଁ ଘର କୋଣରେ ମୋ ସ୍କୁଲ୍ ବ୍ୟାଗ୍ ଭିତରେ ସାଇତିଥିବା ସେଇ ଅପୂର୍ବ କଣ୍ଢେଇଟିକୁ ଖୋଲି ଦେଖେ । କାଚର ମହାରାଜା ବଡ଼ ବଡ଼ ନିଶ ଫୁଲେଇ ମୋତେ ଚାହାନ୍ତି । ମୁଁ ତାକୁ ସିନ୍ଦୁକ ଉପରେ ଥୋଇ ଟିକେ ଦୂରଛଡ଼ା ହୋଇ ଚାହେଁ । ତା'ପରେ ତାକୁ ବୁଲେଇ ଧରେ । ଆଶ୍ଚର୍ଯ୍ୟ ଭାବେ ମହାରାଜାଙ୍କ ଚେହେରା ଏଥର ବଦଳିଯାଏ । ଚାହୁଁ ଚାହୁଁ ଖୋଦ୍ ମହାରାଜା ପାଲଟିଯାଆନ୍ତି ଗୋଟେ କାନ୍ଦୁରା ବଣମଣିଷ । ମୁଁ ମୋର ନୂଆ ଆବିଷ୍କାରରେ ପାଗଳ ହୋଇଯାଏ । କିନ୍ତୁ କଣ୍ଢେଇଟିକୁ ସ୍କୁଲ୍‌କୁ ନେବାର ବୋକାମି କରେ ନାହିଁ । ନଣ୍ଡା ଓ ବଗୁଲିଙ୍କ ଉପରେ ଭରସା ନାହିଁ - ହିଂସୁକ ଗୁଡ଼ାକ, ତଳେ ପକେଇ ଭାଙ୍ଗିଦେବେ ।

ଯେତେ ଚେଷ୍ଟା କଲେ ମଧ ନିଜ ଭିତରେ ଏ ଅଦ୍ଭୁତ ଆବିଷ୍କାରର ପୁଲକ ମୁଁ ବେଶି କାଳ ଛପେଇ ରଖିପାରେ ନାହିଁ । ଦିନେ ଏମିତି ସାଙ୍ଗମେଳରେ ଗପୁ ଗପୁ ଆଉ କେହି ପଚାରିବା ଆଗରୁ ମୁଁ ନିଜେ ହିଁ ଅଦ୍ଭୁତ କଣ୍ଢେଇର କଥା କହିଦିଏ । ତା'ପରଠୁ ବଗୁଲି, ନଣ୍ଡା ଓ ଯେତେସବୁ ସାଙ୍ଗ ମୋ ପିଛା ଲାଗିଯାଆନ୍ତି । ଆଚାର, କାଚଗୋଲି, ସିଗ୍ରେଟ୍ ଖୋଳ, ଗୋଲ ଖଡ଼ିପଥର ଓ କାଗଜ ତିଆରି "ଦିନରାତି' ଖେଳସବୁ ମୋତେ ଯାଚନ୍ତି । ମୁଁ ସେମାନଙ୍କୁ ସମୟ ଦିଏ, ଛୁଟିଦିନ ଖରାବେଳେ ଆସିବ । ମୁଁ ତୁମମାନଙ୍କୁ ମୋ କଣ୍ଢେଇ ଦେଖେଇବି ।

ଘରକୁ ଫେରିଆସି କିନ୍ତୁ ମୁଁ ଖୁବ୍ ପସ୍ତାଏ । କାହିଁକି ଏମାନଙ୍କୁ ମୋ କଣ୍ଢେଇ କଥା କହିଲି ! ମନେ ମନେ ପୁଣି ନାନା ପ୍ରକାର ଯୋଜନା କରେ । କହିଦେବି, ମୋ ବୋଉ କୋଉଠି ଲୁଚେଇ

ଦେଇଛି, ମୁଁ ପାଉନାହିଁ । ନ ହେଲେ କହିଦେବି, ଗେହ୍ଲାଦେଇ ହାତରୁ ପଡ଼ି ମୋ କଣ୍ଢେଇ ଭାଙ୍ଗିଯାଇଛି ।

କିନ୍ତୁ ଭାଙ୍ଗିଯିବା କଥାଟା ମନକୁ ଆସିଲାକ୍ଷଣି ମୁଁ ଦୁଃଖରେ ଭାଙ୍ଗିପଡ଼େ । ନା, ନା, ସ୍ୱପ୍ନରେ ସୁଦ୍ଧା ମୁଁ ସେକଥା ଭାବିପାରିବି ନାହିଁ ।

ସେତେବେଳକୁ ଏଇ କାଚକଣ୍ଢେଇ ଭିନ୍ନ ବଟଦାଦି ଛାଡ଼ିଯାଇଥିବା ଆଉ କୌଣସି ଚିଜ ମୋ ପାଖରେ ନ ଥାଏ । ଅତି ଯତ୍ନରେ ସାଇତିଥିବା ଅରଖ ନୂଆ ଟଙ୍କିକିଆ ନୋଟ୍‌ଟି ସୁଦ୍ଧା କେତେବେଳେ ମିଶ୍ରି ମୁଣ୍ଡାଏ ବିନିମୟରେ କାଶୀନନା ଦୋକାନର ତହବିଲ୍‌କୁ ଚାଲିଯାଇଥାଏ ।

ଯାହା ରହିଥାଏ, ତାହା କେବଳ ଚକ୍‌ଚକ୍ କରୁଥିବା ମୋର କାଚ କଣ୍ଢେଇ - ଏପଟୁ ମହାରାଜା, ସେପଟୁ ବଣମଣିଷ ।

।। ଦୁଇ ।।

ଅଳକା ଡାକିଲା, କ'ଣ ସେତିକିବେଳୁ ବସି ଭାବି ହେଉଛ? ପିଲାଲୋକ, ସେ କ'ଣ ଜାଣିଶୁଣି ଏ କାମ କରିଛି?

ଅଳକା ଲୁନାର ଅଣହୁସିଆରି କଥା କହୁଥିଲା । ପଚାରୁଥିଲା, ରଜକୁ ତୁମେ ଗାଁକୁ ଯିବ ନା ନାହିଁ ?

ମୁଁ କାଚ କଣ୍ଢେଇର ଟୁକୁଡ଼ାମାନଙ୍କୁ ଚାହିଁଥିଲି ।

ପ୍ରତିଟି ଟୁକୁଡ଼ା ଭିତରେ ମୋତେ ଦିଶିଯାଉଥିଲା ଦି' ଦିଇଟି ମୁହଁ - ରାଜା ଓ ବଣମଣିଷ, ବଣମଣିଷ ଓ ରାଜା । ଏବଂ ବଟଦାଦିଙ୍କ ସହ ଶେଷ ସାକ୍ଷାତର ସ୍ମୃତି ।

ମାଟ୍ରିକ୍ ପରୀକ୍ଷା ସରିଯାଇଥିଲା । ଭଲ ହେଉ କି ଖରାପ ହେଉ, ମାଟ୍ରିକ୍‌ଟା ଯେ ପାସ୍ କରିଯିବି, ସେ ନେଇ ବେଶ୍ ନିଶ୍ଚିତ ଥାଏ ମୁଁ । ସେଥିପାଇଁ ଫୁଲ୍ ପ୍ୟାଣ୍ଟ ଓ ସାର୍ଟ ପାଇଁ ମୋର ଦାବିଟିକୁ ମୁଁ ବାରମ୍ବାର ଦୋହରାଉଥାଏ, ମାତ୍ର ବାପା ଏବଂ ବୋଉ "ବଟଦାଦି ଆଣିବେ' କହି କଥାଟାକୁ ଟାଳି ଦେଉଥାନ୍ତି ।

ସେତିକିବେଳେ ସନାତନ ସାର୍ କଲିକତା ବାହାରିଲେ । ବୋଉକୁ କହିଲି, ମୁଁ ବି ସାର୍‌ଙ୍କ ସାଙ୍ଗରେ କଲିକତା ବୁଲିଆସିବି । ବଟଦାଦିଙ୍କଠୁଁ ମୋର ପ୍ୟାଣ୍ଟ ସାର୍ଟ ନେଇ ଆସିବି ।

ବହୁ ଯୁକ୍ତିତର୍କ, ରାଗରୁଷା ଓ ଶେଷକୁ ସନାତନ ସାର୍‌ଙ୍କ ହସ୍ତକ୍ଷେପ ପରେ ବୋଉ ମୋ କଥାରେ ରାଜି ହୋଇଥିଲା । ବଟଦାଦିଙ୍କ ଠିକଣା ଲେଖାଥିବା ଗୋଟିଏ ପୋଷ୍ଟକାର୍ଡ ସେ ସାର୍‌ଙ୍କ ହାତରେ ଧରେଇଥିଲା, ଯେଉଁଟାର ପ୍ରଥମ ବାକ୍ୟ ଥିଲା "ଆମ କୁଶଳକୁ ମା' ଦକ୍ଷିଣକାଳୀ ସାହା, ତୁମ ଭଲମନ୍ଦକୁ ବାବା ଚନ୍ଦ୍ରଶେଖର ମହାଦେବ ସାହା ହୋଇଥାଆନ୍ତୁ ।'

ସନାତନ ସାର୍‌ଙ୍କ ସହ ହାୱଡାରେ ଓହ୍ଲେଇଲା ବେଳକୁ ସେଇ ମାତ୍ର ସକାଳ ସିନ୍ଦୂରା ଫାଟି ଆସୁଥାଏ । ସନାତନ ସାର୍ କହିଲେ, ପ୍ରଥମେ ଆମେ ଶ୍ୟାମବଜାର ଯିବା ଓ ତା'ପରେ ଉପରଓଳିକି ବାରାସତ୍ ।

କଲିକତା ବିଷୟରେ ସବୁକିଛି ଜାଣିଥିଲା ପରି ମୁଁ କହିଲି, "ଦମ୍ ଦମ୍ ଦେଇ ଯିବା ତ?'

: ହଁ, ହଁ । ତେବେ ଦମ୍‌ଦମ୍ ବାଁ ପଟକୁ ରହିଯିବ ।

ଉପରଓଳି ଆମେ ଦୁହେଁ ଯାତ୍ରୀ ଖୁନ୍ଦାଖୁନ୍ଦି ଗୋଟାଏ ବସ୍‌ରେ ଯାଇ ବଟଦାଦିଙ୍କ କମ୍ପାନି ପାଖରେ ପହଞ୍ଚିଲା ବେଳକୁ ବେଳ ଗଡ଼ିଗଲାଣି । ଡାଆଣିଆ ଖରା ରାସ୍ତା ଉପରେ ବିଛେଇ ହୋଇ ପଡ଼ିଥାଏ । ସନାତନ ସାର୍ ମୋତେ ହୁସିଆର କରିଦେଲେ, "ଓହ୍ଲେଇଲା ବେଳେ ହୁସିଆରିରେ ଓହ୍ଲେଇବୁ । ଏମାନଙ୍କର ଦୟା ମାୟା ନାହିଁ ।"

ବାରାସତ୍ ଆସିବାର ପନ୍ଦର ମିନିଟ୍ ଆଗରୁ ମୁଁ ନିଜକୁ ବସ୍‌ରୁ ଓହ୍ଲେଇବା ନିମନ୍ତେ ସଜିଲ କରି ରଖିଥିଲି । ସନାତନ ସାର୍ କହିଲେ, "ସାବାସ୍, ଏତେ ଦିନେ ତୋର ଡିଆଁକୁଦା କାମରେ ଆସିଲା ।"

ବଟଦାଦିଙ୍କ ହାତଲେଖା ପୋଷ୍ଟକାର୍ଡରୁ ଠିକଣା ପଢ଼ି ତାଙ୍କ କମ୍ପାନି ଖୋଜି ପାଇବା ପାଇଁ ଆମକୁ ବେଶ୍ ସମୟ ଲାଗିଥିଲା । ରାସ୍ତାସାରା ଗାଡ଼ିମଟର ହାଉଯାଉ । ଘଡ଼ିକି ଘଡ଼ି ଗୋଟାଏ ପରେ ଗୋଟାଏ ଉଡ଼ାଜାହାଜ ଗଛ ଅଠାରେ ଘଷିହେଲା ପରି ମୁଣ୍ଡ ଉପରେ ଉଡ଼ିଯାଉଥାଆନ୍ତି । ଏତେ ପାଖରୁ କୌଣସି ଦିନ ଉଡ଼ାଜାହାଜକୁ ଦେଖି ନ ଥିବାରୁ ମୁଁ ବାରମ୍ବାର ତଳକୁ ନ ଚାହିଁ ଉପରକୁ ଚାହୁଁଥାଏ । ବଟଦାଦି ସତ କହିଥିଲେ, ଆମ ଗାଁର ଶଗଡ଼ ସଂଖ୍ୟାଠୁ ଦମ୍‌ଦମ୍‌ର ଉଡ଼ାଜାହାଜ ସଂଖ୍ୟା ବେଶି ।

ସନାତନ ସାର୍ ମୋତେ ଆକଟ କରିଥିଲେ, "ତଳକୁ ଚାହିଁ ଚାଲ୍ । ନ ହେଲେ ପଡ଼ିଯିବୁ । ଏଠିକାର ଗାଡ଼ି ମଟର କଥା ଦେଖୁଛୁ ତ!"

ସାର୍ ଠିକ୍ କହୁଥିଲେ । ସେତେବେଳକୁ ଆମ ଘଣ୍ଟେଶ୍ୱର ଅଞ୍ଚଳକୁ ବସ୍‌ଟେ ଯିବା ଥିଲା ଦୁରୂହ ସ୍ୱପ୍ନ । ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଯା-ଆସ କରୁଥିବା ବସ୍‌ଗୁଡ଼ିକ ଗଦି ଛକ ପାଖରେ ହିଁ

ଆମ ଗାଁ ଲୋକଙ୍କୁ ଓହ୍ଲେଇ ଦେଉଥିଲେ । ସେଇଠୁ ଲୋକମାନେ ଚାଲି ଚାଲି ନ ହେଲେ ସାଇକେଲ୍ ରିକ୍ସାରେ ବସି ଆଠ ମାଇଲ୍ ବାଟ ଯାଉଥିଲେ ।

ଅବଶେଷରେ ଆମେ "ଟି.କେ.ପାଲ୍, ଏମ୍.ଏଫ୍.କୋ.', ଅଫିସ୍ ଟି ପାଇଗଲୁ । ସନାତନ ସାର୍ ବୁଝେଇଥିଲେ "ଏମ୍.ଏଫ୍. ... ମାନେ ମାନୁଫାକ୍ଚରିଂ... ମାନେ ତିଆରି', ବୁଝୁଛୁ ତ? ସାର୍ଙ୍କ ବୁଝେଇବା ଭଙ୍ଗୀଟି ସବୁଦିନେ ଏମିତି । ସେଭଳି ଆଗ୍ରହ ଆଗରେ ସ୍ଥାନ, କାଳ, ପାତ୍ର ବିବେଚନା ଅପ୍ରାସଙ୍ଗିକ ।

ମାତ୍ର କମ୍ପାନି ଅଫିସ୍‌ରେ ବଟଦାଦି ନ ଥିଲେ ।

: ଓଇ କାଜେର୍ ଜାଗାଏ ଥାକ୍‌ବେ । ଜଣେ ବୁଢ଼ାଲୋକ ଚେଁଚେଇଁଆ ସ୍ୱରରେ ଓ ବଙ୍ଗାଳୀ ଭାଷାରେ ଆମକୁ ବତେଇଥିଲା ।

: ଆମି ନତୁନ୍ ମାନୁଷ... ।

ସନାତନ ସାର୍ଙ୍କ ସ୍ୱର ଶୁଣି ମୁଁ ବିସ୍ମିତ ହୋଇଥିଲି ଓ ସେଇଠି ହିଁ ମୁଁ ଆମ ସାର୍ଙ୍କର ବଙ୍ଗଳା କହିପାରିବାର ଦକ୍ଷତାର ଚାକ୍ଷୁଷ ପରିଚୟ ପାଇଥିଲି ।

ଭଦ୍ରଲୋକ କହିଥିଲେ, "ଏଇ ଯେ ପାଶେଇ । ଏକ୍‌ଟୁ ଆଗେ ବାଏଁର ଦିକେ ଯାବେନ୍ । ତାର୍ପର୍ ଡାନ୍ ଦିକେ ଖୁବ୍ ବଡ଼ ଏକଟା ଲୋହାର୍ ଗେଟ୍ । ସେଟାଇ ଆମାର ଫାକ୍ଟରୀ ।"

: ବାଁ ଡାହାଣ, ଡାହାଣ ବାଁ ହୋଇ ବଟଦାଦିଙ୍କ ଫ୍ୟାକ୍ଟରୀ ପାଖରେ ପହଞ୍ଚିଲା ବେଳକୁ ସଞ୍ଜ ହୋଇ ଆସୁଥାଏ । କିନ୍ତୁ ରାସ୍ତାଘାଟ ତଥାପି ପରିଷ୍କାର ଦିଶୁଥାଏ । ଭଦ୍ରଲୋକ ଠିକ୍ କଥା କହିଥିଲେ । ଟି.କେ. ପାଲ୍. ବ୍ରିକ୍.ଏମ୍.ଏଫ୍.କୋ.ର କାରଖାନା ସାମ୍ନାରେ ଦିଶୁଥିଲା ଗୋଟେ ପ୍ରକାଣ୍ଡ ଲୁହାର ଫାଟକ ।

କିନ୍ତୁ ଏତେ ବଡ଼ ହତା ଭିତରେ ବଟଦାଦି କୋଉଠି ଥିବେ ? ମୁଁ ସତେ ଅବା ସେଇ ନୂଆ ଜାଗାଟାରେ ହଜିଯାଉଥିଲି । ସେତେବେଳେ ମୋ ବୋଉର ଆଶଙ୍କା ମୋର ମନେପଡୁଥିଲା- କଲିକତା ଏତେ ବଡ଼ ଜାଗା, ଯୋଉଠି ହାତୀ ବି ହଜିଯିବ । ମୋ କଥା କିଏ ପଚାରେ !

ବଟଦାଦିଙ୍କୁ ଠାବ କରିବା ପାଇଁ ବେଶ୍ ସମୟ ଲାଗିଥିଲା । ସମୟ ଯେତିକି ବିଳମ୍ବ ହେଉଥାଏ ମୋ ମନର ଉଦ୍‌ବେଗ ଓ ଉତ୍ତେଜନା ସେତିକି ସେତିକି ବଢ଼ି ଚାଲିଥାଏ । ବଟଦାଦି ମୋତେ ଦେଖି କେମିତି ଆଶ୍ଚର୍ଯ୍ୟରେ ଚାହିଁବେ, ତା'ପରେ ମୋତେ କୁଣ୍ଢେଇ ପକେଇବେ ଏବଂ ସେଇ ସୁଯୋଗ ଦେଖି ମୁଁ ମୋର ସୁଟ୍ ଓ ବୁଟ୍ କଥା କହିବି, ସେ କଥା ଚିନ୍ତା କରି କରି ମୁଁ ବ୍ୟସ୍ତ ହୋଇପଡୁଥାଏ ।

ବଟଦାଦି ହୁଏତ ମୋତେ ରେଡିମେଡ୍ ପୋଷାକ କିଣିନେବା ପାଇଁ କହିବେ । କିନ୍ତୁ ମୁଁ ସେଥିରେ ରାଜି ହେବି ନାହିଁ । ମୁଁ ନିଜ ମାପରେ କଲିକତା ଟେଲରିଂ ମାଷ୍ଟର୍ ଦୋକାନରେ ସୁଟ୍ ବନେଇବି । ତାହା ନ ହେଲେ ମୁଁ କଲିକତା ଆସିଛି କାହିଁକି ?

ଏବଂ ସମ୍ଭବ ହେଲେ ଗେହ୍ଲାଦେଇର ମାଗୁଣି କଥା ବି ବଟଦାଦିଙ୍କୁ କହିବି । ତା'ର ବି ମୋ ପରି ଗୋଟେ କାଚ କଣ୍ଢେଇ ଦରକାର । କିନ୍ତୁ ସେ ରାଜା ଆଉ ବଣମଣିଷବାଲା କଣ୍ଢେଇ ନେବ ନାହିଁ । ରାଣୀ ଓ ଠେକୁଆବାଲା କଣ୍ଢେଇ ନେବ । କାହିଁକି ନା ତାକୁ ନିଶୁଆ ରାଜା ଓ ବଣମଣିଷ ଯୋଡ଼ିକ ଯାକ ଡରେଇ ଦିଅନ୍ତି ।

ଗେହ୍ଲାଦେଇର ପ୍ରସ୍ତାବ ଶୁଣିବା ବେଳେ ମୁଁ ତା' ଉପରେ ଚିଡ଼ିଥିଲି - ହ୍ୟାପ୍, ଡରକୁଳୀ । କଣ୍ଢେଇ କ'ଣ କାହାକୁ କାମୁଡ଼ି ପକାଏ?

କିନ୍ତୁ ସେ କଥାଟି ପଛକୁ କହିବି । ହେଲେ ଭଲ, ନ ହେଲେ ଭଲ । ଗେହ୍ଲାଦେଇର କଣ୍ଢେଇ କଥା ଆଗ କହି ମୁଁ ମୋ ନିଜର ସୁଟ୍ ଓ ବୁଟ୍ କଥାଟାକୁ ହାଲୁକା କରିଦେବା ପାଇଁ ଚାହୁଁ ନ ଥିଲି ।

: ଏଇ ଯେ ବଟକୃଷ୍ଣ! ବଙ୍ଗଳାରେ ଏତକ କହି ସାମ୍ନାର ଗୋଟେ ଅଦ୍ଭୁତ ଜନ୍ତୁକୁ ସନାତନ ସାର୍ ଚିହ୍ନେଇ ଦେଲେ । ମୁଁ ଆବା କାବା ହୋଇ ଚାରିଆଡ଼କୁ ଚାହିଁ ଖୋଜିହେଲି; କାହାନ୍ତି, ବଟଦାଦି କାହାନ୍ତି? ଦେହ ହାତ କାଦୁଅ ବଲବଲ, ମୁହଁସାରା ଧୂଳି, ମୁଣ୍ଡ ଉପରେ ମଳିଛିଆ ଠେକା, ଦେହରେ ଆଣ୍ଠୁ ଲୁଚୁ ନ ଥିବା ଗୋଟେ ପଟାରିଆ ଗାମୁଛା, ପାଦରେ କୋଉକାଳର ଛିଣ୍ଡା ଚପଲ ଓ ହାତରେ ଝୁଡ଼ିଟାଏ ଧରି ଏ କିଏ ଠିଆ ହୋଇଛି? ମୁଁ ଯୁଗପତ୍ ବିସ୍ମୟ ଓ ଅପ୍ରସ୍ତୁତ ଭାବ ନେଇ ଲୋକଟାକୁ ବଲବଲ କରି ଚାହିଁଥିଲି । ଜାଣିନି, ସେମିତି କେତେ ସମୟ ବିତିଯାଇଥିଲା । ସନାତନ ସାର୍ ମୋ ମୁଣ୍ଡ ହଲେଇ ଦେଇ କହିଥିଲେ, "କିରେ, ତୋ ବଟଦାଦିଙ୍କୁ ଚିହ୍ନିପାରୁନାହୁଁ କି? ନମସ୍କାର କରୁନୁ!"

ତଥାପି ମୁଁ ବଟଦାଦିଙ୍କୁ ଚିହ୍ନିପାରୁ ନ ଥିଲି । ମୋ ଆଖିରେ ଗୋଟେ ଧୋବଫରଫର ଧୋତି, କୁର୍ତ୍ତା ପିନ୍ଧା ଯୁବକର ଚେହେରା ନାଚିଯାଉଥିଲା, ଯାହା କାନ୍ଧରେ ପଡ଼ିଥାଏ ନାଲିଗାମୁଛା । ତା' ମଥାରୁ ବାସ୍ନା ତେଲର ଭୁରୁଭୁରୁ ଗନ୍ଧ



ଭାସିଆସୁଥାଏ । ସାର୍ଟ ପକେଟ୍‌ରେ ଚକଚକିଆ ସିଗ୍ରେଟ୍ ଖୋଳ, ବାଁ ପକେଟ୍ରେ କଲ ଦିଆଶିଲି । ଯିଏ ରାସ୍ତାରେ ଚାଲିଗଲେ ଫୁଲ ଛାଡ଼ି ଆମ ଗାଁର ବୋକା ପ୍ରଜାପତିମାନେ ତାଙ୍କ ପଛରେ ଧାଆଁନ୍ତି । ଇଏ କ'ଣ ସେହି କୁହୁକ ମଣିଷ ବଟଦାଦି !

ବଟଦାଦି ପାଖ ପାଣିକଳରେ ଗୋଡ଼ ହାତ ଧୋଇବା ଲାଗି ଯାଉଥିଲେ । ତାଙ୍କ ଆଗରେ ଓ ପଛରେ ତାଙ୍କରି ପରି ମାଟି ସାଲୁବାଲୁ ଇଟାଖୁଲାର ମଣିଷମାନେ ଛିଡ଼ା ହୋଇଥିଲେ । ବଟଦାଦି ମୁଣ୍ଡରୁ ଠେକାଟା ଖୋଲିଦେଇ ଓଦା ସରସର, ରୁମ ସାଲୁବାଲୁ ମୁହଁହାତ ପୋଛି ହେଉଥିଲେ । ଦେହସାରା ତାଙ୍କର ଧୂଳି ଓ କାଦୁଅ । କୋଉକାଳୁ ଖିଅର ହୋଇ ନ ଥିବା ରୂଢ଼ ସାଲୁବାଲୁ । ସେହି ବେଶରେ ବଟଦାଦି ଦିଶୁଥିଲେ ଅପେରା ପ୍ୟାଣ୍ଡେଲ୍‌ର ରାଜା ନୁହେଁ, ଛବି ବହିର ବଣମଣିଷ ପରି ।

ପରଦିନ ସକାଳୁ ତାଙ୍କର ନୁଆଁଣିଆ ବସାଘରୁ ବିଦା ହୋଇ ଆସିବା ବେଳେ ବଟଦାଦି ମୋତେ କେତେ କ'ଣ ପଚାରିଥିଲେ । ମାତ୍ର ବହୁ ଚେଷ୍ଟା କରି ସୁଦ୍ଧା ମୁଁ ତାଙ୍କ ଆଗରେ ମୋ ପ୍ୟାଣ୍ଟ ସାର୍ଟ କଥା କହିପାରି ନ ଥିଲି । ତାଙ୍କର ସବୁଯାକ ପ୍ରଶ୍ନର ଉତ୍ତର କେବଳ ହଁ ଓ ନା'ରେ ଦେଇ ମୁଁ ଫେରି ଆସିଥିଲି । ସନାତନ ସାର୍ ଶ୍ୟାମବଜାରରେ ଓହ୍ଲାଇ ନିଜକୁ ନିଜେ ଉତ୍ତର ଦେବା ପରି କହୁଥିଲେ, "ଏଇ ତ ସୁବାଷ ଚୌକ୍ । ହାଓଡା ପଟକୁ ବସ୍ ସେପଟେ ମିଳିବ ।'

ମୁଁ କିନ୍ତୁ ଚୁପ୍‌ଚାପ୍ ଥିଲି । ମୋ ମୁଣ୍ଡ ଭିତରେ ମୋର କାଚ କଣ୍ଢେଇକୁ କିଏ ବାରମ୍ବାର ଏପଟ ସେପଟ, ଏପଟ ସେପଟ କରି ଘୂରଉଥିଲା । ଲାଗ୍ ଲାଗ୍ ହୋଇ ଗୋଟେ ରାଜା ଓ ବଣମଣିଷର ମୁହଁ ମୋ ଆଖି ସାମ୍ନାରେ ନାଚି ଯାଉଥିଲା ।

ସନାତନ ସାର୍ ପଚାରିଥିଲେ, "ଦେହ ଭଲ ନାହିଁ କିରେ, ଏମିତି ଚୁପ୍‌ଚାପ୍ ରହିଛୁ ଯେ!'' ମାତ୍ର ମୁଁ କିଛି କହି ନ ଥିଲି । ପକେଟ୍ ରେ ହାତ ପୂରେଇ ମୁଁ ଘରୁ ଆଣିଥିବା ମୋ ଚାହିଦାର ଚିଠାଟାକୁ ମୋଡ଼ି ମକଚି ଦେଲା ପରି କେହି ଜଣେ ମୋର ସ୍ୱପ୍ନ ଏବଂ କଳ୍ପନାକୁ ଭିତରେ ମୋଡ଼ିମକଚି ଦେଉଥିଲା ।

ଘରକୁ ଆସିବା ବାଟରେ ସନାତନ ସାର୍ ତାଙ୍କ ଗାଁରେ ରହିଯାଇଥିଲେ । ମୁଁ ଫେରିଆସିଥିଲି ଆମ ଘରକୁ । ବୋଉ ଦଉଡ଼ି ଆସି ମୋତେ କୁଣ୍ଢେଇ ପକେଇଥିଲା; କାହିଁକି ନା, ଯା' ଆଗରୁ କେବେ ତାକୁ ଛାଡ଼ି ମୁଁ ଏତେ ଦୂର ଯାଇ ନ ଥିଲି । ଖୁଡ଼ୀ ଧାଇଁଆସି ମୋ ପଛରେ ଛିଡ଼ା ହୋଇଥିଲେ । ଗେହ୍ଲାଦେଇ ତରବର ହୋଇ ମୋର ବ୍ୟାଗ୍ ଦରାଣ୍ଡୁଥିଲା ।

ମାତ୍ର ମୋ ଭିତରେ କୌଣସି ଉତ୍ତେଜନା ନ ଥିଲା ।

ବୋଉ ପଚାରିଥିଲା, "କିରେ ବଟଦାଦି ଦେଖା ହେଲେ ନାହିଁ କି? କ'ଣ କହୁଥିଲେ? କେବେ ଆସିବେ?'

ମୁଁ ଚିଡ଼ିଉଠିଲି, "ତୁ ତ ଶୀଘ୍ର ଫେରି ଆସିବାକୁ କହିଥିଲୁ । ମତେ କାହିଁକି ପଚାରୁଛୁ? ସନାତନ ସାର୍‌ଙ୍କୁ ପଚାରି ବୁଝିବୁ ।'

ଅଳକା କାଚ କଣ୍ଢେଇର ଟୁକୁଡ଼ାମାନଙ୍କୁ ଅଳିଆଗଦାରେ ପକେଇ ଦେବା ଲାଗି ଗୋଟେଇ ନେଉଥିଲା । ମୋତେ ଚାହିଁ ପଚାରିଲା, ""କଣ୍ଢେଇଟା ଭାଙ୍ଗିଗଲା ବୋଲି ବିରକ୍ତ ହେଉଛ, ନୁହେଁ? ପୁରୁଣା ଜିନିଷ ଭାଙ୍ଗିଗଲେ ମନ ସତରେ କଷ୍ଟ ହୁଏ ।''

ମୁଁ ତାକୁ କିଛି କହିଲି ନାହିଁ । ମୋ କଣ୍ଢେଇ ତ ସେଇଦିନ ସେଇ ବାରାସତ୍‌ରେ ଭାଙ୍ଗିଯାଇଥିଲା । ଅଳକାକୁ ସେ କଥା କହି ଲାଭ କ'ଣ?



**ଗୌରହରି ଦାସ**

Dr. Gourahari Das , a front-liner among Indian authors writing in Odia, Gourahari Das is not only a fictionist, playwright, critic and poet but a Media-academician and a leading journalist. Dr Gourahari Das was felicitated with prestigious Sarala Puraskar this year. Gourahari Das was also named as recipient of the Sahitya Akademi Translation Prize for the year 2021 for ‘Chheli Chareibara Dina’ — his Odia translation of Malyalam novel ‘Aadujeevitham’ (Goat Days) by Uday Parkash



# କାନ୍ତ-କାନ୍ତା

ଡ. ଛତି ସାମନ୍ତ

ସକାଳୁ ସକାଳୁ ନିଦ ଭାଙ୍ଗିଲା ରଙ୍ଗୀଖୁଡ଼ୀଙ୍କ ପାଟିରେ । ଗାଳି କରୁଥିଲେ ସେ କମଳକକାଙ୍କୁ । ଅବଶ୍ୟ ଏ କଥା ଯେ ନୂଆ, ସେ କଥା ନୁହେଁ । ସବୁଦିନିଆ ଅଭ୍ୟାସ ଏଇଟା ରଙ୍ଗଖୁଡ଼ୀଙ୍କର । ଆଉ ବର୍ଷବର୍ଷ ଧରି ତାଙ୍କ ପାଟିଶୁଣି ସକାଳୁ ନିଦ ଭାଙ୍ଗିବା ବି ଆମର ଗୋଟେ ନିତିଦିନିଆ ଅଭ୍ୟାସ ।

ତେବେ ଏଇ କିଛିଦିନ ହେବ ଟିକିଏ ବ୍ୟତିକ୍ରମ ଦେଖା ଦେଇଥିଲା । ଏଥର ଗାଁକୁ ଆସିବାପରେ ରଙ୍ଗୀଖୁଡ଼ୀ ଆଉ ଆଗଭଳି ବଡ଼ ପାଟିରେ କକାଙ୍କୁ ଗାଳି କରୁନାହାନ୍ତି ବୋଲି ବୋଉ କହି ଦେଇଥିଲା । କାରଣ ବି ଥିଲା । ଡାକ୍ତର ମନା କରିଥିଲେ । ଜୋର୍ ଦେଇ କହିଥିଲେ, ବଡ଼ ପାଟି କଲା ମାନେ ଜୀବନ ପ୍ରତି ବିପଦ ଅଛି । ଡାକ୍ତରଙ୍କ କହିବା ପରେ, ସମସ୍ତେ ଜୋର୍‌କରି ବୁଝେଇବାରୁ ରଙ୍ଗୀଖୁଡିଙ୍କର ନିତିଦନିଆ ଅଭ୍ୟାସ ଟିକିଏ କମିଛି କୁଆଡେ । ଆଗଭଳି ବଡ଼ ପାଟି କରି ଆଉ ସାଇଭୂଇଁ କମ୍ପଉନାହାନ୍ତି ରଙ୍ଗୀଖୁଡ଼ି ।

"ବୋଉ! ଏଡ଼େ ପାଟିଟା କାହିଁ କରୁଛୁ କହିଲୁ? ଡାକ୍ତର ପରା କହଛିନ୍ତି, ପାଟି କଲେ ତୋ ଛାତିରେ ପବନ ଅଟକିଯିବ !" ସାଙ୍ଗରେ ଶୁଭିଲା ରଙ୍ଗୀଖୁଡ଼ୀଙ୍କ ସାନଝିଅ ସୁଲୀଦେଈର ତାଗିଦ୍ ।

"ନା, ମୁଁ କାହାରି କଥା ଶୁଣିବିନି । କିଏ ମୋର କ'ଣ କରିବ ଦେଖିବି । ଅଲ୍‌ବତ୍ ପାଟି କରିବି ଆଉ କରିବି । ଅଟକୁ କେମିତି ଅଟକୁଛି ପବନ ।" ଆଉ ଟିକିଏ ବଢ଼ିଗଲା ରଙ୍ଗୀଖୁଡ଼ୀଙ୍କର ପାଟି ।

ପୁଣିଥରେ ଆରମ୍ଭ କରିଦେଲେ ପୁରୁଣା ଅଭ୍ୟାସର ପୁନରାବୃତ୍ତି । ବଢ଼ିବଢ଼ି ଚାଲିଲା ରଙ୍ଗୀଖୁଡ଼ୀଙ୍କ ରଡ଼ି ।

"ପ୍ରକୃତି ଛାଡ଼ିବେନି ।"

କମ୍ବଳଟା ମୁହଁ ଉପରକୁ ଟାଣି ନେଇ ଆଉଟିକେ ଶୋଇବାକୁ ଚେଷ୍ଟା କଲି ମୁଁ ।

ନା'! ହେଲାନି !

ଆହୁରି ଆହୁରି ବଢ଼ିଚାଲିଲା ରଙ୍ଗୀଖୁଡ଼ୀଙ୍କ ରଡ଼ି । ସେ ରଡ଼ିରେ ସ୍ଥିର ହୋଇ ଶୋଇବା ସମ୍ଭବ ନୁହେଁ ଜମା ।

ଉଠି ପଡ଼ିଲି ମୁଁ ।

"ପୁଣି କାହିଁକି ଉଗ୍ରରୂପ ଧରିଲାଣି ଚଣ୍ଡି କେଜାଣି?" ବୋଉ ବି ଉଠି ପଡ଼ିଥିଲା ରଙ୍ଗୀଖୁଡ଼ୀଙ୍କ ପାଟିରେ ।

"ରଙ୍ଗୀଖୁଡ଼ୀଙ୍କର ଏଇ ଯୋଉ ବଡି ସକାଳୁ ପାଟି କରିବାଟା, ପାଟି ତ ନୁହେଁ ଗର୍ଜନ କରିବା ଅଭ୍ୟାସଟା ଭାରି ଖରାପ ସତରେ । ପିଲାଦିନରୁ ଦେଖି ଆସିଛୁ, ଆଜିଯାଏ ବି ସେଇ ଅଭ୍ୟାସ ଗଲାନି ତାଙ୍କର । ଯେତେବେଳେ ଘରକୁ ଆସ, ସକାଳୁ ତାଙ୍କରୀ ପାଟିରେ ନିଦ ଭାଙ୍ଗିବାଟା ଥୟ ।" ଚଦରଟା ଟାଣି ନେଇ ଆଉ ଥରେ ଆଖି ବନ୍ଦ କରିବାକୁ ଚେଷ୍ଟା କଲି ମୁଁ ।

"ହଉ ତୁ ଶୁଅ । ମୁଁ ଯାଏ ଓଳାଓଳି ଆରମ୍ଭ କରେ । ଏବେ ତ ଦାଣ୍ଡକୁ ଯିବାର ନାହିଁ । ଦେଖିଲେ ଏବେ ରଡ଼ିରଡ଼ି ମାଡ଼ି ଆସିବ ମୋ ଆଡ଼େ ।" ଉଠିଗଲା ବୋଉ ।

କିଛି ସମୟ ପରେ ରଙ୍ଗୀଖୁଡ଼ୀଙ୍କ ପାଟି ଆଉ ଶୁଭିଲାନି ।

"ଆଜି ଏତେ ଶୀଘ୍ର ଚୁପ ହୋଇଗଲେ କାହିଁକି କେଜାଣି ? ଯାହାହେଉ ଭଲ ହେଲା । ଭଲରେ ଟିକିଏ ଶୋଇପଡେ ।" କଡ଼ ଲେଉଟେଇଲି ମୁଁ ।

ହଠାତ୍ ନିଦ ଭାଙ୍ଗିଲା ମୋର, କାନ୍ଦ ବୋବାଳି ଶବ୍ଦରେ । ଧଡ଼ ପଡ଼ ହେଇ ଉଠି ପଡ଼ିଲି ମୁଁ ।

"ବୋଉ...! ଏ ବୋଉ...! ଏ କାନ୍ଦ ବୋବାଳି କୋଉଠି?"

"ରଙ୍ଗୀ ଘରୁ ଶୁଭୁଛି ତ! ଚାଲିଲୁ ଦେଖିବା!"

ତରବର ହୋଇ ଗଲୁ ଆମେ ରଙ୍ଗୀଖୁଡ଼ୀ ଘରକୁ ।

ରଙ୍ଗୀଖୁଡ଼ୀ ଆଉ ନ ଥିଲେ!

ରାହାବାଳୀର ରାହା ବନ୍ଦ ହୋଇଯାଇଥିଲା ସବୁଦିନ ପାଇଁ !

ଆଶ୍ଚର୍ଯ୍ୟ ହେବାର ବି ସେମିତି କିଛି ନ ଥିଲା ।

ରଙ୍ଗୀଖୁଡ଼ୀଙ୍କୁ ଧରି ପିଢ଼ା ଉପରେ ବସେଇଲା ସୁଲୀଦେଈ । ହଳଦି-ତେଲ ଲଗେଇ ଗାଧୋଇ ଦେଲେ ତାଙ୍କ ବୋହୂ ମିନୁଭାଉଜ, ସାଙ୍ଗରେ ଗାଆଁର ଆଉ ଖୁଡ଼ୀ, ଦେଠେଈମାନେ । ନୂଆଲୁଗା ପିନ୍ଧେଇ ଦିଆହେଲା ତାଙ୍କୁ । ଆଲୁରା ମାଲୁରା ହୋଇ ଓହଳି ପଡ଼ିଥିବା ଘନକଳା ଲମ୍ବାବାଳକୁ ତାଙ୍କର ଖୋଷା କରାହେଲା, ପାଦରେ ଅଳତା ଲଗାହେଲା, ଆଖିରେ କଜଳ ଲଗାହେଲା । କକାଙ୍କୁ ଧରି ଆଣିଲେ ତାଙ୍କ ବଡ଼ଭାଇଁ । ରଙ୍ଗୀଖୁଡ଼ୀଙ୍କ ସୁନ୍ଥାରେ ଡବାଏ ସିନ୍ଦୂର ଢାଳିଦେଲେ କକା । ଭାତ ଟିକିଏ ଆଣି ତାଙ୍କ ମୁହଁରେ ଲଗେଇଲେ ମିନୁଭାଉଜ । କୋକେଇ ବନ୍ଧା ସରିଥିଲା ବାହାରେ । ରଙ୍ଗୀଖୁଡ଼ୀଙ୍କୁ ଟେକି ନେଇ କୋକେଇରେ ଶୁଆଇଲେ ସମସ୍ତେ ମିଶି ।

ରାମନାମ ସତ୍ୟ ହେ......!

ହରି ନାମ୍ ସତ୍ୟ ହେ......!

ଭେଁ କରି କାନ୍ଦି ଉଠିଲା ସୁଲୀଦେଈ ।
କୋକେଇ ଉଠିଲା ରଙ୍ଗୀଖୁଡ଼ୀଙ୍କର । ଅହ୍ୟ ଡେଙ୍ଗୁରା ବାଜିଲା । କୋକେଇ ଆଗେ ଆଗେ ଖଇ-କଉଡ଼ି ବିଞ୍ଚିବିଞ୍ଚି ଚାଲିଲେ କକା ! ପୁଅ ଲିଟୁ, ଦୁଇ ଭାଇଁ, ଅନ୍ୟମାନେ କୋକେଇ କାନ୍ଧେଇ ଚାଲୁଥିଲେ । ପଛରେ ମିନୁଭାଉଜ ଗୋବର ପାଣି ପକେଇଲେ । ଆଉ ସୁଲୀଦେଈ ଝାଡୁ ମାରିମାରି ଚାଲିଲା ।

ସ୍ଥିର ହୋଇ ଠିଆ ହୋଇ ରହିଥିଲି ମୁଁ ଦାଣ୍ଡ ମଝିରେ ।

ଆଖି-ସାମ୍ନାରେ କ'ଣ ସବୁ ଘଟିଗଲା, ବିଶ୍ୱାସ ହେଉ ନ ଥିଲା ଯେମିତି ମୋର । ଲୋକଟା ଏଇ ସାଙ୍ଗେସାଙ୍ଗେ ଏଡ଼େ ପାଟିରେ ଗର୍ଜନ କରୁଥିଲା, ପୁଣି ଏଇ ସାଙ୍ଗେସାଙ୍ଗେ ଦୁନିଆ ଛାଡ଼ି ଚାଲିଗଲା? ଯଦିଓ ଏମିତି ଗୋଟେ କେବେ ଘଟିଯାଇପାରେ ବୋଲି ସମସ୍ତଙ୍କୁ ଜଣା ଥିଲା, ତେବେ ବି ବିଶ୍ୱାସ ହେଉ ନଥିଲା ।

"ମଝିଦାଣ୍ଡଟାରେ ହାଁ' କରି କାହିଁ ଠିଆ ହୋଇଛୁ? ଚାଲ ଗାଧେଇ ଆସିବା ।" ଆଖିରୁ ଲୁହ ପୋଛୁପୋଛୁ ହଲେଇଦେଲା ମୋତେ ବୋଉ ।

ଖୁଡ଼ୀ, ଦେଠେଈମାନେ ସବୁ ଠିଆ ହୋଇଥିଲେ ପଛକୁ । ଲୁହ ପୋଛି, ପଛକୁ ଫେରି ଖୁଣ୍ଟକୁ ଆଉଜି ଠିଆ ହେଲି ମୁଁ । ଆଗକୁ ଆଗେଇଗଲା ଶବାଧାର ରଙ୍ଗୀଖୁଡ଼ୀଙ୍କର ।

"ରାହାବାଳୀଟା କେଡେ ପୁଣ୍ୟ କରିଥିଲା ମ ସତେ ! ମହା ଧରମ-ମାସ କାର୍ତ୍ତିକ ମାସ, ପୁଣି ଆମ ଗାଆଁର ପ୍ରସିଦ୍ଧ ଠାକୁରାଣୀ ମା' କାଳୀଙ୍କ ପୂଜା ଚାଲିଛି । ମୁଣ୍ଡରେ ସିନ୍ଦୂର ନାଇ, ହାତରେ ଶଙ୍ଖା ପିନ୍ଧି ମଶାଣିକୁ ଗଲା ଅହ୍ୟ ଡେଙ୍ଗୁରା ବଜେଇ ! ଭାଗ୍ୟ କହିବ ଯାକୁଇ ଲୋ ମା' । ସିଧା ସରଗକୁ ଯାତ୍ରା!"

"ଯାହା କୁହ ପଛେ ରାହାବାଳୀଟା ଥିଲା ସିନା, କିନ୍ତୁ ମନ ଜମା ପେଞ୍ଚୁଆ ନ ଥିଲା ତା'ର । ଯାହା ମନକୁ ଆସୁଥିଲା, ଗଡ଼ଗଡ଼ କରି କହି ଚାଲି ଯାଉଥିଲା । ଡବଡବିଟା ।"

"ହଁ! ତା' ତ ସତ । କିନ୍ତୁ କେମିତି ଗର୍ଜନ କରେ କହିଲ ? କେତେ ପାଟି, କେତେ କଳି, କେତେ ଗର୍ଜନ !"

"ସଂସାରରେ ଆଉ କାହାକୁ ସିଏ କ'ଣ କହୁଥିଲା କି? ଯାହା କହୁଥିଲା, ସେଇ ଗେରସ୍ତକୁ ତ କହୁଥିଲା ।"

"ସାରା ଜୀବନ ତାକୁ ତ ଖାଇଲା । ପୁଣି ତାକୁଇ କହୁକହୁ ମରଣ ହେଲା ରାହାବାଳୀକୁ ।"

"ମରଣ ବୋଲି ମରଣ! ଏମିତିଆ ମରଣ କେତେଜଣଙ୍କ ଭାଗ୍ୟରେ ଜୁଟୁଥିବ କହିଲ? କଥା କହୁକହୁ ଧଡ୍ କରି ପଡ଼ିଲା, ଠକ୍ କରି ମଲା । ସକାଳେ ମୁଁ ଫୁଲ ନେଇ ଏବାଟେ ଗଲାବେଳେ ତା' ପାଟି ଶୁଣି ଯାଇଛି । ଟିକିଏ ପରକୁ

ନାତିଟୋକା ମୋର ଯାଇ କହିଲା, ରଙ୍ଗୀ ତା' ଅଗଣାରେ ଦୁମ୍ କରି କଚାଡ଼ି ହୋଇ ପଡ଼ିଲା । ତା'ପରେ ଶୁଣିଲି ରଙ୍ଗୀ ଚାଲିଗଲା । ଏମିତିଆ ମରଣକୁ ଭାଗ୍ୟ କହିବ ନାହିଁ, ଆଉ କ'ଣ କହିବ?"

ସାମ୍ନାରେ ବିଧବା ନ ସାଜିଛି ! ଧନ୍ୟ କହିବ ସେ ମାଇକିନିଆକୁ । ତମେ ସବୁ ଯାହା କୁହ ପଛେ, ମୁଁ ତ କହିବି, ସିଏ ସିନା ମଲା, କିନ୍ତୁ ଉଦ୍ଧାର ପାଇଲା ଜାଣ କମଳ । ଖାଉ କି ନ ଖାଉ, ବାକି ଯେତିକି ଦିନ ବଞ୍ଚିବ, ଟିକିଏ ଶାନ୍ତିରେ ରହୁ ।"



"ଆଉ ନୁହେଁ ତ କ'ଣ, ରୋଗ ବଇରାଗ ନାହିଁ କି କତରା ଧରିନାହିଁ ଚାଲିଗଲା ସିଏ ତା' ବାଟରେ; ପୁଅ, ଗେରସ୍ତ କାହାକୁ ହଇରାଣ ନ କରି । ଆମେ ଭାବୁଥିଲୁ ରାହାବାଳୀଟା ସବୁବେଳେ ଗେରସ୍ତଟାକୁ ଗାଳି ଦେଉଛି ତା' ଜୀବନ କେମିତି ଯିବ କେଜାଣି ? କିନ୍ତୁ ଦେଖ, କୋଉ ଜନମରେ କ'ଣ ଭଲକାମ କରିଥିଲା, ଏ ଜନମରେ ଅହ୍ୟ ସୁଲକ୍ଷଣୀ ହେଇ ଆରପୁରକୁ ଗଲା । ଧରମ ମାସରେ ସିଧା ସରଗ ଯାତ୍ରା ।"

ଖୁଡ଼ୀ-ଦେଠେଈମାନେ ପାପପୁଣ୍ୟର ସଂଜ୍ଞା ଦେଇ ଯୋଡୁଥିଲେ ରଙ୍ଗୀଖୁଡ଼ୀଙ୍କ ମରଣକୁ ।

"କେତେ ଆଉ ହଇରାଣ କରିଥାନ୍ତା ! ଜୀବନସାରା ସ୍ୱାମୀଟାକୁ ଯେତିକି କଲବଲ କରିଛି; ସେତକ କ'ଣ କମ୍ ପଡ଼ିଲା କି, ଆଉରି ତମେ ସବୁ କହୁଛ କାହାକୁ ହଇରାଣ କରିନି ? ଶିବଙ୍କୁ ବେଲପତ୍ର ଚଢ଼େଇବା ପଛେ ଦିନେ ବନ୍ଦ ହେବନାହିଁ; କିନ୍ତୁ ରଙ୍ଗୀର କମଳକୁ ଗାଳିଦବା କେବେ ବନ୍ଦ ହେଇଛି ? ଏଇ ଦି'ତିନି ମାସ ହେବ କି କ'ଣ ପାଟି ଟିକିଏ ବନ୍ଦ କରିଥିଲା । ସିଏ ପୁଣି ଡାକ୍ତରଙ୍କ ତାଗିଦାରେ ।"

"ତା'ବି କୋଉ ସମ୍ଭାଳି ହେଇ ରହିପାରିଲା ? ଯୋଉ କଥାକୁ ସେଇ କଥା । ପୁଣି ସେଇ ପୁରୁଣା ଅଭ୍ୟାସ ସକାଳୁ ସକାଳୁ ଆରମ୍ଭ କଲା । ଶେଷକୁ ମୂଳରୁ ଗଲା । କେତେ ଆଉ ସେ ଛାତି ସମ୍ଭାଳିଥାନ୍ତା?"

"ସ୍ୱାମୀଟା ବଞ୍ଚି ଥାଉଥାଉ କେତେଥର ସେ ମୁଣ୍ଡରୁ ସିନ୍ଦୂର ଲିଭେଇ, ହାତରୁ ଚୁଡ଼ି ଭାଙ୍ଗି, ଧଳାଲୁଗା ପିନ୍ଧି ସାଇପଡ଼ିଶାଙ୍କ

କଥା ଯୋଡ଼ିଲେ ଲତାଖୁଡ଼ୀ ।

ଲତାଖୁଡୀଙ୍କ କଥା ଶୁଣି ସମସ୍ତେ ମୁହଁ ଚାହାଁଚାହିଁ ହେଲେ ।

ରଙ୍ଗୀଖୁଡ଼ୀଙ୍କ ପଡ଼ିଶା ଲତାଖୁଡ଼ୀ । ସବୁବେଳେ ସେମିତି । ପାଟିରେ ବାଡ଼ବତା ନ ଥାଏ ତାଙ୍କର, ଗାଆଁସାରା ସମସ୍ତେ ତାଙ୍କୁ କହନ୍ତି ଅଗଲଟପୀଟା । ଆଗପଛ କିଛି ନ ଭାବି କହି ପକାନ୍ତି । ଏଥିପାଇଁ କେତେଥର ତାଙ୍କ ପିଲାମାନଙ୍କଠୁ ସେ ଗାଳି ବି ଶୁଣିଛନ୍ତି ।

ହଁ, ଲତାଖୁଡ଼ୀ କ'ଣ ବା ଭୁଲ୍ କହିଲେ । ଦେଠେଈମାନେ ତ ଏକାଠି ହେଲେ, ସବୁ ବଳେ ରଙ୍ଗୀଖୁଡ଼ୀଙ୍କ ବିଷୟରେ ଏଇଆ ହିଁ ଗପିଥାନ୍ତି । କିଏ କୁହେ ରାହାବାଳୀ ରଙ୍ଗୀ, କିଏ କୁହେ ଉଦଣ୍ଡୀ ରଙ୍ଗୀ । ଆଉ ପୁଣି କିଏ କୁହେ ଚଣ୍ଡୀ ! ଆଉ ଅଲଗା ଶବ୍ଦ ପ୍ରାୟତଃ କେହି ବ୍ୟବହାର କରିବାର ଦେଖାଯାଏନି ।

ସେଥର ଗାଁକୁ ଆସିଥିବା ବେଳେ ନମୁନାଟିଏ ଆଖିରେ ପଡ଼ିଥିଲା ରଙ୍ଗୀଖୁଡ଼ୀଙ୍କର । ସେ ଯେ ଏଭଳି ବି କରି ପାରନ୍ତି, ଆଖିକୁ ବିଶ୍ୱାସ କରିବା ବି ସହଜ ହେଉ ନ ଥିଲା । ସକାଳୁ ସକାଳୁ ତାଙ୍କ ବାହୁନା ଶୁଣି ନିଦ ଭାଙ୍ଗିଥିଲା ଆମମାନଙ୍କର । ଦୌଡ଼ାଦୌଡ଼ି ହୋଇ ପହଞ୍ଚିଥିଲୁ ତାଙ୍କ ଘରେ ଆମେ । ଆଉ ଯାହା ଦେଖିଥିଲୁ...!

କପାଳରେ ସିନ୍ଦୂର ଟୋପା ନାହିଁ, ସୁନ୍ଥାର ସିନ୍ଦୂର ସଦ୍ୟପୋଛା ହୋଇଛି, ବାଳ ଖୋଲା, ହାତରୁ ଚୁଡ଼ି ଅଧାଭଙ୍ଗା, ଧଳା ଲୁଗା ପିନ୍ଧି ଛାତିକୁ ବାଡେଇ ବାଡେଇ ବାହୁନି କାନ୍ଦୁଥିଲେ ରଙ୍ଗୀଖୁଡ଼ୀ,

"କାନ୍ତ ବୋଲି ଯାହା ହାତ ଧରାଇ ଦେଲୁ ବାପା, ଏ ଯୋଗିନୀଖିଆ ଗୋବର ଗଣେଶ ସାରା ଜୀବନ ଖାଇଲା ମୋତେ ବାପା ! ମଲା ଯା' ଏଇଟା ଯୋଗୁଁ ସକାଳୁ ସକାଳୁ ଶ୍ୱଶୁରଙ୍କ ନାଁଟା ଯାହା ମୁହଁରେ ଧରିଦେଲି । ଭଲ ହେଲା, ମରିଗଲା ଶଳା । ସରିଗଲା ଏକାଥରେ ।"

ସେତେବେଳକୁ ଆମ ସାହରି ଖୁଡୀ ଦେଠେଇମାନେ ସମସ୍ତେ ପହଞ୍ଚି ଯାଇଥିଲେ ରଙ୍ଗୀଖୁଡ଼ୀଙ୍କ ଘରେ ।

"କ'ଣ ହେଲା, କ'ଣ ହେଲା ।" ବୋଲି ସମସ୍ତେ ବ୍ୟସ୍ତ ।

"ରଙ୍ଗୀ! କ'ଣ ହେଲା? ରୂପ ଭେକ ଏମିତି କାହିଁକି ହୋଇଛି ତୋର?" ଧୀରେ ପଚାରିଥିଲା ବୋଉ ।

"କ'ଣ ଆଉ ହେବ? କାଲି ରାତିରେ ତମ ଦିଅର ପରା ଚାଲିଗଲା, ତା' ପାଇଁ ଆଉ କିଏ ରାଣ୍ଡ ହେବ ? ଆଉ କେହି ରାଣ୍ଡ ହେବେ ନାହିଁ ! ମୁଁ ହିଁ ରାଣ୍ଡ ହେବି, ମୁଁ ହିଁ କାନ୍ଦିବି । ସେଥିପାଇଁ ମୁଁ ରାଣ୍ଡ ହୋଇ କାନ୍ଦୁଛି । ଯାଉଛି ଗୋବର ଦେଇ ଘରଦୁଆର ଲିପିବି । ଗୋବର ପାଣି ପକେଇ ଦାଣ୍ଡ ବାରି ଓଳେଇବି ।" ରାଗ ତମତମ ହୋଇ ବୋଉକୁ କହିଥିଲେ ରଙ୍ଗୀଖୁଡୀ ।

ମଝିଖୁଣ୍ଟକୁ ଆଉଜି ଚୁପ୍ ହୋଇ ବସିଥାନ୍ତି କକା । ଦୃଷ୍ଟି ସ୍ଥିର ଥାଏ ରଙ୍ଗୀଖୁଡ଼ୀଙ୍କ ଉପରେ ।

"ଛି, ମାଇକିନା ଗୋଟାଏ ସକାଳୁ ସକାଳୁ ଏତେ କାଳ କଥା ତୁଣ୍ଡରେ ଧରୁଛୁ କେମିତି ? ଆଖି ସାମ୍ନାରେ ମରଦଟା ବସିଛି । ସବୁଥିର ଗୋଟାଏ ସୀମା ଥାଏ । ଯା' ନାଁ ରଙ୍ଗ ନ ଦେଇ, ଚଣ୍ଡୀ ଦେଇଥିଲେ, ବରଂ ଭଲ ହୋଇଥାନ୍ତା । ଚଣ୍ଡୀଟାକୁ କେମିତି ଧରମ ସହିଛି କେଜାଣି ? ଏଡ଼ିକି ଉଦ୍ଧତ ହେଉଛି ? ଭଲ ନାହିଁ, ମନ୍ଦ ନାହିଁ, ପୂଜା ନାହିଁ, ପାର୍ବଣ ନାହିଁ - ସବୁଦିନ ସକାଳେ ତା'ରି ପାଟିରେ ମଣିଷର ନିଦ ଭାଙ୍ଗିଲା । ନା' ତା'ର କୁଆଡ଼େ ଏଠୁ ଯିବାର ଅଛି, ନା' ଆମର କୁଆଡ଼େ ଯିବାର ଅଛି । କୋଉ ସହର ହୋଇଛି ନା' ଭଡ଼ାଘର ହୋଇଛି ଯେ, ଘର ବଦଳେଇ ଆଉ କୁଆଡ଼େ ଉଠିଯିବୁ!" ମୁହଁ ମୋଡ଼ି କହିଥିଲେ କୁନିଦେଠେଇ ।

"ହଁ ପରା, ପୁଅ ଟା ମୋର ଚାକିରୀ କରି ସହରରେ ରହିଲା ଦିନୁ କହୁଛି, ବୋଉ ସହର ଭଳି ଗାଆଁରେ ଘର ବଦଳି ହେଲେ ଥାନ୍ତା, ଆମେ ଆମ ଘର ବଦଳେଇ ଦେଇଥାନ୍ତେ ।" କହିଥିଲେ ସୁଲକ୍ଷଣା ମାଉସୀ ।

"ସେଇଆ ନୁହେଁ ତ ଆଉ କ'ଣ? ଦିନ୍‌ଦିନ୍ ଦୋ' ଅକ୍ଷରି ସାଙ୍ଗକୁ ଅଣ୍ଡ ସଣ୍ଡ କଥାଗୁଡ଼ା କିଏ ଶୁଣିବ? ଭାରି ବିରକ୍ତ ଲାଗିଲାଣି ଏଇଟାକୁ । ସଂସାରରେ ଅଭାବ କାହାର ନାହିଁ ? ଏତେବର୍ଷ ଧରି ଗେରସ୍ତଟାକୁ ଖାଲି ଗାଳି ଦେଲା, ଆଉ ପୁଣି କ'ଣ? ସକାଳୁ ଉଠି ଟିକିଏ ଠାକୁରଙ୍କ ନାଁ ହେଲେ ନିଅନ୍ତା ! ମାଇକିନାଟା ସାରା ଜୀବନ ଗେରସ୍ତଟାକୁ କଲବଲ କରି ଖାଇଲା । ସବୁଦିନ ସକାଳୁ ଯା'ରି ପାଟିରେ, ପାଟି ନୁହଁ ତ ଯା'ରି ରଡ଼ିରେ ମଣିଷର ନିଦ ଭାଙ୍ଗିଲା ।" କଥା ଯୋଡ଼ିଥିଲେ ମଡ଼ିଜେଜୀ ।

"ଠିକ୍ କଥା କହିଲୁ ତୁ । ଅଭାବରେ ଥିଲା, ପାଟିତୁଣ୍ଡ କରୁଥିଲା । ସେ ବେଳ ତ ଗଲା । ପିଲାମାନେ ଯାଇତାଇ ହୋଇ କୂଳରେ ଲାଗିଲେ । ବଳ ବଅସ ଗଲା । ଆଉ ପୁଣି କ'ଣ? କିଏ କହିବ ଲୋ ମା' ସେ ରାହାବାଳୀଟାକୁ । ଯିଏ ବି କହିବ, ତା'ର ଚଉଦ ପୁରୁଷ ଉଖାଳି ରଖିଦେବ ।" କହୁଥିଲେ ସରମାଉସୀ ।

ଛି' ଛାକର କରି ଫେରି ଯାଇଥିଲେ ଅନ୍ୟମାନେ । ବେଶ୍ ଗାଳି ଦେଇଥିଲା ବୋଉ ରଙ୍ଗୀଖୁଡ଼ୀଙ୍କୁ ।

"ଖାଲି ମୋତେ ଦୋଷ ଦଉଛ ଅପା, ପଚାରିଲ, କାଲି ରାତିରେ ଘରେ ନ ଶୋଇ କୁଆଡ଼େ ଯାଇଥିଲା ଏ ବାଡ଼ିପଡ଼ା ?"

ବୋଉ ଅନେଇଲା କକାଙ୍କ ଆଡ଼େ ।

"ଭାଉଜ! ତମେ ଗଲ ଘରକୁ । ସେ ପାଗଳୀ କଥାରେ ମୁଣ୍ଡ ପୂରାଅନି ।" ପଦେ ମାତ୍ର କହି ଚୁପ୍ ରହିଲେ କକା ।
"ହଁ, ମୁଁ ତ ସାରାଜୀବନ ପାଗଳୀ ହେଇ ରହିଲି । ମୋତେ ପାଗଳ କଲା କିଏ? ତୁ ଝାଡ଼ାଖିଆ, ମୋତେ ପାଗଳ କରି ରଖିଲୁ । ତୋର ତ ଭଲ । ମୁଁ ପାଗଳ ହୋଇଗଲେ ତୋର ଭଲ । କୋଢ଼ିଆ ଏତେ ବର୍ଷ ହେଲାଣି ଘରେ ବସି ଖାଉଛୁ କାହାପାଇଁ ? ମୋତେ କହୁଛୁ ପାଗଳୀ ? ଟଙ୍କାଟାଏ ରୋଜଗାର କରୁଛୁ ବାଡ଼ିଖିଆ?" ପ୍ରଚଣ୍ଡ ଭାବରେ ରଡ଼ି ଆରମ୍ଭ କଲେ ରଙ୍ଗୀଖୁଡୀ ।

"ଚାଲେ ଯିବା! ଏ ସମୟରେ ତାକୁ କିଛି କହି ଲାଭ ନାହିଁ ।" ଫେରି ଆସିଲୁ ବୋଉ, ମୁଁ ।

ଦି'ଘଣ୍ଟା ପରେ ଦେଖିଲା ବେଳକୁ ରଙ୍ଗୀଖୁଡ଼ୀଙ୍କ ମୁଣ୍ଡରେ ବଡ଼ ଖୋଷା, କପାଳରେ ବଡ଼ ସିନ୍ଦୂର ଟୋପା, ସୁନ୍ଥାରେ ଭର୍ତ୍ତି ସିନ୍ଦୂର ସାଙ୍ଗକୁ ହାତରେ ଥାକେଥାକେ ନାଲିଚୁଡ଼ି । ଦେହରେ ନାଲିଆ ଶାଢ଼ି । ଆମେ ସମସ୍ତେ କେବଳ ସାଜିଥିଲୁ ନିରବ ଦ୍ରଷ୍ଟା ।

ବିଚାରୀ ସବୁଦିନ ସକାଳୁ ରଡ଼ିବା ଫଳରେ ଅନେକଥର ମୁଣ୍ଡଘୂରେଇ ପଡ଼ିଛନ୍ତି । ଦିନସାରା ବେହାଲ୍ ହୋଇ ରହିଛନ୍ତି । କେତେ ମୁଣ୍ଡ ଗରମ ହୋଇଛି, ମୁଣ୍ଡରେ କେତେ ଥଣ୍ଡା ତେଲ ଢଳା ହେଇଛି; କିନ୍ତୁ କୋଉ କଥାକୁ, କୋଉ ରୋଗକୁ ଖାତିର କରିନାହାନ୍ତି ରଙ୍ଗୀଖୁଡ଼ୀ ।

"ମିତୁ! ସେତେବେଳୁ ଠିଆ ହୋଇଛୁ?"

"ଆହା ସୁଖର ବେଳ ଟିକିଏ ଆସିଲା ବେଳକୁ ବିଚାରୀଟା ଚାଲିଗଲା । ଜୀବନସାରା କେତେ ହନ୍ତସନ୍ତ ନ ହୋଇଛି? ଏବେ ଟିକିଏ ଅବସ୍ଥା ସୁଧୁରି ଆସିଲା ବେଳକୁ ଈଶ୍ୱର ନେଇଗଲେ ତାକୁ । ପୁଅଟା ଗାଡ଼ି ଚଲେଇ ଭଲରେ ଦି ' ପଇସା ଘରକୁ ଆଣୁଚି । ରାଜିରୁଜା ହୋଇ ବାହାହେଉ ପଛେ, ତା' ଭାଗ୍ୟକୁ ଭଲ ଝିଅଟେ ଜୁଟିଛି । ମିନୁ ଭଳିଆ ବୋହୂକୁ କିଏ ବାରିବ? ଆମ ଗାଁଟା ସାରା ଭିତରେ ହୀରାଭଳିଆ ବୋହୂଟା । ବାପର ଅପାରଗତା ଦେଖି ଝିଅ ଦି'ଟା ନିଜ ବାଟ ନିଜେ ଧରିଛନ୍ତି । ଘରସଂସାର କରି ସିଏ ତାଙ୍କର ଭଲରେ ଅଛନ୍ତି । କିନ୍ତୁ କ'ଣ ସୁଖର ବେଳ ଟିକିଏ ଆସିଲା ବେଳକୁ ରଙ୍ଗୀଟା କ'ଣ ରହିଲା? ସକାଳୁ ସକାଳୁ ଟିକିଏ ନଈ ସେପାରି ଯାଇଥିଲି । ଯେମିତି ଶୁଣିଛି, ଧାଇଁଛି । ଚାଲ, ଆମେ ସବୁ ଗାଧେଇ ଆସିବା । ସକାଳ ଚା' ଟୋପେ ପିଆ ହେଇ ପାରିଲାନି ।"

"କେତେ କରି ବୁଝେଇଥିଲି, ଆଉ କମଳ ସାଙ୍ଗରେ ପାଟି ତୁଣ୍ଡ ନ କରିବା ପାଇଁ । ଚଣ୍ଡୀଟା ସବୁ କଥା ଚୁପ୍ ହୋଇ ବସି ଶୁଣିଥିଲା । କିନ୍ତୁ କାହିଁ ମାନିଲା?" ଚାଲୁଚାଲୁ କଥା ଯୋଡ଼ିଲା ବୋଉ ।

ରଙ୍ଗୀଖୁଡ଼ୀର ନିଜ ଯାଆ ନ ହେଲେ ବି, ରଙ୍ଗୀଖୁଡ଼ୀ କିନ୍ତୁ ବୋଉକୁ ବଡ଼ଯାଆ ଭାବରେ ଭାରି ମାନିଥାନ୍ତି । ତାଙ୍କର ସମୟ ଅସମୟରେ ବୋଉ ହିଁ ସବୁବେଳେ ପାଖରେ ଠିଆ ହୋଇଥାଏ । ସେଇଥି ପାଇଁ କି କ'ଣ, ରଙ୍ଗୀଖୁଡ଼ୀ ଆମକୁ ଭାରି ଭଲପାନ୍ତି । କକାଙ୍କୁ ଗାଳି ଦଉଥିବା ବେଳେ ଗାଆଁଟା ସାରା ଭିତରେ ଖାଲି ବୋଉ ଯଦି ତାଙ୍କୁ କିଛି କୁହେ; ସେ ଶୁଣନ୍ତି, ଲେଉଟି ଜବାବ୍ ଦିଅନ୍ତି ନାହିଁ । ନ ହେଲେ ସାରା ଗାଆଁରେ ସେ ସାହସ ଆଉ କାହାର ନାହିଁ । ସେଦିନ ବୋଉର ସବୁ କଥା ଶୁଣି କହିଥିଲେ, "ଅପା, ସମସ୍ତେ ମୋତେ ଖରାପ କହୁଛ, କୁହ । ମୁଁ ଜାଣିଛି, ମୁଁ ମରିବି । ଜୀବନସାରା ରଡ଼ିରଡ଼ି ମୋର କ'ଣ ଆଉ ଛାତି ଥିବ? ଛାତି ଭିତରର ଶିରା ସବୁ ବି ଛିଣ୍ଡି ସାରିଥିବ । ମୁଁ ଜାଣି ସାରିଲିଣି । ମରିଗଲେ ବରଂ ତରିଯିବି । ଏ ଅଲୋଡ଼ା ଜୀବନଟା ପାଇଁ କିଏ କାହିଁ ବ୍ୟସ୍ତ ହେବେ? ଆଉ ଏ ଅମଣିଷଟା ! ସିଏ ତ ଆଖିରୁ ଲୁହ ବୁନ୍ଦାଏ ବି ଗଡ଼େଇବ ନାହିଁ । ଖାଲି ଅନେଇ ବସିଛି ମୋ ମରଣକୁ । ମୋର ବି ୟା'ଠୁଁ କିଛି ଦରକାର ନାହିଁ । ମରିଗଲେ, ମୋ ପୁଅ ମୋତେ ବନ୍ଧତଳକୁ ଗଡ଼େଇ ଦେବ । ସେଇଠି ରହି ଦେଖୁଥିବି ମୁଁ ଗଲାପରେ ଏ ଶଳାଟା କାହା ସାଙ୍ଗରେ ରହୁଛି, ଆଉ କେତେ ସୁଖରେ ରହୁଛି?"

କକା ବସିଥିଲେ ତାଙ୍କର ସବୁଦିନିଆ ଜାଗା, ଭିତର ବାରନ୍ଦାର ମଝିଖୁଣ୍ଟକୁ ଆଉଜି ।

"ଦେଖ, ତମେ ଆଗେ ଯାଉଛ କି ମୁଁ ଆଗେ ଯାଉଛି?" ଧୀରେ କହିଥିଲେ ସେ ।

"ମୁଁ ରହିବି, ତୁ ଯିବୁ? ଦେଖୁନ ଅପା, କେମିତି କହୁଛି ପୋଡ଼ାମୁହାଁ । ଜୀବନସାରା ତ ଯାହା ସୁଖ ଦେଲା, ଛାଡ଼, ମଲାପରେ ଟିକିଏ ଅହ୍ୟ ଡେଙ୍ଗୁରା ବଜେଇ ମୁଣ୍ଡରେ ସିନ୍ଦୂର ନାଇ ଯାହା ଯିବି ଭାବିଛି, ତାକୁ ବି ଇଏ ସହି ପାରୁନି । ମୁଁ ଜାଣିଛି, ତୋରି ଆଗରୁ ମୁଁ ଯିବି ଯେମିତି ହେଲେ । ତୋତେ ଯୋଗିନୀଖିଆକୁ ଯମ ନବନାହିଁ ଜମା । ମୁଁ ଚାଲିଯିବି ମୋ ବାଟରେ । ତା'ଛଡ଼ା ତୁ ତ ଚାହିଁ ବସିଛୁ, ମୁଁ କେମିତି ଆଗ ଯିବି । ତା'ପରେ ତୁ ସୁଖ କରିବୁ, ମଉଜ କରିବୁ ଆଉ କାହାକୁ ସାଙ୍ଗରେ ନେଇ । ତୋ ବାଟରୁ କଣ୍ଟାଯିବ । କହୁଛୁ କ'ଣ ନା' ତୁ ଆଗେ ଯିବୁ?" ପୁଣି ଲମ୍ୱିଥିଲା ରଙ୍ଗୀଖୁଡ଼ୀଙ୍କର ସ୍ୱର ।

ଉଠି ଆସିଥିଲୁ ବୋଉ ଆଉ ମୁଁ ।

ବିଶ୍ୱାସ ହଉନି ମୋର । ସତକୁ ସତ ଚାଲିଗଲେ ରଙ୍ଗୀଖୁଡ଼ୀ । ଯାହା କହିଥିଲେ, ସତ ହେଲା । ବାରମ୍ବାର ରଙ୍ଗୀଖୁଡ଼ୀଙ୍କ ମୁହଁଟା ଆଖିଆଗରେ ନାଚିଗଲା ମୋର । ରଙ୍ଗ ମଇଳା ହେଲେ ବି ଦେଖିବାକୁ ମନ୍ଦ ନୁହନ୍ତି ରଙ୍ଗୀଖୁଡ଼ୀ । ଚାରିଫୁଟ ଆଠ ଇଞ୍ଚ ଉଚ୍ଚତାର ପତଳୀ ସ୍ତ୍ରୀଲୋକଟିଏ । ଅଣ୍ଟାଯାକେ ଲମ୍ୱିଥିବା କଳା ମଚମଚ ବାଳ । ମୁଁ ଯେତେବେଳେ ତୃତୀୟ ଶ୍ରେଣୀରେ ପଢୁଥିଲି, ରଙ୍ଗୀଖୁଡ଼ୀ କମଳକକାଙ୍କୁ ବାହା ହୋଇ ଆସିଥିଲେ ଆମ ଗାଆଁକୁ । ବାହାଘର ଆଉ କ'ଣ? କକାଙ୍କ ଘରର ଲୁଗା-ଗହଣା ପିନ୍ଧି ବେଦୀରେ ବସିଥିଲେ ସେ । ମୁଣ୍ଡରେ ଗୋଛାଏ ମଲ୍ଲୀମାଳ ଦିଆହୋଇ ଗୁଡ଼ା ହୋଇ ବଡ଼ ଖୋଷାଟିଏ, ସୁଛାରେ ସୁଛାଏ ସିନ୍ଦୂର, ହାତରେ ଭର୍ତ୍ତିଭର୍ତ୍ତି ନାଲି ପାଣିଚୁଡ଼ି, ପାଦରେ ହଳେ ମୋଟା ପାଉଁଜି, ନାଲିଆ ପାଟ ଶାଢ଼ି ପିନ୍ଧି ହାତରେ ଓଢ଼ଣା ଦେଇ ଖୁଡ଼ୀ ଯେତେବେଳେ ସବାରିରୁ ଓହ୍ଲେଇଥିଲେ; ଗାଆଁଟା ସାରା ସମସ୍ତେ ତାଟକା ହୋଇ ଯାଇଥିଲେ ।

ଆମ ଗାଆଁରେ କମଳକକାଙ୍କ ଘର ଥିଲା ବେଶ୍ ଧନୀ ଆଉ ପ୍ରତିପତ୍ତିଶାଳୀ ଘର । କକାଙ୍କ ବାପା ବଡ଼ଜେଜେ ଥିଲେ ଭାରି ଟାଣୁଆ ଲୋକ । ଗାଆଁରେ ସମସ୍ତେ ଅଳ୍ପେ ବହୁତେ ତାଙ୍କୁ ମାନୁଥିଲେ । କକା ଥିଲେ ତାଙ୍କର ଗୋଟିଏ ବୋଲି ପୁଅ । ଲମ୍ବା ଚଉଡ଼ା ଗୋରା ତକ୍‌ତକ୍, ବେଶ୍ ହୃଷ୍ଟପୁଷ୍ଟ ମଣିଷ । ପିଲାଦିନରୁ କାମଦାମ କରିବାର ଅଭ୍ୟାସ ନ ଥିଲା ତାଙ୍କର । ଜନ୍ମବେଳୁ ମା'କୁ ହରାଇଥିଲେ ହେଁ ବେଶ୍ ଆୟସରେ ବଢ଼ିଥିଲେ । ଖାଇପିଇ ବାପପଥୁ ପଇସା ଉଡ଼େଇ ଚାଲିଥିଲେ । କାଳକ୍ରମେ ଅପବ୍ୟୟରେ ଧନ-ସମ୍ପତ୍ତି ସରି ଆସିଲା । ଗାଆଁରେ ପୂର୍ବଭଳି ପ୍ରତିପତ୍ତି ବିଆଉ ରହିଲା ନାହିଁ । ତା' ଭିତରେ ଯୋଡ଼ି

ହୋଇଯାଇଥିଲା କକାଙ୍କର ଗୁଡ଼ିଏ ବଦଭ୍ୟାସ । ବାପ-ପୁଅଙ୍କର ଏହି ଗୁଣ ଯୋଗୁଁ ଗାଆଁରେ କେହି କକାଙ୍କୁ ଝିଅ ଦେବାକୁ ପସନ୍ଦ କଲେନି । କକାଙ୍କ ବୟସ ଗଡ଼ିବାକୁ ଲାଗିଲା । ବଡ଼ଜେଜେ ଗାଆଁ ଗାଆଁ ବୁଲି ଝିଅ ଖୋଜିଲେ ପୁଅ ପାଇଁ । ଶେଷରେ ପାଖ ଗାଆଁର ଝିଅ ରଙ୍ଗୀଖୁଡ଼ୀଙ୍କ ହାତ ଧରିଲେ କକା ।

ରଙ୍ଗୀଖୁଡ଼ୀ ଭାରି ଗରିବ ଘର ଝିଅ । ସେମାନେ ଥିଲେ ଦୁଇ ଭଉଣୀ । ପିଲାବେଳୁ ମା'କୁ ହରେଇଥିଲେ । ବାପା ତାଙ୍କର ଶଗଡ଼ ଗାଡ଼ିରେ ଜିନିଷ ବୁହାବୁହି କରି ଯାହା ଦୁଇ ପଇସା ଆଣୁଥିଲେ, ସେଥିରୁ ଅଧା ଯାଉଥିଲା ତାଙ୍କର ଗେଞ୍ଜାଇ ଟଣାରେ । ବାକି ଅଧାରେ ସାନଭଉଣୀକୁ ସ୍କୁଲରେ ପଢ଼େଇ କଷ୍ଟେମଷ୍ଟେ ଘର ଚଳାଉଥିଲେ ରଙ୍ଗୀଖୁଡ଼ୀ । ଦୁଃଖ-କଷ୍ଟ ଭିତରେ ଦିନରାତି ପରିଶ୍ରମ କରି ବାପଘରର ଅଭାବୀ ସଂସାରକୁ କୌଣସିମତେ ଚଳେଇ ନେଉଥିଲେ ସେ । ମା' ଛେଉଣ୍ଡ ରଙ୍ଗୀଖୁଡ଼ୀଙ୍କୁ ଭଲଝିଅ ଭାବରେ ଗାଆଁସାରା ସମସ୍ତେ ଭଲ ପାଉଥିଲେ । ରଙ୍ଗୁଖୁଡ଼ୀଙ୍କ ବିଷୟରେ ଖବର ନେଇଥିଲେ ବଡ଼ଜେଜେ । ବୋହୂ କରି ଆଣିଥିଲେ ରଙ୍ଗୀଖୁଡ଼ୀଙ୍କୁ । ତାଙ୍କର ଅସଜଡ଼ା ଘରକୁ ସଜାଡ଼ିବେ ଆଉ ଅବାଟରେ ଚାଲୁଥିବା ପୁଅଟାକୁ ବାଟକୁ ଆଣିବେ ବୋଲି ବାହାଘରର ସବୁ ଖର୍ଚ୍ଚ ତାଙ୍କୁ ବହନ କରିବାକୁ ପଡ଼ିଥିଲେ ବି ରଙ୍ଗୀଖୁଡ଼ୀଙ୍କୁ ବୋହୂ କରିଥିଲେ ସେ ।

ଶ୍ୱଶୁରଙ୍କ ମନ ନେଇ ଚଳି ରଙ୍ଗୀଖୁଡ଼ୀ ମଧ୍ୟ ଅଳ୍ପଦିନ ଭିତରେ ପାଲଟିଗଲେ ତାଙ୍କର ସୁନାନାକୀ ବୋହୂ । ଆଉ ତାଙ୍କର ଅସଜଡା ଘରକୁ ସଜାଡ଼ିନେଲେ ଖୁବ୍ ଶୀଘ୍ର । କିନ୍ତୁ ସଜାଡ଼ି ହୋଇ ନ ଥିଲେ କମଳକକା ।

ବେଶୀ ଦିନ ରହି ନଥିଲେ ବଡ଼ଜେଜେ । ସଂସାର ଭାର ରଙ୍ଗୀଖୁଡ଼ୀଙ୍କୁ ଦେଇ ସେ ଚାଲି ଯାଇଥିଲେ ଅଫେରା ରାଇଜକୁ । କକାଙ୍କର କିନ୍ତୁ କେଉଁଥିରେ ହେଜ ପଶଲାନି ଘରୁ ବାହାରିଲେନି କୌଣସି କାମଧନ୍ଦାରେ ମନ ଦେଲେନ । ବର୍ଷକୁ ବର୍ଷ ଲାଗ୍‌ଲାଗ୍ ଯୋଡ଼ି ହୋଇଗଲେ ଚାରୋଟି ଛୁଆ ରଙ୍ଗୀଖୁଡ଼ୀଙ୍କ ସଂସାରରେ । ବାକି ଯାହା ସମ୍ପତ୍ତି ବଳିଥିଲା, ସିଏ ବି ସରିଗଲା । ଅଭାବ ପରିସ୍ଥିତି ବଢିବଢ଼ି ଚାଲିଲା ଘରର । ଦିନକୁ ଦିନ ଖରାପ ହେବାକୁ ଲାଗିଲା ଚଳଣି ଯାହା ଅଳ୍ପ ସଳ୍ପ ଗହଣାଗାଣ୍ଠି ଥିଲା ରଙ୍ଗୀଖୁଡ଼ୀଙ୍କର, ସିଏ ମଧ୍ୟ ବିକା-ଭଙ୍ଗାରେ ଗଲା । ଗୋଟିଏ ପଟେ ଚାରି ଚାରିଟା ଛୁଆଙ୍କ ଭୋକ, ଅନ୍ୟପଟେ ନିକମା ସ୍ୱାମୀ; ଏସବୁ ଭିତରେ ପେଶି ହେଇ ଯାଉଥିଲେ ରଙ୍ଗୀଖୁଡ଼ୀ ।

"ରହ! ପନିକିଟା ଆଣେ, ଛୁଇଁ ଦେଇ ଭିତରକୁ ଯିବା ।"

ବୋଉ ଗଲା ଭିତରକୁ ।

ସାମ୍ନାକୁ ଚାହିଁଲି । ଓଦାଲୁଗାରେ ତଳକୁ ମୁହଁପୋତି ଫେରୁଥିଲେ କକା ।

"ଯା'ରେ ବାପ ଯା', ଖା' କି ନ ଖା', ଘରେ ଟିକିଏ ଶାନ୍ତିରେ ଯାଇ ରହ । ରାହାବାଳୀ ଆଉ ନାହିଁ, ଦିନରାତି ତୋ ମୁଣ୍ଡ ଖାଇବାକୁ" ଗୁଣୁଗୁଣୁ ହେଇ କହି ଚାଲିଗଲେ ଲତାଖୁଡ଼ୀ ।

ପଛେପଛେ ଅନ୍ୟମାନେ ମଧ୍ୟ । ବୋଉ, ମୁଁ ଭିତରକୁ ଆସିଲୁ ।

ରଙ୍ଗୀଖୁଡ଼ୀଙ୍କର ବିଭିନ୍ନ କଥା ବାରମ୍ବାର ମନକୁ ଆସୁଥିଲା । ବୋଉଠୁ ଯାହା ଶୁଣିଥିଲି, ଗୋଟି ଗୋଟି ହୋଇ ମନେପଡ଼ି ଯାଉଥିଲା ସବୁ । ସମସ୍ତେ ରଙ୍ଗୀଖୁଡ଼ୀଙ୍କୁ ରାହାବାଳୀର ଆଖ୍ୟା ଦେଇଥିଲେ ସିନା; ସେ କିନ୍ତୁ ପ୍ରଥମରୁ ସେମିତି ନ ଥିଲେ । ଶ୍ୱଶୁରଙ୍କ ଯିବାପରେ ଦିନଦିନ ଧରି କକାଙ୍କୁ କେତେ ବୁଝେଇଥିଲେ, ଯାହା ବି ହେଲେ କାମ କରି ପିଲାମାନଙ୍କ ମୁହଁରେ ଆହାର ଦେବାକୁ ପଡ଼ିବ । ଗାଆଁରେ ଆକୁ ତାକୁ କହି, ନିଜେ ସବୁ ବୁଝାଶୁଝା କରି ଏକରକମ ବାଧକଲା ପରି ମିଲିଟାରୀରେ ଭର୍ତ୍ତି କରାଇଥିଲେ କକାଙ୍କୁ ରଙ୍ଗୀଖୁଡ଼ୀ । କାମ କରିବା ଏବଂଘରୁ ବାହାରକୁ ଯିବାର ପ୍ରବଳ ଅନିଚ୍ଛା ସତ୍ତ୍ୱେ ଯାହାହେଉ ବାହାରକୁ ଗୋଡ଼ କାଢ଼ିଥିଲେ କକା ।

ବୋଉ କହୁଥିଲା, "ଯେଉଁ କିଛି ବର୍ଷ ଚାକିରିରେ ଥିଲେ କମଳ, ସେଇ କେତେ ଦିନ ଜାଣ ରଙ୍ଗୀ ଟିକିଏ ଭଲରେ ଚଳୁଥିଲା । କମଳ କିଛିକିଛି ପଇସା ପଠଉଥିଲେ, ସେଇତକକୁ ମୁଣ୍ଡରେ ମାରି ସାଇତି ସାଇତି ଛୁଆମାନଙ୍କୁ ମଣିଷ କରୁଥିଲା ରଙ୍ଗୀ । ବୁଢ଼ାବାପା ଓ ଅଭିଆଡ଼ୀ ଭଉଣୀଟା କଥା ମଧ୍ୟ ବୁଝୁଥିଲା ସେ । ତେବେ ମଝିରେ ମଝେ ର କମଳ ଯେତେବେଳେ ଛୁଟିରେ ଘରକୁ ଆସୁଥିଲେ, ଆଉ ଚାକିରି ଜାଗାକୁ ଫେରିଯିବାକୁ ଚାହୁଁ ନ ଥିଲେ । ରଙ୍ଗୀ ପାଟିତୁଣ୍ଡ କଲେ ଶ୍ୱଶୁରଘରେ ଯାଇ ଲୁଚୁଥିଲେ । ପୁଣି ତାଙ୍କୁ ବୁଝାଶୁଝା କରି ଗାଆଁରେ ଯା' ତା' ଦ୍ୱାରା କୁହା କରାଇ ବହୁ କଷ୍ଟରେ ଚାକିରୀକୁ ପଠଉଥିଲେ; କିନ୍ତୁ ଏ ସବୁ ଭିତରେ ପୁଣି ଗୋଟାଏ କେଁ ପଶିଗଲା । ମଝିରେ ହେଲା ଭାରତ ପାକିସ୍ତାନ ଯୁଦ୍ଧ । ସେମାନଙ୍କୁ ଯୁଦ୍ଧକୁ ପଠାହେବା କଥା ଉଠିଲା । କିନ୍ତୁ ସେ କଥା କଲେ ନାହିଁ କମଳ । ଯୁଦ୍ଧକୁ ଯିବା ପରିବର୍ତ୍ତେ ତା'ର ପ୍ରବଳ ଦେହ ଖରାପ ବୋଲି କହି ଗାଆଁକୁ ପଳାଇ ଆସିଲେ ତ ଆସିଲେ ଆଉ ଫେରିଲେ ନାହିଁ । ଆଉଥରେ ଫେରିଯିବା ପାଇଁ ବୁଝେଇ ବୁଝେଇ ଥକିଗଲା ରଙ୍ଗୀ । କିନ୍ତୁ ସବୁ ବେକାର । ଅନେକ ତାଗିଦା ଓ ଚିଠି ମଧ୍ୟ ଆସିଲା ସରକାରଙ୍କ ତରଫରୁ । କିନ୍ତୁ କାହାରି କଥା ଶୁଣିଲେନି କମଳ । ଚିଠି ଫିଟି କଥା ତ ବୁଝେନାହିଁ ରଙ୍ଗୀ । ସରକାରଙ୍କ ତାଗିଦା କ'ଣ, ସେସବୁ କଥା ବି ବୁଝେନାହିଁ ସେ । କେବଳ ଯାହା ପିଲାଙ୍କ ଦ୍ୱାରା ବୁଝେଇଲ ସେ । କିଛି ଲାଭ ହେଲା ନାହିଁ କିନ୍ତୁ । କମଳ ତାଙ୍କ ଜିଦ୍‌ରେ ଅଟଳ ରହିଲେ । ଶେଷରେ ଯାହା ଘଟିବା କଥା, ଘଟିଲା । ଚାକିରି ଚାଲିଗଲା କମଳଙ୍କର ।

ପୁଣିଥରେ ପୂର୍ବଭଳି ଖାଲି ଖାଇପିଇ ଘରେ ବସିରହିଲେ କମଳ ।

ସାଇତା ଅର୍ଥ ସରିଥିଲା ରଙ୍ଗୀର । ଚଡକ ପଡିଥିଲା ମୁଣ୍ଡରେ ତା'ର । କେମିତି ପରିବାର ଚଳିବ? ଘରେ କିଛି ନ ଥିବାକୁ ସେମାନେ ଛଅପ୍ରାଣୀ କୁଟୁମ୍ବ । କେତେ କୁଆଡୁ ଧାର-ଉଧାର କରି ଚଳିବ ? ଘରେ ଯାହା କାଠ-କୁଟା, ବାସନ-କୁସନ ଥିଲା; ତାକୁ ମଧ୍ୟ ଦରକାର ଅଦରକାର ସମୟରେ ବିକି ଚାଲିଲେ କମଳ । ଶେଷକୁ ଘର ଖଣ୍ଡିକ ଛଡ଼ା ଆଉ ବିକାଭଙ୍ଗା କରିବାକୁ କିଛି ନ ଥିଲା ଘରେ । ଏତେ ସବୁ ପରେ ବି ଭଲ ଖାଇବା, ଭଲ ପିନ୍ଧିବା, ବନ୍ଧବାଡ଼ରେ ବୁଲି ପାନ, ବିଡ଼ିରେ ପଇସା ଉଡ଼େଇବା ଅଭ୍ୟାସ ଯାଇ ନଥିଲା କମଳଙ୍କର ।

ଦିନକୁ ଦିନ ଅସହ୍ୟ ହେଉଥିଲା ରଙ୍ଗୀ ପାଇଁ ଏସବୁ । ଆଉ ସମ୍ଭାଳି ପାରୁ ନଥିଲା ସେ । ଅଭାବରୁ ସ୍ୱଭାବ ନଷ୍ଟ । ଟିକିଏ ଟିକିଏ କଥାରେ ଚିଡ଼ି ଯାଉଥିଲା । ବଢ଼ି ଚାଲିଥିଲା ଘର ଭିତରେ କମଳଙ୍କ ସହିତ ରଙ୍ଗୀର କଳିଝଗଡ଼ା । ସମୟ ସମୟରେ ରଙ୍ଗୀର ବାପା ଆସୁଥିଲେ କଳି ଭାଙ୍ଗିବା ପାଇଁ । କିନ୍ତୁ ଝିଅର କଟୁ କଥାରେ ସେ ମଧ୍ୟ ଆସିବା ବନ୍ଦ କରିଦେଇଥିଲେ ।

ଘର କଳି ଆଉ ଘରେ ରହିଲା ନାହିଁ । କୁହୁଳି କୁହୁଳି ଆସିଲା ବାହାରକୁ ।

ରଙ୍ଗୀ ଦେଖିଲା କମଳଙ୍କ ଉପରେ ଆଉ ନିର୍ଭର କରି ରହିହେବ ନାହିଁ । ଉପାୟ ଖୋଜି ଚାଲିଲା ରଙ୍ଗୀ, କେମିତି ଦି'ପଇସା ଉପାର୍ଜନ କରିବ, ସଂସାର ଚଳେଇବ ।

ବାହାରିଲା ବାହାରକୁ ।

ଗାଆଁରୁ ଅନେକ ଘରୁ ଧାନ ଆଣି ଉସେଇଁ ଚାଉଳ କରିକି ଦେଲା ସେମାନଙ୍କୁ । ଗାଆଁସାରା ସମସ୍ତଙ୍କ ଘରୁ ନଡ଼ିଆକତା ଆଣି ତାକୁ ଭିଜେଇ ବାଡ଼େଇ ଦଉଡ଼ି କରି ବିକିଲା । ସେଥିରୁ ମଧ୍ୟ କିଛି ରୋଜଗାର କଲା ସେ । କୌଣସିମତେ କଷ୍ଟେମଷ୍ଟେ ଛଅପ୍ରାଣୀ କୁଟୁମ୍ବଙ୍କର ଗୁଜୁରାଣ ମେଣ୍ଟେଇଲା ସେଥିରେ ରଙ୍ଗୀ । କିନ୍ତୁ ବଦଳିଲେନି କମଳ । ରଙ୍ଗୀ ଯେତେ କହିଲେ ବି, କୋଉ କାମରେ ସାହାଯ୍ୟ କଲେନି ସେ ରଙ୍ଗୀକୁ । ସେମିତି ଘରେ ବସି ଖାଇଲେ । ତା' ସାଙ୍ଗକୁ ତାଙ୍କର ଶ୍ୱଶୁରଘର ବୁଲା, ପାନ, ବିଡ଼ି, ଗୁଡ଼ାଖୁ ଖର୍ଚ୍ଚ ।

ବଦଳିଗଲା ରଙ୍ଗୀର ଅଭ୍ୟାସ । ତା'ର ବ୍ୟବହାର, ଚାଲିଚଳଣ । ଟିକିଏ ଟିକିଏ କଥାରେ କମଳଙ୍କ ଉପରେ ବିରକ୍ତ ହେବାକୁ ଲାଗିଲା, ତାଙ୍କୁ ଗାଳିଦେବାକୁ ଲାଗିଲା; ଯାହା ପରେ ଅଭ୍ୟାସରେ ପଡିଗଲା ତା'ର । ବାପଘର ନାଁ ଧରିଲେ ଡେଇଁଲା । ସାନଭଉଣୀକୁ ଦେଖିଲେ ନିଆଁ ହୋଇଗଲା । କମଳଙ୍କୁ ଗାଳି ଦବାଟା ତା'ର ବଢ଼ିବଢ଼ି ଚାଲିଲା । ସବୁଦିନ ସକାଳୁ ଉଠି ପ୍ରାୟ ଦୁଇଘଣ୍ଟା ଧରି ଛାତି ଫଟେଇ ରଡି କରି ଗାଳିଦିଏ ସେ କମଳଙ୍କୁ । ସେତେବେଳେ ତା' ମୁହଁକୁ ଯାହା ଆସେ, ତାହା କହିଚାଲେ ସେ । କୌଣସି କଥା ପ୍ରତି ଭ୍ରୁକ୍ଷେପ ନ ଥାଏ ତା'ର । ସେତେବେଳେ କେହି ତାକୁ କିଛି କହିଲେ, ସେମାନଙ୍କ ସାଙ୍ଗରେ ବି କଳି କରିବାକୁ ପଛାଏ ନାହିଁ ରଙ୍ଗୀ । ହଁ! ଖାଲି ମୁଁ ଯଦି ତାକୁ ଟିକିଏ ଆକଟ କରେ, କ୍ଷଣକ ପାଇଁ ଚୁପ୍ ହେଇଯାଏ ସେ । ପରେ ପୁଣି ଗାଳି ଆରମ୍ଭ କରିଦିଏ । କିନ୍ତୁ ରାଗ ଖସିଗଲେ, ସଞ୍ଜ ବେଳକୁ ଆସି ମୋ ପାଖରେ ବସିଯାଏ, ଆଉ କୁହେ, 'ଅପା ମୋ କଥା ଧରିବନି । ତମେ କ'ଣ ଜାଣିନ ମୋ କଥା । ରାଗିଲା ସମୟରେ ମୁଁ କାହାରି ନୁହେଁ । ତା'ଛଡ଼ା କେମିତି ରାଗିବିନି କହିଲ ? ଏ ପୋଡ଼ାମୁହାଁ ଦିଅର ତମର କୋଉ କୂଳର କରି ରଖିଲା ମୋତେ?'

ଧୀରେଧୀରେ ରଙ୍ଗୀ ରାଗିଥିବା ବେଳେ ତା'ସହିତ କଥା କହିବାକୁ ଡରିଲେ ସମସ୍ତେ । ଶାନ୍ତସରଳ ରଙ୍ଗୀ ହୋଇଗଲା ଉଗ୍ର ଆଉ ମୁଖରା । ଯିଏ ଦିନେ ତା' ଗାଆଁରେ ସବୁଠୁ ଭଲ ଝିଅ ଥିଲା, ଆମ ଗାଆଁର ଭଲବୋହୂ ହୋଇଥିଲା; ସିଏ ପାଲଟିଗଲା କଳିହୁଡ଼ୀ ରାହାବାଳୀ ରଙ୍ଗୀ ।"

"ମିତୁ ! ଆ ଖାଇବା ।"

"ସ୍ୱାମୀ ବୋଲି ଯାହା ହାତ ଧରିଲା, ସିଏ ତ କେବେ କିଛି ବୁଝିଲାନି । ପରିବାର ପୋଷିବା ପାଇଁ ବିଚାରୀକୁ କି କି କାମ କରିବାକୁ ନ ପଡ଼ିଛି ! କେତେ ମନକରି ବାହା ହୋଇ ଆସିଥିଲା, ସୁଖ କରିବ । ବାପଘରେ ତ ଥିଲା ଖାଲି ଅଭାବ ଆଉ ଦୁଃଖକଷ୍ଟ । ସେ କ'ଣ ଜାଣିଥିଲା ବାପଘରଠାରୁ ଏଠି ତା' ପାଇଁ ଅପେକ୍ଷା କରି ରହିଥିବ ଆହୁରି ଖରାପ ଅବସ୍ଥା । କମଳଟା ବି ସେମିତି । ଗେହ୍ଲାରେ ବଢ଼ି କୋଢ଼ିଆପଣରେ ସରିଲା । ଘର ସଂସାର କଥା କେବେ ବୁଝିଲାନି । ଥରେ ବି ଭାବିଲାନି ସ୍ତ୍ରୀଲୋକଟା ଏକାଏକା ବା କେତେ ପରିଶ୍ରମ କରିପାରିବ? ସେଥିରେ ଭେଣ୍ଡିଆଟା ଖାସ୍ ଘରେ ବସି ଖାଇବ । କତା-ବାଡିଆ ଯେଉଁ କଷ୍ଟ କାମ । ଭାଗ୍ୟକୁ ଝିଅ ତିନିଟା ମିଶିଗଲେ ତା' ସାଙ୍ଗରେ । ନ ହେଲେ କ'ଣ ଯେ ହୋଇଥାନ୍ତା । ସେମାନେ ବି ତାଙ୍କର ନିଜ ପେଟ କଥା ନିଜେ ବୁଝିଲେ । ବଡ଼ ଦି'ଟା ଯିଏ ଯାହାର ଗୋଟା ଗୋଟାକୁ ଧରି ଚାଲିଗଲେ । ସାନଟା ତ ମା' ସାଙ୍ଗରେ କାମ କରିକରି ରହିଗଲା ଯେ ରହିଗଲା । କମଳ ସବୁଦିନ ସେମିତି ନିର୍ବିକାର ।"

ଖାଇବାର ବାଡୁବାଡୁ କହୁଥିଲା ବୋଉ ।

ମୁଁ ବି ଭାବୁଥିଲି, ସତରେ କକା ଏତେ ନିର୍ବିକାର କେମିତି ହୋଇପାରନ୍ତି କେଜାଣି । ରଙ୍ଗୀଖୁଡ଼ୀ ପ୍ରତ୍ୟେକଦିନ ସକାଳେ ଯେଉଁଭଳି ଭାବରେ ଦୁଇଘଣ୍ଟା କାଳ ଗଳାଫଟେଇ ରଡ଼ି କରି କକାଙ୍କୁ ଗାଳି ଦିଅନ୍ତି, ମତେ ଲାଗେନି ସେଇଟା କେହି ବି ସହିକି ସମ୍ଭାଳି ହୋଇ ରହିପାରିବ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ କିଛି ବି ପ୍ରତିକ୍ରିୟା ନ ଥାଏ କକାଙ୍କର । ରଙ୍ଗୀଖୁଡ଼ୀ ଯେତେ ସମୟ ଗାଳି ଦିଅନ୍ତି, ନିର୍ବିକାର ଭାବରେ ଭିତର ବାରନ୍ଦାର ମଝିଖୁଣ୍ଟକୁ ଆଉଜି ଚୁପ୍ ହୋଇ ବସି ରହିଥାନ୍ତି କକା ।

ରଙ୍ଗୀଖୁଡ଼ୀଙ୍କର ରାଗ ଥଣ୍ଡା ହେଲେ ଦୁଇଜଣ ଏକାଠି ବସି ଚା'ମୁଢ଼ି ଖାଆନ୍ତି । ପୁଣି ପୂର୍ବପରି ତାଙ୍କର କାମରେ ଲାଗିଯାଆନ୍ତି ରଙ୍ଗୀଖୁଡ଼ୀ । ଆଉ ବହି ଢ଼ାରେ ମନ ଦିଅନ୍ତି କକା ।

"ଆଚ୍ଛା ବୋଉ କହିଲୁ, ରଙ୍ଗୀଖୁଡ଼ୀ କାହିଁକି ଖାଲି ସକାଳେ କକାଙ୍କୁ ଗାଳି ଦିଅନ୍ତି ? ଆମେ ତ କେବେ ଦେଖିନେ, ସେ ଆଉ ଦିନି ସାରା ଗାଳି ଦେବାର । ଦିନି ସାରା କେତେ କ'ଣ କାମ କରନ୍ତ । ସଞ୍ଜବେଳକୁ ଆମେସବୁ ଏକାଠି ବସି କେତେ କଥା ଗପୁ କହୁନୁ ? କକା ଆମକୁ ପିଲାଦିନରୁ 'ରାମାୟଣ', 'ମହାଭାରତ'ରୁ ଆରମ୍ଭକରି ଦେଶ-ବିଦେଶର କେତେ କଥା କୁହନ୍ତି ! ରଙ୍ଗୀଖୁଡ଼ୀ ବି ଚୁପ୍‌ଚାପ୍ ପାଖରେ ବସି ଶୁଣନ୍ତି; ନୁହେଁ ବୋଉ?"

ମୋ କଥାର କିଛି ଉତ୍ତର ନ ଦେଇ ବାସନ ଧୋଇବାକୁ ଚାଲିଗଲା ବୋଉ ।

ଖଟ ଉପରେ ଗଡୁଗଡୁ କେତେବେଳେ ଶୋଇପଡ଼ିଛି, ଜାଣିନି ମୁଁ । ଯେତିକି ସମୟ ଶୋଇଲି, ପୂରାଟା ଖାଲି ରଙ୍ଗୀଖୁଡ଼ୀଙ୍କୁ ହିଁ ସ୍ୱପ୍ନରେ ଦେଖିଲି । ଆଉ ତାଙ୍କ ପାଟିରେ ହିଁ ନିଦ ଭାଙ୍ଗିଲା । ଧଡ଼୍‌କରି ଉଠି ଖଟ ଉପରେ ବସି ପଡ଼ିଲି । କିଛି ସମୟ ଯାଏ ଆଖିସାମ୍ନାରୁ ଗଲେନି ରଙ୍ଗୀଖୁଡ଼ୀ କି ମୁଣ୍ଡରୁ ଗଲାନି ତାଙ୍କର ପାଟି ।

ନା, ସିଏ ତ ଆଉ ନାହାନ୍ତି । ପୁଣି ମନକୁ ବୁଝେଇଲି ମୁଁ ।

ଚାରିଆଡ଼େ କେମିତି ଗୋଟେ ଶୂନ୍‌ଶାନ୍ ଆଉ ଖାଁ ଖାଁ ଭାବ । ବୋଉ-ଦେଠେଇ-ଖୁଡ଼ୀମାନେ ଦାଣ୍ଡରେ ବସି କଥା ହେଉଥିଲେ । ମୋର ଇଚ୍ଛା ହେଲାନି ଦାଣ୍ଡକୁ ଯିବାକୁ । ମନଟା କେମିତି ଫାଙ୍କା ଫାଙ୍କା ଲାଗୁଥିଲା । ବହି ଖଣ୍ଡେ ଧରି ବସିଲି । ପଢ଼ିବାରେ ମନ ଲାଗିଲାନି । କକା କ'ଣ କରୁଥିବେ କେଜାଣି? ସତରେ କ'ଣ ତାଙ୍କୁ ଆଉ ଗାଳି ଶୁଣିବାକୁ ପଡ଼ିବନି ବୋଲି ଶାନ୍ତିରେ ବସିଥିବେ? ଇଚ୍ଛା ହେଲା, ଟିକିଏ ଯାଇ ତାଙ୍କୁ ଦେଖି ଆସିବାକୁ ।

"ବୋଉ ମୁଁ ଟିକିଏ କକାଙ୍କ ପାଖରୁ ଆସୁଛି ।"

"ହଁ, ଯା'ଲୋ ଝିଅ । ଏତେଦିନ ପରେ ଟିକିଏ ଶାନ୍ତିରେ ଶୋଇଥିବ କି ବସିଥିବ । ଯା' ଦେଖିଆ । ଚଣ୍ଡୀ ବଞ୍ଚିଥିଲା ବେଳେ ସ୍ୱାମୀକୁ ତ କେବେ କୁଆଡେ ଛାଡୁ ନ ଥିଲା, ଆଉ କିଏ ଯେମିତି ନେଇଯିବ ତା' ମିଣି ଟାକୁ । ନିଜେ ପଛେ ଗାଳିଦଉ କି ମାରୁ; ଯାହା କରୁ । କିନ୍ତୁ ପାଖରୁ ଛାଡ଼ିବନି କୁଆଡ଼େ । ଖାଲି କେମିତି କାନିରେ ବାନ୍ଧି ନ ଝୁଲେଇଛି ଯାହା ! ମଲାବେଳେ ତାକୁ କେମିତି ଏଠି ଛାଡ଼ିଗଲା କେଜାଣି?" ପଛରୁ କହୁଥିଲେ ଲତାଖୁଡ଼ୀ ।

ଘରେ ପଶୁ ପଶୁ ଦେଖା ହେଲେ ମିନୁଭାଉଜ ।

"କକା କ'ଣ କରୁଛନ୍ତି?" ପଚାରିଲି ମିନୁଭାଉଜଙ୍କୁ । ଭିତର ଆଡ଼କୁ ଠାରିଦେଲେ ସେ ।

କକା ବସିଥିଲେ ତାଙ୍କର ସେଇ ସବୁଦିନିଆ । ଜାଗା, ଭିତର ବାରନ୍ଦାର ମଝିଖୁଣ୍ଟକୁ ଆଉଜି । ନିରବ, ନିଶ୍ଚଳ । ଚୁପ୍‌ଚାପ୍ ଆକାଶକୁ ଚାହିଁ । ମୁଁ ବସିଲି କକାଙ୍କ ପାଖରେ । କକା ମୋ ମୁହଁକୁ ଟିକିଏ ଚାହିଁଲେ, ପୁଣି ମୁହଁ ବୁଲେଇ ନେଲେ । ମୁଁ କ'ଣ କହିବି ନ କହିବି ହୋଇ, ଅନେକ ସମୟ ଧରି ଚୁପ୍ ହେଇ ବସି ରହଲି ।

"କ'ଣ କହୁଥିଲୁ କି ମା'? କାହା ସାଙ୍ଗରେ ଆଉ କଥା କହିବୁ କହ? କଥାକୁହ ପ୍ରାଣୀଟା ତ ସବୁଦିନ ପାଇଁ ଚାଲିଗଲା । ଆଉ କେହି ତା' ପାଟି ଶୁଣିବେନି କି ତା' ଉପରେ ଆଉ ବିରକ୍ତ ହେବେନି ।"

କକାଙ୍କ ସ୍ୱରଟା କୋଉଠୁ ବାହାରିଲା, ଜାଣିହେଲାନି । ଆଶ୍ଚର୍ଯ୍ୟ ଲାଗିଲା ମୋତେ କକାଙ୍କ କଥା ଶୁଣି । କକା ଆଉ ଛଳନା କରୁନାହାନ୍ତି ତ ! ସାରାଜୀବନ ଯିଏ ତାଙ୍କୁ ଗାଳି ଦେଇଦେଇ ଅସ୍ତବ୍ୟସ୍ତ କରି ପକାଉଥିଲେ, ସେ ପୁଣି ତାଙ୍କରି ବିଷୟରେ ଏମିତି କହୁଛନ୍ତି? ତା'ହେଲେ କକାଙ୍କୁ କ'ଣ ରଙ୍ଗୀଖୁଡ଼ୀଙ୍କ ଏତେ ଗାଳି କେବେ କିଛି ବିଚଳିତ କରୁନଥିଲା ?

"ତମେ କିଛି ଭାବନି କକା । ତମ ଦେହ ଖରାପ ହେବ । ତାଙ୍କର ଯିବାର ଥିଲା ଗଲେ । ଆମ ହାତରେ ଆଉ କ'ଣ ଅଛ? " ମୁଁ କହିଲି ।

"ଯିଏ ମୋ ଜୀବନୀଶକ୍ତି ଥିଲା, ସିଏ ତ ଚାଲିଗଲା । ମୁଁ ଆଉ ଭଲ କ'ଣ ରହିବି ? ପାଗଳୀଟା, ସାରାଜୀବନ ବି ଠିକ୍‌ରେ ବୁଝିଲାନି ମୋତେ । ସବୁବେଳେ ଖାଲି ଭୁଲ୍ ବୁଝିଲା । ଅଭିମାନ କରିକରି, ଅଭିମାନକୁ ଗଣ୍ଠି ପକେଇ ପକେଇ ଶେଷରେ ଚାଲିଗଲା ସିନା, ମୋତେ କିନ୍ତୁ ଥରକ ପାଇଁ ବି ବୁଝିବାକୁ ଚେଷ୍ଟା କଲାନି ।"

ଆଖିରୁ ଲୁହ ପୋଛିଲେ କକା । ଲାଗୁଥିଲା କକାଙ୍କ ଭିତରେ ଯେମିତି ଭରି ହୋଇ ରହିଛି ପ୍ରଚଣ୍ଡ କୋହ ।

ନିର୍ବାକ ହୋଇ ବସି ରହିଲି ମୁଁ ଅନେକ ସମୟ ଧରି । ଚାହିଁ ରହିଥିଲି କକାଙ୍କ ମୁହଁକୁ । ଭାରି ମନ ହେଉଥିଲା କକାଙ୍କୁ ପଚାରିବାକୁ, କି ଅଭିମାନ ଏମିତି, ଯାହାକୁ ଗଣ୍ଡିକରି ଧରି ସଂସାର ଛାଡ଼ିଲେ ରଙ୍ଗୀଖୁଡ଼ୀ !

କିନ୍ତୁ ସେମିତି ଖୁଣ୍ଟକୁ ଆଉଜି ବସିଥିଲେ କକା । ଏକଲୟରେ ଶୂନ୍ୟକୁ ଚାହିଁ । ଚାରିଆଡେ ଅଦ୍ଭୁତ ଏକ ନିରବତା ।

ଧୀରେ ଉଠି ଆସିଲି ମୁଁ ।

ରାତି ର ଶୋଇଲା ବେଳେ ବୋଉକୁ ପଚାରଲି ,"ବୋଉ, ମୁଁ ବୁଝି ପାରୁନି କକା ଆଉ ରଙ୍ଗୀଖୁଡ଼ୀଙ୍କ ସମ୍ପର୍କ ? ଲତାଖୁଡ଼ୀ କହୁଥିଲେ, କକା ମନେମନେ ରଙ୍ଗୀଖୁଡ଼ୀଙ୍କ ଉପରେ ଚିଡ଼ିଚିଡ଼ି ଥିବେ । ରଙ୍ଗୀଖୁଡ଼ୀ ଯିବାପରେ କକା ଟିକିଏ ଶାନ୍ତିରେ ରହିବେ ବୋଲି ଭାବିଥିବେ । ସତରେ ସେଇଆ ନୁହେଁ ତ ଆଉ କ'ଣ? ସବୁଦିନ ଗୋଟେ କିଏ କେତେ ଗାଳି ଶୁଣିବ? କିନ୍ତୁ ବୋଉ ମୁଁ ବୁଝି ପାରିଲିନି କକାଙ୍କ ମନରେ ରଙ୍ଗୀଖୁଡ଼ୀଙ୍କ ପ୍ରତି ଘୃଣା ଥିଲା ନା' ଭଲପାଇବା?"

"ତୁ ଶୋଇପଡ଼ । ସେ କଥାରୁ ଆଉ କ'ଣ ମିଳିବ?" ବୋଉ ମୋ ଆଡ଼କୁ ପଛ କଲା ।

ଶୋଇବାକୁ ଚେଷ୍ଟାକଲି ମୁଁ ମଧ୍ୟ । କିନ୍ତୁ ବୁଝିଲା ନାହିଁ ମୋ ମନ । ରଙ୍ଗୀଖୁଡ଼ୀ ଆଉ କକାଙ୍କ ସମ୍ପର୍କ ବିଷୟରେ ଭାବି ଚାଲିଥିଲି ମୁଁ । ମନେପଡ଼ିଲା ସେଦିନର କଥା । କାହିଁକି କେଜାଣି ସବୁଦିନ ଅପେକ୍ଷା ସେଦିନି ରଙ୍ଗୀଖୁଡ଼ୀ ବେଶୀ ବଡ଼ ପାଟିରେ ବହୁତ ଖରାପ କରି ଗାଳି କରୁଥିଲେ କକାଙ୍କୁ । ସେ ରାଗନ୍ତି । କିନ୍ତୁ ତାଙ୍କୁ ଏତେ ବେଶୀ ରାଗିବାର ସେଦିନ ପ୍ରଥମ ଦେଖିଥିଲି । ଦାଣ୍ଡରୁ ଘରଯାକେ ଖାଲି ଦୁମ୍‌ଦୁମ୍ ହେଇ ଫଟଉଥିଲେ । ବାଳ ମୁକୁଳା, ଦେହରେ ଲୁଗା କେତେବେଳେ ରହୁଥିଲା ତ କେତେବେଳେ ଖସୁଥିଲା । ଜିନିଷପତ୍ର କକାଙ୍କ ଉପରକୁ ଫୋପାଡ଼ା ଫିଙ୍ଗା କରୁଥିଲେ । କକା ବସିଥିଲେ ବସିଥିଲେ, ହଠାତ୍ ବସିବା ଜାଗାରୁ ଉଠି ବାହାରକୁ ଚାଲିଗଲେ । ରଙ୍ଗୀଖୁଡ଼ୀ ପଛରୁ ତାଙ୍କ ଉପରକୁ ଝାଡୁ ଫୋପାଡ଼ି କହିଲେ, "ଯା' ବାଡ଼ି ଡ଼ା ଆଉ ଘରକୁ ଫେରିବା ଦରକାର ନାହିଁ । ତୋ ମୁହଁ ମୁଁ ଦେଖିବିନି । ଆଜିଠୁ ଏ ଘରେ ତୁ ରହିବୁ, ନ ହେଲେ ମୁଁ ରହିବି ।"

ଅନେକ ସମୟ ଧରି ରଡ଼ିରଡ଼ି ଶେଷକୁ ମୁଣ୍ଡ ଘୂରେଇ କଚାଡ଼ି ହେଇ ପଡ଼ିଲେ । ରଙ୍ଗୀଖୁଡ଼ୀଙ୍କ ମୁଣ୍ଡରେ ଥଣ୍ଡା ତେଲ ଢାଳି, ପାଣି ଢାଳି ସାଷ୍ଟମ କଲାରୁ ଯାଇ ଶାନ୍ତ ପଡ଼ିଲେ । ସକାଳ ଯାଇ ଖରାବେଳ ହେଲା । ଖାଇବା ବେଳ ହେଲା । ପିଲାମାନେ ସମସ୍ତେ ଖୋଜିଲେ ଚାରିଆଡ଼େ କିନ୍ତୁ ପାଇଲେ ନାହିଁ କାକାଙ୍କୁ । ଡରିକି ରଙ୍ଗୀଖୁଡ଼ୀଙ୍କୁ ମଧ୍ୟ କେହି କିଛି କହୁ ନ ଥିଲେ । ରଙ୍ଗୀଖୁଡ଼ୀ ମଧ୍ୟ କାହାକୁ କିଛି ନ କହି ସେଇ ବାହାର ପିଣ୍ଡିରେ ଚୁପ୍ ହୋଇ ବସି ରହିଥିଲେ । ଖରାବେଳ ଯାଇ ଉପରବେଳା ହେଲା । କିନ୍ତୁ କକା ଫେରିଲେ ନାହିଁ । ରଙ୍ଗୀଖୁଡ଼ୀ ନ ଖାଇ, ନ ପିଇ ସେମିତି ବସି ରହିଲେ । ଖରାବେଳ ଯାଇ ସଞ୍ଜବେଳ ହେଲା ।

"ଦେଖିବା ସିଏ କେମିତି ବାପର ପୁଅ, ଆଉ ମୁଁ କେମିତି ବାପର ଝିଅ । ସିଏ ମୋତେ ଛାଡ଼ିକି ଯିବ !!! ଦେଖିବି କେମିତି ମୁଁ ତାକୁ ଯିବାକୁ ଦେବି! ମୋତେ ଛାଡ଼ି ସିଏ ଆଉ କୋଉଠି ଯାଇ ରହିବ । ଆଗରୁ ମୁଁ ତାକୁ ଛାଡ଼ିକି ଚାଲିଯିବି ।" ବେକରେ ଦଉଡ଼ି ଦେବାକୁ ବସିଥିଲେ ରଙ୍ଗୀଖୁଡ଼ୀ ।

ଯାହାହେଉ ଲିଟୁଭାଇ ଆଉ ତାଙ୍କ ସାଙ୍ଗମାନେ ସେତେବେଳକୁ କକାଙ୍କୁ ନେଇ ପହଞ୍ଚିଥିଲେ । କକାଙ୍କୁ ଦେଖି ରଙ୍ଗୀଖୁଡ଼ୀ ପୁଣି ଗାଳି ଦବାକୁ ଆରମ୍ଭ କରିଦେଇଥିଲେ । କିନ୍ତୁ କକା ଥିଲେ ସବୁଦିନ ଭଳି ନିର୍ବିକାର । ତା'ପରଠୁ ରଙ୍ଗୀଖୁଡ଼ୀ ଯେତେ ଖରାପ କରି ଗାଳି କଲେ ମଧ୍ୟ କକା ଆଉ କୁଆଡ଼େ ଯାଇନାହାନ୍ତି । ହେଲେ ରଙ୍ଗୀଖୁଡ଼ୀଙ୍କର ତାଙ୍କୁ ଗାଳିଦବା ବନ୍ଦ ହେଇନି ।

"ବୋଉ କହିଲୁ, ସତରେ ରଙ୍ଗୀଖୁଡ଼ୀ ଖାଲି କକାଙ୍କ କୋଢିଆ ପଣ ଯୋଗୁଁ ତାଙ୍କୁ ଗାଳି ଦେଉଥିଲେ ନା' ତାଙ୍କ ଭିତରେ ଆଉକିଛି କଥା ଥିଲା ।" ବିଛଣାରେ ଉଠି ବସି କହିଲି ।

"କ'ଣ ଆଉ ସେ କଥାରେ ଅଛି", ବୋଉ ମୋ ଆଡ଼କୁ କଡ଼ ଲେଉଟାଇ ଆରମ୍ଭ କଲା, "କମଳ ଚାକିରିକୁ ଯିବା ପରେ ରଙ୍ଗୀର ସାନ ଭଉଣୀ ସୁମୀ ଆସି ତା' ପାଖରେ ରହୁଥିଲା । କମଳ ବାହାରେ ରହି ଏଠିକା କଥା ଭାବି ଭାରି ବ୍ୟସ୍ତ ହୋଇ ପଡୁଥିଲେ । ସହଜେ ତ କୋଢ଼ିଆ, ଘରୁ କୁଆଡ଼େ ଯିବାଲୋକ ନୁହେଁ । ସେଥିରେ ପୁଣି ବିଦେଶରେ ଏକା । ରଙ୍ଗୀ ତ ପାଠ ପଢ଼ିନାହିଁ ଯେ, ତାକୁ ଚିଠି ଲେଖି ଭଲମନ୍ଦ ଜଣାଇବ କି କମଳ ତାକୁ ଚିଠି ଦେଲେ ପଢ଼ିପାରିବ । ସେଥିପାଇଁ ତୋ କକା ସୁମୀକୁ କହିଥିଲେ, ଚିଠି ଲେଖି ଏଠିକା ଖବର ତାଙ୍କୁ ଜଣାଇବା ପାଇଁ । ସିଏ ବି ସେଇଆ କରୁଥିଲା । କମଳ ତା' ଚିଠି ପାଇ ସେଠିକା ଖବର ଲେଖି ରଙ୍ଗୀ ପାଇଁ ତା' ପାଖକୁ ଚିଠି ଦେଉଥିଲେ । କିନ୍ତୁ ଯେତେବେଳେ ଭାରତ-ପାକିସ୍ତାନ ଯୁଦ୍ଧହେବା ଶୁଣାଗଲା, ସେତେବେଳେ ସୁମୀ କମଳଙ୍କୁ ଚିଠି ଲେଖିଥିଲା ଯୁଦ୍ଧକୁ ନ ଯାଇ ଜୀବନ ବଞ୍ଚେଇ ସେଠୁ ପଳେଇ ଆସିବା ପାଇଁ । ଜୀବନ ଥିଲେ ସିନା ସେ ପିଲାଙ୍କ ପାଇଁ କି ସ୍ତ୍ରୀ ପାଇଁ ଯାହା କରିବେ?

ଜୀବନଟା ନ ରହିଲେ କିଏ କ'ଣ କରିବ? ଯୁଦ୍ଧ ସରିଯାଉ, ତା'ପରେ ଦେଖାଯିବ କ'ଣ ହେବ । କମଳ ତ ସହଜେ ଘରକୁ ଗୋଡ଼ ଟେକି ବସିଥିଲେ । ସୁମୀର ଚିଠି ଖଣ୍ଡକ ପାଇବା କ୍ଷଣି ଘରକୁ ପଳାଇ ଆସିଲେ ଯେ ଆଉ ଫେରିବାକୁ ମନ କଲେ ନାହିଁ ।

ଏକଥା ବହୁତ ଦିନଯାଏ ଜାଣି ନଥିଲା ରଙ୍ଗୀ । କୋଉଦିନ ଗୋଟେ ଘର ଝଡ଼ାଝଡ଼ିରେ କେତେ ଗୁଡାଏ ଚିଠି ପାଇଲା ରଙ୍ଗୀ ।

ସବୁତକ ଚିଠି ଧରି ଦଉଡ଼ି ଆସିଥିଲା ମୋ ପାଖକୁ । ଚିଠି ତକ ଗୋଟି ଗୋଟିକରି ପଢ଼ିଥିଲି ମୁଁ ଆଉ ସେ ଶୁଣିଥିଲା ବସି, ଆଉ ତା'ପରେ ଏମିତି ଗଣ୍ଠିକରି ଧରିଲା ଯେ ଆଉ ଜମା ଛାଡ଼ିଲା ନାହିଁ ।

ହାରାମ୍‌ଜାଦା !, ଚାକିରୀ ଛାଡି ଆସିବା ଆଗରୁ ଠାରେ ପଚାରିଲା ନାହିଁ ମୋତେ ? କେତେ ୟାକୁ ତାକୁ ନେହୁରା ହୋଇ ଚାକିରୀ ଖଣ୍ଡିକ ଯୋଗାଡ଼ କରିଥିଲି । ଏ ଶଳା , ସେ କଥା ବୁଝିଲା ? ନିଜ ଜୀବନକୁ ବଂଚେଇ ଚାକିରୀ ଛାଡି ଆଇଲା, ମୋ ଛୁଆଙ୍କୁ ଭସେଇଦେଲା । ପୁଣି ୟା' ତା' କଥାରେ ! ମୁଁ ଏତେ କଷ୍ଟକରି ଚାକିରୀକୁ ପଠେଇଲୀ, ମୁଁ କଣ କୁଆଡେ ଉଡ଼ିଗଲି ? ସିଏ ଚିଠି ଲେଖିଦେଲା, ଆଉ ଇଏ ଚାଲି ଆସିଲା ? ପରିବାର କଥା ନ ଭାବିଲା ନାହିଁ, ଦେଶ କଥା ବି ଭାବିଲା ନାହିଁ ? ଏଇଟାକୁ କିଏ ମଣିଷରେ ଗଣିବ ? ନା ! ଜମା ନୁହେଁ । ଯୋଉ ଲୋକ ଯୁଦ୍ଧକୁ ଯାଇ ଦେଶ ରକ୍ଷା କରିବା ଛାଡି ମିଛ କଥା କହି ଘରକୁ ପଳାଇ ଆସେ ; ସେଇଟା କି ମଣିଷ ? ଯାଇଥିଲା ଯାଇଥାନ୍ତା ଜୀବନ ! ଦେଶ ପାଇଁ ତ ? କ'ଣ ହୋଇଥାନ୍ତା ସେଉଠୁ ? ଏ ଲୋକକୁ ଜମା ବିଶ୍ୱାସ ନାହିଁ । ଏଇଟା ଦେଶ ଦ୍ରୋହୀ , ପରବୁଦ୍ଧିଆ, ଏ ଲୋକକୁ ଜମା କ୍ଷମାକରି ପାରିବି ନାହିଁ ମୁଁ ।

ସହଜେ ତ ଅଭାବରେ ରହିରହି ଚିଡିଚିଡା ସ୍ୱଭାବ ଧରିଥିଲା , ଏ କଥା ଜାଣିବା ପରେ ଆହୁରିଚିଡିଚିଡ଼ା ହୋଇଗଲା ରଙ୍ଗୀ । ଆଗରୁ ଯାହା ଯେମିତି ଗାଳି ଦେଉଥିଲା, ତା'ପରଠୁ ସବୁଦିନ ସକାଳୁ ଉଠି କମଳକୁ ଗାଳି ଦବାକୁ ଆରମ୍ଭ କଲା ଯେ, ଆଉ ବନ୍ଦ ହେଲାନି । ଚାରି, ଆଠ ଧାଡ଼ିର ଚିଠିଟିଏ ବଦଳେଇ ଦେଲା ରଙ୍ଗୀର ସ୍ୱଭାବ । ଜାଣିଜାଣି ନିଜକୁ ମରଣ ଆଡ଼କୁ ଠେଲି ନେଇଗଲା ଯେମିତି ସେ । କେମିତି ଗୋଟେ ଅଭିମାନ ମନରେ ପୂରାଇଲା, ଖାଲି ପେଟରେ ରହି ନାଲି ଚା' ପିଇ ପାଟି କରିକରି କେବଳ ନିଜକୁ ସାରି ଚାଲିଲା । କେତେ ବା ବୟସ ତା'ର? ସେଦିନ ଭଳି ଲାଗୁଛି, ମୋରି ଆଗରେ ବୋହୂ ହେଇ ସବାରୀରୁ ଓହ୍ଲେଇଥିଲା । ବଡ଼ ଶ୍ୱଶୁରଙ୍କ ଘର ଆଗରେ ରଙ୍ଗୀ ।" ଦୀର୍ଘଶ୍ୱାସ ପକାଇଲା ବୋଉ!

ନିଦ ହେଲାନି ଆଉ । ଭାରି ଛକ୍‌ଛକ୍ ଲାଗିଲା । ରାତିସାରା ବୋଉ ମୁଁ ଦୁଇ ଜଣଯାକ ଖାଲି କଡ଼ ଲେଉଟେଇବା ସାର ହେଲା ।

ଭୋରରୁ ଭୋରରୁ ଟିକିଏ ଆଖି ଲାଗିଗଲା ।

"ମିତୁ, ଏ ମିତୁ ଉଠିଯା' ।" ବୋଉର ଡାକରେ ନିଦ ଭାଙ୍ଗିଲି ।, "ନାଲି ଚା' ଟିକିଏ ନେଇଗଲୁ କକାଙ୍କୁ ଦେଇ ଆସବୁ । ମିନୁ ଏଯାଏଁ ଚା' କରିକି ଦେଲାଣି କି ନାହିଁ କେଜାଣି?"

ମୋ ହାତକୁ ଚା' କପ୍ ବଢ଼େଇଦେଲା ବୋଉ । ମୁହଁରେ ଟିକିଏ ପାଣି ମାରି ଦଇ ଚା' ନେଇ ବାହାରିଗଲି କକାଙ୍କ ପାଖକୁ । ଅନ୍ୟମନସ୍କ ଭାବରେ ରଙ୍ଗୀଖୁଡ଼ୀଙ୍କ ଘର ଭିତରକୁ ପଶଲି । ଓଳାଓଳି କରୁଥିଲେ ମିନୁଭାଉଜ । ସୁଲୀଦେଇ ବସିଥିଲା ଚୁଲି ପାଖରେ । କକା ବସିଥିଲେ ତାଙ୍କର ସେଇ ସବୁଦିନିଆ ମଝି ଖୁଣ୍ଟକୁ ଆଉଜି । ଶୂନ୍ୟକୁ ଚାହିଁ । ମୁହଁରେ ତାଙ୍କର ଦାନ୍ତକାଠି, ହାତରେ ଗୁଡ଼ାଖୁ । ଚାରିଆଡ଼ ନିସ୍ତବ୍ଧ ଆଉ ଶୁନ୍‌ଶାନ୍ । ଆଖିର ପଲକ ପଡୁ ନଥିଲା । ସ୍ଥିର ନିଶ୍ଚଳ ।

"କକା ! ବୋଉ ଚା' ପଠେଇଛି । ମୁହଁ ଧୋଇ, ଚା' ପିଅ ।" ଚା'କପ୍ ରଖିଲି କକାଙ୍କ ପାଖରେ ।

କିଛି କହିଲେନି କକା, ସେମିତି ବସି ରହିଲେ ।

"କକା । ମୁହଁ ଧୁଅ, ଚା' ଥଣ୍ଡା ହେଇଯିବ ପରା ।"

କାନ୍ଧକୁ ଧରି ହଲେଇଦେଲି କକାଙ୍କର । ଗଡ଼ିପଡ଼ିଲେ ତଳକୁ କକା । କେତେ ସମୟ ହେବ, ତାଙ୍କ ଦେହରୁ ପ୍ରାଣବାୟୁ ଉଡ଼ିଯାଇଥିଲା କେଜାଣି...!




**ଡ. ଇତି ସାମନ୍ତ**

Dr. Itirani Samanta, an eminent writer, journalist, editor and national award winning film producer occupies a very signficant position in contemporary Odisha.
She has been continuously writing her editorials in 'The Kadambini', the most popular family magazine in Odisha on women related issues, women empowerment and current social problems since two decade.



ନୋବେଲ ସାହିତ୍ୟ ପୁରସ୍କାର

# ବବ୍ ଡିଲାନ୍ - ସାଧାରଣ ମଣିଷର ଅସାଧାରଣ କବି

**ଉପସ୍ଥାପନା ଓ ଅନୁସୃଜନ : ସତ୍ୟ ପଟ୍ଟନାୟକ**

ଆମେରିକୀୟ ଗୀତ ପରମ୍ପରାରେ ନୂତନ କାବ୍ୟିକ ଅଭିବ୍ୟକ୍ତି ସୃଜନ” ନିମନ୍ତେ ଆମେରିକାର ଲୋକପ୍ରିୟ ଗୀତିକାର -ଗାୟକ ପଚସ୍ତରୀ ବର୍ଷୀୟ ବବ୍ ଡିଲାନ୍‌ଙ୍କୁ ୨୦୧୬ ନୋବେଲ ସାହିତ୍ୟ ପୁରସ୍କାର ପାଇଁ ମନୋନୀତ କରାଗଲା । ତାଙ୍କର ପ୍ରକାଶିତ କେଇଖଣ୍ଡି ହାତଗଣତି ମାତ୍ର ପୁସ୍ତକ - ୧୯୭୧ରେ ପ୍ରକାଶିତ ଗଦ୍ୟକବିତା ସଙ୍କଳନ “ତେରାନ୍ତୁଲା”, ୧୯୮୫ରେ ପ୍ରକାଶିତ ଗୀତ ୧୯୬୨-୧୯୮୫” , ୨୦୦୪ରେ ପ୍ରକାଶିତ ଆତ୍ମକଥା “ କ୍ରୋନିକ୍ଲ ଭାଗ -୧” ଏବଂ ତାଙ୍କର ପେଣ୍ଟିଂକୁ ନେଇ ଆଉ ପାଞ୍ଚ ଖଣ୍ଡ ପୁସ୍ତକ । ତାଙ୍କର ପେଣ୍ଟିଂ ଅନେକ ଦେଶରେ ପ୍ରଦର୍ଶିତ ହୋଇଛି । ତାଙ୍କର ୩୭ ଟି ଷ୍ଟୁଡିଓ ଆଲ୍‌ବମ୍ ସହ ପ୍ରାୟ ଦୁଇଶହ ଆଲବମ୍ ଲୋକାର୍ପିତ ହୋଇଛି । ସେ ପ୍ରାୟ ଚାରିଶହ ଗୀତ ଲେଖିଛନ୍ତି ଯାହା ଅତ୍ୟନ୍ତ ଲୋକପ୍ରିୟ । ଯଦିଓ ତାଙ୍କୁ ୧୯୯୧ର ଗ୍ରାମି ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ସମେତ ତେରଟି ଗ୍ରାମି ପୁରସ୍କାର, ୨୦୦୦ର ଏକାଡେମୀ ପୁରସ୍କାର, ୨୦୦୧ର ଗୋଲ୍ଡେନ ଗ୍ଲୋବ୍ ପୁରସ୍କାର, ୨୦୦୮ର ବିଶେଷ ପୁଲିଜର ପୁରସ୍କାର, ଦୁଇଟି ବିଶ୍ୱବିଦ୍ୟାଳୟରୁ ସମ୍ମାନିତ ଡକ୍ଟରେଟ୍ ଡିଗ୍ରୀ ଓ ଅନ୍ୟାନ୍ୟ ଅନେକ ପୁରସ୍କାର ମିଳିଛି ଓ ଏଯାବତ ତାଙ୍କର ଦଶକୋଟିରୁ ଅଧିକ ଆଲବମ୍ ବିକ୍ରୀ ହୋଇଛି, ସେ ସ୍ଥାନୀୟ ବା ଜାତୀୟ ସ୍ତରରେ କୌଣସି ସାହିତ୍ୟ ପୁରସ୍କାର ପାଇ ନାହାନ୍ତି । ତେଣୁ ସାହିତ୍ୟରେ ନୋବେଲ ପୁରସ୍କାର ପାଇବାଟା ପୃଥିବୀର ସାହିତ୍ୟିକ ତଥା ସାହିତ୍ୟପ୍ରେମୀଙ୍କ ମନରେ, ଯେଉଁମାନେ ଅନ୍ତତଃ ବବ୍ ଡିଲାନ୍‌ଙ୍କ କାମକୁ ନିକଟରୁ ବୁଝିନାହାନ୍ତି, କିଛିଟା ପ୍ରଶ୍ନବାଚୀ ସୃଷ୍ଟିକଲା । ଅନେକ ଲୋକ ନୋବେଲ କମିଟିର ଏହି ଐତିହାସିକ ଘୋଷଣାକୁ ଖୋଲା ହୃଦୟରେ ସମର୍ଥନ କଲେ । ଗାର୍ଡିଆନ୍, ୱାଲ୍‌ଷ୍ଟ୍ରିଟ୍ ଜର୍ଣ୍ଣାଲ, ନ୍ୟୁୟର୍କ ଟାଇମ୍‌ସ, ଲସ୍ ଏଞ୍ଜୋଲ୍ସ ଟାଇମ୍ସ ଆଦି ବିଶିଷ୍ଟ ଖବରକାଗଜ ନୋବେଲ କମିଟିର ଏହି ଘୋଷଣାକୁ ପ୍ରଶଂସାକରି "ସାହିତ୍ୟର ସୀମାରେଖାକୁ ପୁନଃ ପରିଭାଷିତ” କରାଗଲା ବୋଲି କହିଲେ । ଯଦିଓ ଏହା ପୂର୍ବରୁ ରବୀନ୍ଦ୍ରନାଥ ଠାକୁରଙ୍କୁ ସାହିତ୍ୟ ଓ ସଂଗୀତରେ ଅବଦାନ ନିମନ୍ତେ ନୋବେଲ ପୁରସ୍କାର ଦିଆଯାଇଥିଲା, ବବ୍ ଡିଲାନ୍‌ଙ୍କୁ ସମ୍ପୂର୍ଣ୍ଣଭାବେ ସଂଗୀତକ୍ଷେତ୍ରରେ ନୋବେଲ ପୁରସ୍କାର ଦିଆଗଲା ବୋଲି ସମୀକ୍ଷକମାନେ ମତ ରଖିଲେ |

ବିଗତ ଅଠର ବର୍ଷ ହେଲା ଆମେରିକାରେ ରହୁଥିଲେ ମଧ୍ୟ, ଯେହେତୁ ମୋର ଇଂରାଜୀ ଗୀତରେ ରୁଚି ନଥିଲା, ମୁଁ ବବ୍ ଡିଲାନ୍‌ଙ୍କୁ ଜାଣି ନଥିଲି । ମୋର ନୋବେଲ ସାହିତ୍ୟ ସମ୍ଭାବ୍ୟ ତାଲିକାରେ ସିରିଆର କବି ଆଦୋନିସ୍ ଓ ଜାପାନୀ ଔପନ୍ୟାସିକ ହାରୁକି ମୁରାକାମି ଥିଲେ । ଆମେରିକୀୟ ହିସାବରେ ଫିଲିପ୍ ରୋଥ୍‌ଙ୍କୁ ବି ରଖିଥିଲି । କିନ୍ତୁ ବବ୍ ଡିଲାନ୍‌ଙ୍କ ସପକ୍ଷରେ ଫଳାଫଳକୁ ନେଇ ମୋ ମନରେ ତାଙ୍କୁ ଜାଣିବା ପାଇଁ ଇଚ୍ଛା ଗଭୀର ହେଲା । ମୁଁ ସ୍ଥାନୀୟ ଲାଇବ୍ରେରୀରୁ ତାଙ୍କ ଦ୍ୱାରା ଓ ତାଙ୍କୁ ନେଇ ଲେଖାଯାଇଥିବା ପ୍ରାୟ ଚଉଦଖଣ୍ଡ ବହି ଆଣି ପଢିଲାପରେ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ ବବ୍ ଡିଲାନ୍‌ଙ୍କ ରଚନାର କାବ୍ୟିକ ମୂଲ୍ୟବୋଧ ପୃଥିବୀର ଯେ କୌଣସି ଉଚ୍ଚ ମାନର କବିଙ୍କ କବିତା ତୁଳନାରେ କିଛି କମ ନୁହେଁ । ଆମେ ଯଦି ଭୀମଭୋଇଙ୍କ "ଏ ଜୀବନ ପଛେ ନର୍କେ ପଡିଥାଉ", ବୈକୁଣ୍ଠନାଥ ପଟ୍ଟନାୟକଙ୍କ "ଜୀବନ ପାତ୍ର ମୋ ଭରିଛ କେତେ ସତେ", ଗୋଦାବରୀଶ ମିଶ୍ରଙ୍କ "ଭଲ କରି ନାଆ ବୁହାରେ ନାଉରୀ?” ରବି ସିଂଙ୍କ“ ତୁମ ସ୍ୱାକ୍ଷରେ ତୁମେ ହିଁ କହିଛ ଗାନ୍ଧୀଟା ଥିଲା ନିପଟ ଓଲୁ” ଅଥବା ରମାକାନ୍ତ ରଥଙ୍କ

ଶ୍ରୀରାଧାକୁ କବିତା କହିବା, ତେବେ ବବ୍ ଡିଲାନ୍‌ଙ୍କ ରଚନା କୌଣସି ଗୁଣରେ କବିତାଠୁ କମ୍ ନୁହେଁ । ବବ୍ ତାଙ୍କ ରଚନା ସବୁକୁ ନିଶ୍ଚିତ ଭାବରେ ସଂଗୀତ ରୂପ ଦେଇ ଆଉ ଏକ ସ୍ତରକୁ ନେଇ ଯାଇଛନ୍ତି ଏଥିପାଇଁ ଯେ ତାଙ୍କ ପାଖରେ ସେ କଳା ଓ କ୍ଷମତା ରହିଛି । ଯଦି ସେସବୁକୁ ସେ କେବଳ ଲେଖା ଅବସ୍ଥାରେ ଛାଡିଥାନ୍ତେ ତେବେ ହୁଏତ ପାଠକ ତାକୁ ଗୀତ ବିଭାଗରେ ନରଖି କବିତା ବିଭାଗରେ ରଖିଥାନ୍ତେ । ସେ ଯାହା ବି ହେଉ, ନୋବେଲ କମିଟିର ଘୋଷଣା ସାହିତ୍ୟର ଏହି ଅନାଲୋଚିତ ଦିଗକୁ ସାହିତ୍ୟର ମୂଖ୍ୟସ୍ରୋତ ସହ ଜୋଡିବାରେ ନିଶ୍ଚିତ ଭାବେ ସାହାଯ୍ୟ କରିଛି । ୧୯୯୬ରୁ ବବ୍ ଡିଲାନ୍‌ଙ୍କ ନାଆଁ ନୋବେଲ ସାହିତ୍ୟ ପୁରସ୍କାର ପାଇଁ ଅନୌପଚାରିକ ସମ୍ଭାବ୍ୟ ତାଲିକାରେ ରହି ଆସୁଛି । ଅକ୍ଟୋବର ୫, ୨୦୧୦ରେ ଲସ୍ ଏଞ୍ଜେଲସ୍ ଟାଇମସ୍ ସେହିବର୍ଷର ନୋବେଲ ସାହିତ୍ୟ ପୁରସ୍କାର ପାଇଁ ବବ୍ ସବୁଠାରୁ ଶକ୍ତିଶାଳି ପ୍ରାର୍ଥୀ ବୋଲି ଘୋଷଣା କରିଥିଲେ ।

ବବ୍ ତାଙ୍କର ଆତ୍ମକଥାରେ ଲେଖିଛନ୍ତିଯେ କଲେଜରେ ଥିଲାବେଳେ ସେ ଅନେକ ପ୍ରସିଦ୍ଧ କବିଙ୍କୁ ପଢିବାର ସୁଯୋଗ ପାଇଥିଲେ । ପ୍ରସିଦ୍ଧ ଆମେରିକୀୟ ଲୋକଗୀତକାର ୱୁଡି ଗଥ୍ରୀଙ୍କ ଆତ୍ମଜୀବନୀ ବବ୍‌ଙ୍କ ହୃଦୟକୁ ଛୁଇଥିଲା ଓ ତାଙ୍କୁ' ସେ ମନେ ମନେ ଗୁରୁ ମାନି କବିତା ଲେଖିବା ଆରମ୍ଭ କରିଥିଲେ । ଛଅମାସ ଭିତରେ କଲେଜ ଶିକ୍ଷାରେ ଡୋରୀ ବାନ୍ଧି ସେ ଅନେକ ସହର ବୁଲିଲା ପରେ ୧୯୬୧ ଜାନୁଆରୀର ଗୋଟିଏ ଶିତସକାଳରେ କୋଡିଏ ବର୍ଷିୟ ଯୁବକ ବବ୍ ଇମ୍ପାଲା ୫୭ ମଡେଲ କାର ଧରି ଚିକାଗୋରୁ ନ୍ୟୁୟର୍କ ସହର ଅଭିମୂଖେ ବାହାରିଗଲେ ଅନେକ ସ୍ୱପ୍ନ ନେଇ । ଦୁଇଟି ଇଚ୍ଛା, ଗୁରୁ ୱୁଡି ଗଥ୍ରୀଙ୍କୁ ଭେଟିବେ ଓ ନିଜକୁ ଲୋକସଂଗୀତର ଗାୟକ ଭାବେ ପ୍ରତିଷ୍ଠା କରିବେ । ସେ ନ୍ୟୁୟର୍କ ସହରରେ ପହଁଚି ଖୁବ ଶୀଘ୍ର ସେଠାକାର ଲୋକସଂଗୀତ ଆସରକେନ୍ଦ୍ର ଗ୍ରୀନୱିଚ୍ ଭିଲେଜ୍‌ରେ ଜଣାଶୁଣା ହେବା ସହିତ ଗୁରୁ ୱୁଡି ଗଥ୍ରୀଙ୍କ ପ୍ରିୟପାତ୍ର ହେଲେ । ସେପ୍ଟେମ୍ବର ୨୫ରେ ତାଙ୍କୁ ଗାର୍ଡସ୍ ଫୋକ୍ ସିଟିରେ ଗାଇବାପାଇଁ ପ୍ରଥମ ସୁଯୋଗ ମିଳିଲା ଏବଂ ସେପ୍ଟେମ୍ବର ୨୯ରେ ନ୍ୟୁୟର୍କ ଟାଇମ୍‌ସରେ ତାଙ୍କର ରିଭ୍ୟୁ ପ୍ରକାଶିତ ହେଲା । ପ୍ରସିଦ୍ଧ ରେକର୍ଡ କମ୍ପାନି କଲମ୍ବିଆ ରେକର୍ଡସ୍‌ର ଜଣେ ପ୍ରଭାରୀ ଜନ୍ ହାମଣ୍ଡ୍ ତାଙ୍କ ପ୍ରଦର୍ଶନରେ ମୁଗ୍ଧ ହୋଇ ତାଙ୍କ ସହ ଚୁକ୍ତି ସ୍ୱାକ୍ଷର କଲେ ଓ ତାଙ୍କର ପ୍ରଥମ ଆଲ୍‌ବମ୍ "ବବ୍ ଡିଲାନ୍" ୨୦ରୁ୨୨ ନଭେମ୍ବରରେ ରେକର୍ଡ କଲେ । ମାର୍ଚ୍ଚ ୧୯, ୧୯୬୨ ରେ ଏହି ଆଲ୍‌ବମ୍ ଲୋକାର୍ପିତ ହେଲା ଏବଂ ବବ୍ ଡିଲାନ୍‌ଙ୍କ ଏକ ଦୀର୍ଘ ସଫଳ ସଂଗୀତ ଯାତ୍ରାର ଶୁଭାରମ୍ଭ ହେଲା । ୧୯୬୦ ଦଶକରେ ଆମେରିକାର ସାମାଜିକ ବ୍ୟବସ୍ଥା ଅତ୍ୟନ୍ତ ଅସ୍ଥିର ଥିଲା । ଗୃହଯୁଦ୍ଧ, ମାର୍ଟିନଲୁଥର କିଙ୍ଗ୍ ଙ୍କ ଜେଲ୍ ଭାଷଣ ଓ ହତ୍ୟା, ରାଷ୍ଟ୍ରପତି କେନେଡିଙ୍କ ହତ୍ୟା, ଭିଏତନାମ ଯୁଦ୍ଧ ଆଦି ଘଟଣା ଦେଶରେ ଅରାଜକତାର ପଦଧ୍ୱନି ଶୁଣାଉଥିଲା । ଏହି ପରିପ୍ରେକ୍ଷୀରେ ଅନେକ ଯୁଦ୍ଧ ବିରୋଧି ସଂସ୍ଥା ବବ୍ ଡିଲାନ୍ ଙ୍କ ଗୀତସବୁକୁ ନେଇ ପ୍ରତିବାଦ ସଂଗୀତ ଭାବରେ ବ୍ୟବହାର କଲେ ଓ ଯାଗା ଯାଗା ବୁଲି ଗାଇବାକୁ ଲାଗିଲେ । ବବ୍ ଲୋକଗୀତ ଗାୟକରୁ ଖୁବ୍ ଶୀଘ୍ର ଲୋକଙ୍କ ଆଖିରେ ସୁପି ପାଲଟି ଗଲେ । ଏହି ଯୁବ ଗୀତିକାର ଓ ଗାୟକଙ୍କୁ ସାଧାରଣ ଲୋକେ ଈଶ୍ୱର ବୋଲି ଭାବିବାକୁ ଲାଗିଲେ ।



ଜୁଲାଇ ୧୯୬୧ରେ ଗୋଟିଏ ଲୋକଗୀତ ଆସରରେ ବବ୍ ପ୍ରଥମଥର ଦେଖିଲେ ସୁଜାନ୍ ରତୋଲୋଙ୍କୁ । ପ୍ରଥମ ଦେଖାରେ ଦୁହିଁଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଲା । ତାଙ୍କର ଆତ୍ମ କଥାରେ ବବ୍ ଏ ବିଷୟରେ ଉଲ୍ଲେଖ କରି କହିଛନ୍ତି , "ତାକୁ ଦେଖିବା ପରଠୁ ମୁଁ ତା ଉପରୁ ଆଖି ଫେରେଇ ପାରିଲିନି । ପ୍ରେମର ତୀର ପ୍ରଥମଥର ପାଇଁ ସିଧା ହୃଦୟ ଭେଦ କଲା । ତା ସହିତ ପ୍ରତ୍ୟେକ ଆଳାପ ୧୦୦୦ଆରବୀୟ ରଜନୀ ପରି ।" ତାଙ୍କର ସମ୍ପର୍କକୁ ସୁଜାନ୍‌ଙ୍କ ପରିବାର ସ୍ୱୀକୃତି ନଦେବା ସତ୍ତ୍ୱେବି ୧୯୬୨ ଆରମ୍ଭରୁ ଦୁହେଁ ଏକାଠି ରହିଲେ । କିନ୍ତୁ ବବ୍‌ଙ୍କ ଲୋକପ୍ରିୟତା ଓ ସାମାଜିକ ଦାୟିତ୍ୱ ବଢୁଥିଲା । ବବ୍ ଯେଉଁପ୍ରକାରର ଆବେଗାତ୍ମକ ସମ୍ପର୍କ ସୁଜାନ୍‌ଙ୍କ ନିକଟରୁ ଚାହୁଁଥିଲେ, ସୁଜାନ୍ ତାକୁ ଦେବାରେ ଅସମର୍ଥ ହେଉଥିଲେ । ମାନସିକ ଚାପ, ଲୋକଚର୍ଚ୍ଚା, ସୁଦୃଢ ଭବିଷ୍ୟତର ସମ୍ଭାବନାରେ ପ୍ରଶ୍ନବାଚୀ ଇତ୍ୟାଦିକୁ ନେଇ ସୁଜାନ୍ ଜୁନ ୧୯୬୨ରେ ନ୍ୟୁୟର୍କ

ଛାଡି ମା'ଙ୍କ ସହିତ ଛଅମାସ ପାଇଁ ଇଟାଲି ଚାଲିଗଲେ । ଅକ୍ଟୋବର ୧୯୬୨ରେ ସୋଭିଏତ୍ ରୁଷ୍ ର କ୍ୟୁବାରୁ ଆମେରିକା ଉପରେ କରିଥିବା କ୍ଷେପଣାସ୍ତ୍ର ଯୁଦ୍ଧ ସମୟରେ ସୁଜାନ୍‌ଙ୍କୁ ଏକ ଚିଠିରେ ବବ୍ ଲେଖିଥିଲେ, "ଯଦି ସେ ରାତିରେ ପୃଥିବୀ ସମାପ୍ତ ହୋଇଯାଇଥାନ୍ତା, ମୁଁ କେବଳ ଚାହିଁଥାନ୍ତି ତୁମ ସହିତ ରହିବାକୁ ।" ୧୯୬୩ ଜାନୁଆରୀରେ ସୁଜାନ୍ ଇଟାଲିରୁ ଫେରିଲେ ଓ ସେଇ ବର୍ଷ ଶେଷ ଆଡକୁ ସୁଜାନ୍ ବବ୍‌ଙ୍କ ଦ୍ୱାରା ଗର୍ଭବତୀ ହେଲେ । ପରେ ସୁଜାନ୍ ବବ୍‌ଙ୍କ ଲୋକପ୍ରିୟତାର ଛାଇ ତଳୁ ନିଜକୁ ମୁକ୍ତକରିବାକୁ ସ୍ଥିର କରି ଗର୍ଭପାତ କଲେ, ବବ୍‌ଙ୍କ ସହିତ ସମସ୍ତ ସମ୍ପର୍କ ଖଣ୍ଡନ କଲେ । ଯଦିଓ ସମୀକ୍ଷକ ମାନେ ବବ୍ ଡିଲାନ୍‌ଙ୍କ "ଡୋଣ୍ଟ ଥିଙ୍କ୍ ଟ୍ୱାଇସ୍, ଇଟ୍ସ ଅଲ୍ ରାଇଟ୍ ?" କବିତାକୁ ସୁଜାନ୍‌ଙ୍କ ସମ୍ପର୍କକୁ ନେଇ ଏକ ପ୍ରେମ କବିତା ବୋଲି କୁହନ୍ତି, ବବ୍ ଏହାକୁ ପ୍ରେମକବିତା ନକହି ସ୍ୱୀକାରୋକ୍ତି ବୋଲି କୁହନ୍ତି । କୌଣସି ପ୍ରକାରର ଦୁଃଖଦ ମାନସିକ ଅବସ୍ଥାରୁ ନିଜକୁ ମୁକ୍ତ କରିବାପାଇଁ ଏହି କବିତାକୁ ବ୍ୟବହାର କରାଯାଇ ପାରିବ ବୋଲି ବବ୍ କୁହନ୍ତି ।

ରାସ୍ତାରେ ଚାଲୁଚାଲୁ ଏକଥା ଭାବୁଛି ମୁଁ
ଏବଂ ଆଶ୍ଚର୍ଯ୍ୟ ହେଉଛି ଭାବି ଭାବି
ଦିନେ ମୁଁ ପ୍ରେମରେ ପଡିଥିଲି ଗୋଟେ ଝିଅର
ମୋତେ କୁହାଗଲା ତା ଥିଲା ମୋର ଚପଳାମି
ମୁଁ ଦେଲି ତାକୁ ମୋର ହୃଦୟ
ସେ କିନ୍ତୁ ଚାହିଁଲା ଆତ୍ମା,
ହେଲେ ଭାବନି ଏତେ ବେଶି, ଯାହା ବି ହୋଇଛି ସବୁ ଠିକ୍ |
**(ଡୋଣ୍ଟ ଥିଙ୍କ୍ ଟ୍ୱାଇସ୍, ଇଟ୍ସ ଅଲ୍ ରାଇଟ୍)**

("ଡୋଣ୍ଟ ଥିଙ୍କ୍ ଟ୍ୱାଇସ୍, ଇଟ୍ସ ଅଲ୍ ରାଇଟ୍ - ୧୯୬୩ ) ଏପ୍ରିଲ ୧୬, ୧୯୬୨ ରେ ଗ୍ରୀନୱିଚ୍ ଭିଲେଜରେ ଗୋଟିଏ କଫି ଦୋକାନରେ ବସିଥିଲା ବେଳେ ବବ୍ "ବ୍ଲୋଇଙ୍ଗ ଇନ୍ ଦି ୱିଣ୍ଡ, କବିତାକୁ ମାତ୍ର ଦଶ ମିନିଟରେ ଲେଖିଥିଲେ । ପରେ ଅନେକ ଗାୟକ ଅନେକ ଥର ଆଶା ଓ ଶାନ୍ତିର ସଂଗୀତ ଭାବରେ ଏହି ରଚନାକୁ ପ୍ରଦର୍ଶିତ କରିଥିଲେ । ଏହି କବିତାରେ ବ୍ୟବହୃତ ଭାଷା ପ୍ରତିବାଦ ସଙ୍ଗୀତ ପାଇଁ ଉପଯୁକ୍ତ ଥିଲା । ଅଗଷ୍ଟ ୨୮, ୧୯୬୩ରେ ମାର୍ଟିନ ଲୁଥର କିଙ୍ଗ୍ ଓ ଅଢେଇ ଲକ୍ଷ ଲୋକ "ଓାସିଂଟନ ଚାଲ" ନାମକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଶୋଭାଯାତ୍ରାରେ ଏହି ସଂଗୀତକୁ ଗାନ କରିଥିଲେ । ରେ ୧୯୮୫ରେ ଲାଇଭ୍ ଏଡ୍ ଫେଷ୍ଟିଭାଲ ନାମକ ଚ୍ୟାରିଟି ପ୍ରୋଗ୍ରାମରେ ମଧ୍ୟ ବବ୍ ପୃଥିବୀର ଯୁବଗୋଷ୍ଠିଙ୍କ ଉଦ୍ଦେଶ୍ୟରେ ଏହି ଗୀତକୁ ପୁନର୍ବାର ଗାୟନ କରିଥିଲେ ।

ହଁ, ଏବଂ କେତେ କାଳ ଛିଡା ହୋଇପାରିବ ପାହାଡ
ତାକୁ ଧୋଇନେବା ପୂର୍ବରୁ ସମୁଦ୍ର ?
ହଁ, ଏବଂ କେତେ କାଳ ଜୀଇବେ କିଛି ଲୋକ
ସେମାନେ ଅନୁମତି ପାଇବା ପୂର୍ବରୁ ମୁକ୍ତିର ?
ହଁ, ଏବଂ କେଇବାର ଜଣେ ମଣିଷ
ମୁଣ୍ଡ ହଲେଇ ଅସ୍ୱୀକାର କରିବ
ଏବଂ କିଛି ନଦେଖିବାର ଛଳନା କରିବ ?
ହେ ମୋର ବନ୍ଧୁ ! ଭାସୁଛି ପବନରେ କେବଳ ଏହାର ଉତ୍ତର ।

(ବ୍ଲୋଇଙ୍ଗ ଇନ୍ ଦି ୱିଣ୍ଡ, - ୧୯୬୩) ପୁରୁଣା ଆଇରିଶ୍ ଓ ବ୍ରିଟିଶ୍ ବାଲାଡ ଦ୍ୱାରା ଅନୁପ୍ରାଣିତ ହୋଇ ଅକ୍ଟୋବର ୧୯୬୩ରେ ବବ୍ "ଟାଇମସ୍ ଦେ ଆର୍ ଏ ଚେଞ୍ଜିଙ୍ଗ" ଲେଖିଥିଲେ ଯାହା କୌଣସି ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ନଥିଲା । ଏହାର ଲକ୍ଷ୍ୟ ଥିଲା ଷାଠିଏ ଦଶକର ବିଖଣ୍ଡିତ ସମାଜକୁ ଆଶାର ନୂତନ ଆଲୋକ ଦେଖାଇ ସମସ୍ତଙ୍କୁ ଏକାଠି କରିବା । ଗୀତ ରେକର୍ଡିଂର ମାସକ ମଧ୍ୟରେ ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ଡଲାସ୍‌ରେ ହତ୍ୟା କରାଗଲା । ଘଟଣାର ପରଦିନ ନ୍ୟୁୟର୍କ ସହରରେ ତାଙ୍କର ପ୍ରୋଗ୍ରାମ ଥିଲା । ସେ ଡର ଓ ଅନିଚ୍ଛା ସତ୍ତ୍ୱେ ଏହି ଗୀତଟିକୁ ପ୍ରଥମେ ଗାଇଲେ । ଆଶ୍ଚର୍ଯ୍ୟର କଥା ଦର୍ଶକ ମାନେ ଗୀତ ଶେଷରେ ଛିଡା ହୋଇ ତାଳି ବଜେଇ ତାଙ୍କ ପ୍ରୋଗ୍ରାମକୁ ସ୍ୱାଗତ କରିଥିଲେ । ଡିସେମ୍ବର ୧୦, ୨୦୧୦ରେ ତାଙ୍କର ମୂଳ ହାତଲେଖା ଗୀତଟି ୪୨୨,୫୦୦ଡଲାରରେ ଗୋଟିଏ ଚ୍ୟାରିଟି ଉଦ୍ଦେଶ୍ୟରେ ନିଲାମ ହୋଇଥିଲା ।

ଆସ, ହେ ଲେଖକ ଓ ସମୀକ୍ଷକମାନେ
ଯେଉଁମାନେ କହୁଥାଅ ଆଗାମୀଦିନର କଥା
ତୁମର କଲମରେ
ଏବଂ ଅନେକ ଦୂର ଯାଏ ପଡିଥାଏ ତୁମର ଦୃଷ୍ଟି
ଏ ସୁଯୋଗ ଆସିବନି ଆଉଥରେ
ଏବଂ ମୁହଁ ଖୋଲନି ଏତେ ଜଲ୍ଦି
ଏବେବି ଘୁରୁଛି ଚକ୍ର
ଏବଂ ଯାହାବି କହୁଛ, କାହାର ନାଆଁ ନନେଇ କୁହ
ଏବେ ହାରୁଛି ଯେଉଁ ଲୋକ
ପରେ ଜିତିବ ସେ ଯେହେ
ଯେହେତୁ ବଦଳୁଛି ସମୟ ।

(ଟାଇମସ୍ ଦେ ଆର୍ ଏ ଚେଞ୍ଜିଙ୍ଗ - ୧୯୬୪) ୧୯୬୪ରେ ବବ୍ ଗୋଟିଏ ଉପନ୍ୟାସ ଓ ନାଟକ ଉପରେ କାମ କଲେ । ଜଣେ ଯୁବଲେଖକ ଉପରେ ଆସ୍ଥାକରି ମାକମିଲାନ୍ ପ୍ରକାଶନ ତାଙ୍କୁ ଅଗ୍ରୀମ ଅର୍ଥ ଦେଇ ଲେଖା ହୋଇନଥିବା ବହିକୁ କିଣିଲେ । ଯେତେବେଳେ ନିର୍ଧାରିତ ସମୟ ଆସିଲା, ଯେତେବେଳକୁ ବହି ଲେଖା ହୋଇନଥିଲା କିନ୍ତୁ "ଚାଇମ୍ସ ଅଫ୍ ଫ୍ରିଡମ୍" ସମେତ ଅନେକ ଗଦ୍ୟ କବିତା ଲେଖା ହୋଇଥିଲା । ପରବର୍ତ୍ତୀ

ସମୟରେ "ଟାଇମ୍ସ ଅଫ୍ ଫ୍ରିଡମ୍" ତାଙ୍କର ବହୁଚର୍ଚ୍ଚିତ କବିତା ଭାବରେ ଆଦୃତ ହେଲା । ଏହାକୁ ୱିଲିୟମ ବ୍ଲେକ୍‌ଙ୍କ କାବ୍ୟିକ ଦୃଷ୍ଟିକୋଣ ଏବଂ ୱିଲିୟମ ସେକ୍ସପିଅରଙ୍କ " କିଙ୍ଗ୍ ଲିଅର୍" ସହ ତୁଳନା କରାଗଲା । ଏହି କବିତା ତାଙ୍କୁ ଜଣେ ସାଧାରଣ ପ୍ରତିବାଦ ଧର୍ମୀ ଗୀତିକାରର ଛବିରୁ ମୁକ୍ତ କରି ଆମେରିକୀୟ କବି ଭାବରେ ସ୍ୱୀକୃତି ଦେଲା । ସମୀକ୍ଷକ ମାନେ କୁହନ୍ତିଯେ "ଟାଇମ୍ସ୍ ଅଫ୍ ଫ୍ରିଡମ୍"ର ଲୋକ ପ୍ରିୟତାର ଶିଖରରୁ ଭୂଇଁକୁ ଓହ୍ଲେଇବାପାଇଁ ସେ "ଆଇ ଶାଲ୍ ବି ଫ୍ରି ନଂ ୧୦" ରଚନା କଲେ ଯେଉଁଥିରେ ତାଙ୍କର ବିନମ୍ରତାର ସ୍ୱର ଶୁଣାଯାଏ ।

ମୁଁ ଜଣେ ସାମାନ୍ୟ ମଣିଷ, ଖୁବ୍ ସାଧାରଣ
ସେମାନଙ୍କ ପରି ମୁଁ, ତୁମ ପରି ମଧ୍ୟ
ମୁଁ ସମସ୍ତଙ୍କ ଭାଇ ଓ ପୁଅ
କାହାଠୁ ଅଲଗା ନୁହଁ
ମୋ ସହିତ କଥା ନହେବାର ଅର୍ଥ କିଛି ନାହିଁ
ଯେହେତୁ ମୁଁ ଠିକ୍ ତୁମ ପରି କଥା କୁହେ ।

(ଆଇ ଶାଲ୍ ବି ଫ୍ରି ନଂ ୧୦- ୧୯୬୪) ବବ୍‌ଙ୍କ କବିତା "ଇଟ୍ ଇଜ୍ ଅଲ୍ ଓଭର୍ ନାଓ, ବେବି ବ୍ଲୁ"ରେ ହୋଇଥିବା ପ୍ରତୀକବାଦର ପ୍ରୟୋଗ ପଛରେ ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ ଫରାସୀ କବି ଆର୍ଥର୍ ରିମ୍ବାଉଡ୍‌ଙ୍କ (ମାତ୍ର ୩୭ ବର୍ଷର ଜୀବନ) କବିତାର ପ୍ରଭାବ ଦେଖିବାକୁ ମିଳେ । ଯେଉଁ ଉଦାସୀ ପ୍ରିୟତମାପାଇଁ ଏ କବିତା ଲେଖାଯାଇଛି, କେହି କୁହନ୍ତି ତାଙ୍କର ସହଗାୟିକା ଜୋଆନ୍ ବେଜ୍ ହୋଇଥାଇପାରନ୍ତି । ସେ ଯିଏ ବି ହେଉ, ଏହା ବବ୍ ଡିଲାନ୍‌ଙ୍କର ଏକ ସଫଳ କବିତା ଓ ବବ୍ ଏହି କବିତାରେ ଥିବା ସମସ୍ତ ଉଲ୍ଲେଖ - ଲୋକଚିତ୍ର, କାଳ୍ପନିକ ସ୍ୱପ୍ନ, ନିଜର ବୌଦ୍ଧିକ ସନ୍ତୁଷ୍ଟି ଇତ୍ୟାଦିକୁ ଧନ୍ୟବାଦ ଦିଅନ୍ତି । ଯନ୍ତ୍ରଣାର ସମସ୍ତ ରାସ୍ତା ପାରହୋଇଗଲା ପରେ ଯେଉଁ ତୃପ୍ତି ମିଳିଥାଏ, ଏହି କବିତା ତାର ସଫଳ ରୂପାୟନ ।

ତୋ ପ୍ରେମିକ, ଯେ ବାହାରିଗଲା ଘରୁ ଏବେ ଏବେ
ସାଥିରେ ନେଇଯାଇଛି ଚଟାଣରେ
ରଖାଯାଇଥିବା ତାର ସମସ୍ତ କମ୍ବଳ
ତା ସହିତ ଟାଣିହୋଇଯାଉଛି
ତୋ ପାଦତଳର ଗାଲିଚା ମଧ୍ୟ
ଏବଂ ଏବେତ ସବୁ କିଛି ସରିଯାଇଛି, ଉଦାସୀ ପ୍ରିୟତମା !
**(ଇଟ୍ ଇଜ୍ ଅଲ୍ ଓଭର୍ ନାଓ, ବେବି ବ୍ଲୁ - ୧୯୬୫ )**

ନ୍ୟୁପୋର୍ଟ ସଂଗୀତ ସମାରୋହରେ ଉଠିଥିବା ବିବାଦରେ ସମଗ୍ର ଲୋକଗୀତ ସଂଗୀତ ଜଗତର କାର୍ଯ୍ୟକର୍ତ୍ତାମାନଙ୍କ ବିରୁଦ୍ଧରେ ବୌଦ୍ଧିକ ଅସହିଷ୍ଣୁତା, ଛଳନା, ବନ୍ଧୁତାରେ ବିଶ୍ୱାସଘାତର ସ୍ୱର ଉତ୍ତୋଳନ କରିବାକୁ ଯାଇ ବବ୍ "ପଜିଟିଭ୍ଲି ୪ର୍ଥ ଷ୍ଟ୍ରୀଟ୍" କବିତାକୁ ଲେଖିଥିଲେ । ବୌଦ୍ଧିକ ଆନ୍ଦୋଳନ ନାମରେ ହେଉଥିବା ଅନେକ ଭ୍ରଷ୍ଟାଚାର ବିରୋଧରେ ଏହି ଗୀତ ମାଧ୍ୟମରେ ସେ ତାଙ୍କର ପ୍ରବଳ ଅପ୍ରସନ୍ନତାକୁ ଦର୍ଶାଇଥିଲେ । ସେପ୍ଟେମ୍ବର ୭, ୧୯୬୫ ରେ ଆଲବମ୍ ବଜାରକୁ ଆସିବା ପରେ ଖୁବ୍ ଲୋକପ୍ରିୟ ହୋଇଥିଲା ଓ ବିଲ୍ ବୋର୍ଡ ଚାର୍ଟରେ ଯୁକ୍ତରାଷ୍ଟ୍ର ଆମେରିକାରେ ସପ୍ତମ ତଥା କାନାଡାରେ ପ୍ରଥମ ସ୍ଥାନରେ ରହିଥିଲା ।

ମୁଁ ଚାହୁଁଛି ଥରଟିଏ ଯଦି ତୁମେ ପାଦରଖନ୍ତ ମୋ ଜୋତାରେ
ଏବଂ ସେଇ ମୁହୂର୍ତ୍ତପାଇଁ ମୁଁ ହୁଅନ୍ତି ତୁମେ
ହଁ, ମୁଁ ଚାହୁଁଛି ଥରଟିଏ ଯଦି ତୁମେ
ପାଦ ରଖନ୍ତ ଜୋତାରେ ମୋର
ତେବେ ତୁମେ ବୁଝିପାରନ୍ତ ମୋ ଯନ୍ତ୍ରଣାର ଗଭୀରତା ।
**(ପଜିଟିଭ୍ଲି ୪ର୍ଥ ଷ୍ଟ୍ରୀଟ୍ - ୧୯୬୫)**

ତିନିଥର ପୁଲିଜର ପୁରସ୍କାର ପାଇଥିବା ନାଟ୍ୟକାର ଆର୍ଚି ମାକ୍ଲିଶ୍‌ଙ୍କ ତାଙ୍କର ଏକ ନାଟକ ପାଇଁ ବବ୍‌ଙ୍କୁ ତିନୋଟି ଗୀତ ଲେଖିବାକୁ ଅନୁରୋଧ କଲେ । ବବ୍ ତାଙ୍କ ପାଇଁ "ଟାଇମ୍ ପାସେସ୍ ସ୍ଲୋଲି", "ନ୍ୟୁ ମର୍ଣ୍ଣିଙ୍ଗ" ଓ "ଫାଦର୍ ଅଫ୍ ନାଇଟ୍" ଲେଖିଲେ | ପରେ ଯେତେବେଳେ ବବ୍ ଆର୍ଚିଙ୍କ ସହିତ ମିଳିଲେ ଏବଂ ନାଟକର ପାଣ୍ଡୁଲିପି ଶୁଣିଲେ, ତାଙ୍କୁ ପସନ୍ଦ ଆସିଲାନି ଏବଂ ସେ ଗୀତଗୁଡିକୁ ଆର୍ଚିଙ୍କୁ ନଦେଇ "ନ୍ୟୁ ମର୍ଣ୍ଣିଙ୍ଗ" ଆଲ୍‌ବମ୍‌ରେ ରେକର୍ଡିଂ କଲେ । କହିବା ବାହୁଲ୍ୟ ଯେ ଆର୍ଚି ବିଶିଷ୍ଟ କବି ଟି ଏସ୍ ଏଲିଅଟ୍‌ଙ୍କ ଘନିଷ୍ଠ ବନ୍ଧୁ ଥିଲେ । "ଟାଇମ୍ ପାସେସ୍ ସ୍ଲୋଲି", ପ୍ରକୃତିର ଆନନ୍ଦକୁ ଅନୁଭବ କରିବାର ଭବ୍ୟ ଆବାହନ ।

ସମୟ ବିତୁଥାଏ ଧିରେଧିରେ ଏଇ ପାହାଡରେ
ଆମେ କେବେ ବସିଥାଏ ନଦୀବନ୍ଧରେ
କେବେ ଚାଲୁଥାଏ ଝରଣା କୂଳେକୂଳେ
କେବେ ଧରୁଥାଏ ଝରଣାରେ ପହଁରୁଥିବା ମାଛଙ୍କୁ
ସମୟ ବିତୁଥାଏ ଧିରେଧିରେ
ଯେତେବେଳେ ତୁମେ ହଜିଥାଅ ସ୍ୱପ୍ନରେ ।

(ଟାଇମ୍ ପାସେସ୍ ସ୍ଲୋଲି - ୧୯୭୦) ୧୯୭୪ର ମଧ୍ୟଭାଗରେ ବବ୍ "ଇଡିଅଟ୍ ୱିଣ୍ଡ" ଲେଖିଲେ | ସେତେବେଳକୁ ପତ୍ନୀ ସେରାଙ୍କ ସହିତ ସମ୍ପର୍କ ଏଭଳି ପରିସ୍ଥିତିରେ ଆସି ପହଞ୍ଚିଥାଏ ଯେଉଁଠୁ ଭଲ ହେବାର ଆଶା ନଥାଏ । ଏହି ସମୟରେ ତାଙ୍କ ଜୀବନରେ ଆଉ ଦୁଇଟି ଘଟଣା ଘଟିଥାଏ । ଚିତ୍ରକର ହେବାର ପ୍ରଚୁର ଇଚ୍ଛା ନେଇ ସେ ପେଣ୍ଟିଂ କ୍ଲାସରେ ଯୋଗ ଦେଇଥାନ୍ତି ଓ କଲମ୍ବିଆ ରେକର୍ଡ କମ୍ପାନୀର ଏକ୍ଜିକ୍ୟୁଟିଭ୍ ଚବିଶ ବର୍ଷିୟା ଏଲେନ୍ ବର୍ନଷ୍ଟିନ୍‌ଙ୍କ ସହିତ ନୂଆ ନୂଆ

ପ୍ରେମ ସମ୍ପର୍କ ଗଢ଼ି ଉଠିଥାଏ । ଅନେକ ସମୀକ୍ଷକ "ଇଡିଅଟ୍ ୱିଣ୍ଡ" କୁ ପତ୍ନୀ ସେରାଙ୍କ ସମର୍କର ପ୍ରତ୍ୟୁତ୍ତର ବୋଲି କହିଲେ । କେହି ସମୀକ୍ଷକ ଏହାକୁ ୱାଟରଗେଟ୍ ଚର୍ଚ୍ଚାର ଜନ ପ୍ରତିକ୍ରିୟା ସ୍ୱରୁପ ଏହା ସମଗ୍ର ଆମେରିକୀୟ ଜନତାର ସରକାରଙ୍କ ବିରୋଧରେ ତୀବ୍ର ସ୍ୱର ବୋଲି କହିଲେ । "ଇଡିଅଟ୍ ୱିଣ୍ଡ" କାବ୍ୟିକ ଦୃଷ୍ଟିକୋଣରୁ ଏକ ସଫଳ ସୃଷ୍ଟି ବୋଲି ସମୀକ୍ଷକମାନେ ମତ ଦିଅନ୍ତି ।

ମାଧ୍ୟାକର୍ଷଣ ଶକ୍ତି ଆମକୁ ଟାଣିଆଣିଲା ତଳକୁ
ଏବଂ ଭାଗ୍ୟ କରିଦେଲା ଅଲଗା
ତୁମେ ବଶକଲ ମୋ ପିଞ୍ଜରାରେ ଗୋଟେ ସିଂହକୁ
କିନ୍ତୁ ତାହା ଯଥେଷ୍ଟ ନଥିଲା ବଦଳେଇବାକୁ ମୋର ହୃଦୟ
ଏବେ ସବୁକିଛି ଓଲଟା
ପ୍ରକୃତରେ ବନ୍ଦହୋଇଗଲାଣି ଜୀବନର ଚକ
ଯାହା ଭଲଥିଲା ଏବେ ଖରାପ
ଯାହା ଖରାପ ଥିଲା ଏବେ ଭଲ
ଯେବେ ତୁମେ ପହଞ୍ଚିବ ଶିଖରରେ
ଯାଣିବ ଯେ ତୁମେ ଅଛ ଭୁଇଁରେ ।
**(ଇଡିଅଟ୍ ୱିଣ୍ଡ - ୧୯୭୫ )**

ଯଦିଓ ଅନେକ ସାକ୍ଷାତକାରରେ ବବ୍ ଡିଲାନ୍ ମାନବ ପ୍ରେମ ଓ ସଙ୍ଗୀତକୁ ତାଙ୍କର ଧର୍ମ ବୋଲି କହୁଥିଲେ ସେ ଈହୁଦି ଥିଲେ ଓ ଏକ ସମୟରେ ନିଜକୁ "ପୁନଃର୍ଜନୀତ ଖ୍ରୀଷ୍ଟିଆ" ବୋଲି ଘୋଷଣା କରିଥିଲେ । ସମୀକ୍ଷକ ମାନଙ୍କ ମତରେ ଏହି ରଚନା ପଛରେ ଖ୍ରୀଷ୍ଟଧର୍ମର ପ୍ରେରଣା ଥିବାର ମନେହୁଏ । କବିତାରେ ପୁନଃର୍ଜନୀତ ଚିତ୍ରକଳ୍ପ ରହିଛି । ଜଣେ ନାରୀର ଦୟା ଓ ଅନୁକମ୍ପାହିଁ କବିତାର ପ୍ରୋଟାଗୋନିଷ୍ଟକୁ ପୁନର୍ଜନ୍ମ ଦେଇପାରିବ ବୋଲି ଏଠି ବବ୍ ବିଶ୍ୱାସ ରଖିଛନ୍ତି । ଏପ୍ରିଲ ୧୮, ୧୯୭୬ ରେ ଲେକଲାଣ୍ଡ, ଫ୍ଲୋରିଡାର ସିଭିକ୍ ସେଣ୍ଟରରେ ପ୍ରଥମେ ପରିବେଷଣ ହେଲାପରେ ଏହା ପ୍ରାୟ ପାଞ୍ଚଶହଥର ବିଭିନ୍ନ ଯାଗାରେ ପରିବେଷିତ ହୋଇଛି ।

ହଠାତ୍ ଫେରିଚାହିଲି ପଛକୁ ମୁଁ
ଏବଂ ସେ ଛିଡାହୋଇଥିଲା ସେଇଠି
ହାତରେ ପିନ୍ଧିଥିଲା ରୁପାର କଙ୍କଣ
ଗଭାରେ ଖୋସିଥିଲା ଫୁଲ
ସେ ଆସିଲା ମୋ ନିକଟକୁ ଧିର ପାଦରେ
ଏବଂ କାଢିଦେଲା ମୋ ମଥାରୁ ମୁକୁଟ କଣ୍ଟାର
"ଭିତରକୁ ଆସ," କହିଲା ସେ
"ମୁଁ ତୁମକୁ ଆଶ୍ରୟ ଦେବି ଝଡରୁ"
**(ସେଲ୍ଟର ଫ୍ରମ୍ ଦି ଷ୍ଟର୍ମ୍ - ୧୯୭୫ )**

ଏହି ରଚନା ପୂର୍ବରୁ ବବ୍ ତାଙ୍କ ପତ୍ନୀ ସେରାଙ୍କ ନିକଟରୁ ଅଲଗା ହୋଇଯାଇଛନ୍ତି । ବବ୍‌ଙ୍କ ମନରେ ତାଙ୍କ ପିଲାମାନଙ୍କୁ ଆଉ ନଦେଖିବାର ଦୁଃଖ ବି ଭରି ହୋଇ ରହିଛି । ଏହି କବିତାରେ ବବ୍ ନିଜକୁ ଏକ ଲମ୍ବା ରହସ୍ୟମୟ ଯାତ୍ରାରେ ନେଇଛନ୍ତି । ଏଥିରେ ବ୍ୟବହାର ହୋଇଥିବା ନାଆଁ "ମାର୍ସେଲ୍" କୁ ଅନେକ ଫରାସୀ ଦାର୍ଶନିକ ଗାବ୍ରିଏଲ୍ ମାର୍ସେଲ୍ ବୋଲି ଭାବନ୍ତି ଯିଏ ୧୯୨୯ରେ କାଥୋଲିକ୍ ଧର୍ମରେ ଦିକ୍ଷୀତ ହୋଇଥିଲେ । କବିତାରେ ଏକ ସୁକ୍ଷ୍ମ ଦର୍ଶନ ତତ୍ତ୍ୱକୁ ଦର୍ଶାଯାଇଛି ଯେଉଁଥିରେ କୁହାଯାଇଛି ଯେ ନିଜେ ହିଁ ନିଜର ପ୍ରଥମ ଶତ୍ରୁ । ଯଦି ଜଣେ ନିଜର ପ୍ରବୃତ୍ତିକୁ ଅଧୀନରେ ରଖିବ ବାହ୍ୟଶତ୍ରୁକୁ ବଡ ସହଜରେ ହରାଇପାରିବ । କବିତାକୁ ଏକ ସକାରାତ୍ମକ ଧାଡିରେ "ସୂର୍ଯ୍ୟୋଦୟରୁ ଆରମ୍ଭ ହେବ ନୂଆ ଏକ ଦିନ" ରେ ଶେଷ କରାଯାଇଛି ।

ଆଗାମୀକାଲିର ସୂର୍ଯ୍ୟୋଦୟରୁ
ଆରମ୍ଭ ହେବ ନୂଆ ଏକ ଦିନ
ଏବଂ ପରିଶେଷରେ ମୁଁ ପହଞ୍ଚିବି
ଯଦି ସେଠି ମୁଁ ଥିବି ପ୍ରାତଃ ମୂହୁର୍ତ୍ତରେ
ପ୍ରିୟତମା, ଜାଣିବଯେ ମୁଁ ଜୀଇଛି ଏବେବି
ମୁଁ କଣ ସତରେ ଜୀଇଛି
ତୁମ ବିନା କିଛିବିତ ଠିକ୍ ନାହିଁ ଏଠି
ହାୟ, ଆଜି ରାତିରେ ତୁମେ କେଉଁଠି ?

(ଓଃ, ହୋୟାର୍ ଆର୍ ୟୁ ଟୁନାଇଟ୍ - ୧୯୭୮) ସାତ ବର୍ଷର ନୀରବତାପରେ ବବ୍ ସେପ୍ଟେମ୍ବର ୨୭, ୧୯୯୭ରେ "ଟାଇମ୍ ଆଉଟ୍ ଅଫ୍ ମାଇଣ୍ଡ" ଆଲବମ୍ ଲୋକାର୍ପିତ କଲେ ଯାହାକୁ ସମୀକ୍ଷକ ମାନେ ତାଙ୍କର ଏକ ଶ୍ରେଷ୍ଠ କୃତି ବୋଲି କହିଲେ । ତିନୋଟି ଗ୍ରାମି ପୁରସ୍କାର ସହ ଏହାକୁ "ଆଲବମ୍ ଅଫ୍ ଦି ୟର୍ " ପୁରସ୍କାର ମଧ୍ୟ ମିଳିଲା | "ନଟ୍ ଡାର୍କ୍ ୟେଟ୍" ରେ ବବ୍ ଡିଲାନଙ୍କ କାବ୍ୟିକ କଳାତ୍ମକତା ଓ ଉତ୍କର୍ଷତା ଦେଖିବାକୁ ମିଳିଲା । ମୃତ୍ୟୁ ଅବଶ୍ୟାମ୍ଭବୀ, ମୃତ୍ୟୁ ପରେ ଜୀବନ କଣ ଅଛି - ଏହି ସବୁ ଦର୍ଶନକୁ ଭିତ୍ତିକରି "ନଟ୍ ଡାର୍କ୍ ୟେଟ୍"ର ରଚନା | ଏହି ରଚନାକୁ ନେଇ ବବ୍ ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି, "ସାରା ଦିନର ବ୍ୟସ୍ତତା ପରେ ମୁଁ ଯେତେବେଳେ ରାତିରେ ଘରକୁ ଫେରେ ମୋତେ ମୋର କଳ୍ପନା ସଂପୂର୍ଣ୍ଣଭାବେ ମିଳେ । ଲାଗେ ଯେମିତି ତୁମର ପାଦ ତଳେ କିମ୍ବା ବିଛଣାରେ ସ୍ୱର୍ଗ ଅଛି ଅଥଚ ଆମେ ସାରା ଦିନ ବାହାରେ ଖୋଜୁଛେ ।"

ଛିଡାହେବାପାଇଁ ଆଉ ଟିକେବି ଯାଗା ନାହିଁ କେଉଁଠି
ଅନ୍ଧାର ହୋଇନାହିଁ ଏଯାଏ,
କିନ୍ତୁ ଖୁବ୍ ଶୀଘ୍ର ହେବାକୁ ଯାଉଛି
ମୋର ମଣିଷପଣିଆର ଅର୍ଥ ବୋହିଯାଉଛି ନାଳରେ

କିଛି ନା କିଛି ଯନ୍ତ୍ରଣା ଥାଏ
ପ୍ରତ୍ୟେକ ସୁନ୍ଦର ଜିନିଷ ପଛରେ ।
**(ନଟ୍ ଡାର୍କ୍ ୟେଟ୍ - ୧୯୯୭ )**

ବବ୍‌ଙ୍କ ଅନେକ ଶୋକଗୀତର ଚରିତ୍ରମାନେ ହେଲେ ପ୍ରତ୍ୟାଖ୍ୟାନ ହୋଇଥିବା ପ୍ରେମିକା, ପୂର୍ବତନ ପତ୍ନୀ ଯିଏ ଏବେ ଏବେ ନୂଆ ଜୀବନ ଆରମ୍ଭ କରିଛି, ଗୋଟିଏ ଝିଅ ଯାହାର ବାପା ଓ ଭାଇ ଯୁଦ୍ଧରେ ସହୀଦ ହୋଇଛନ୍ତି, ଗୋଟିଏ ଭଉଣୀ ଯିଏ ଘରୁ ପଳେଇ ବିବାହ କରିଛି । ସେମାନେ କେମିତି ଭାଗ୍ୟର ତାଡନାର ଶିକାର ହୋଇଛନ୍ତି, ଏହି କବିତାରେ ତାର ଚିତ୍ରଣ କରାଯାଇଛି ।

କାଲି ରାତିରେ ଫିସ୍ ଫିସ୍ କରି
କଣ ସବୁ କହୁଥିଲା ପବନ
ମୁଁ ଚେଷ୍ଟାକଲି ବୁଝିବାକୁ କଥା ତାର
ମୁଁ ନିଜକୁ ନିଜେ କହୁଥାଏ ଆସୁଛି କେହି
କିନ୍ତୁ କେବେ କେହି ଆସେନା
ଗଛଉପରୁ ଶୁଭୁଛି ପତ୍ରମାନଙ୍କର ଥରିବାର ଶବ୍ଦ
ଥାକଉପରୁ ଖସିପଡୁଛି ଜିନିଷ
ତୁମେ ମୋତେ ଦିନେ ଲୋଡିବ ପ୍ରିୟତମା,
ଯେହେତୁ ତୁମେ ପାରିବନି ଜୀଇ ପ୍ରେମ ବିନା ।
**(ଲୋନ୍‌ସମ୍ ଡେଜ୍ ବ୍ଲୁଜ୍ - ୨୦୦୧)**

ଏକବିଂଶ ଶତାବ୍ଦୀର ଆରମ୍ଭରେ ଆସିଥିବା ଆର୍ଥିକ ଦୂରବସ୍ଥାରେ ସାଧାରଣ ନାଗରିକର ଜୀବନଯୁଦ୍ଧକୁ ନେଇ "ଓର୍କିଙ୍ଗମ୍ୟାନସ୍ ବ୍ଲୁଜ - ୨" ବବ୍ ଡିଲାନଙ୍କ ଏକ ସାମ୍ପ୍ରତିକ କାବ୍ୟସ୍ୱର । ବବ୍‌ଙ୍କ ସାମାଜିକ ସଚେତନତା ଓ ସାଧାରଣ ଜନତାର ନିତିଦିନିଆ ଜୀବନକୁ କବିତା ମାଧ୍ୟମରେ ପ୍ରକାଶ କରିବାର କଳା ଏହି କବିତାରେ ପ୍ରସ୍ଫୁଟିତ |

ମୋର ଶାଣିତ ଶସ୍ତ୍ରସବୁ ରଖିଦେଲିଣି ଥାକରେ
ଆସ, ବସ ମୋ ଆଣ୍ଠୁପରେ
ଯେତେବେଳେ ମୁଁ ଶୁଣୁଥିବି ରେଳଧାରଣାର ଗୁଞ୍ଜରଣ
ଏବଂ ଦୁଇ ଆଖି ବନ୍ଦ କରି ବସିଥିବି
ଓ ଚେଷ୍ଟାକରୁଥିବି ରୋକିବାକୁ ଭୋକକୁ
ଗୁରୁଣ୍ଡି ପହଚିବାକୁ ମୋର ଉଦର
ତୁମେ ଦେଖିପାରିବ ଯେ
ମୋ ନିଜଠୁବି ଅଧିକ ପ୍ରିୟ ତୁମେ ମୋର ।
**(ଓର୍କିଙ୍ଗମ୍ୟାନସ୍ ବ୍ଲୁଜ - ୨- ୨୦୦୬)**

ଜୁଲାଇ ୨୯, ୧୯୭୮ ରେ ମେଲୋଡି ମେକର ପତ୍ରିକାକୁ ଦେଇଥିବା ସାକ୍ଷାତକାରରେ ବବ୍ ଡିଲାନ୍ କହିଥିଲେ, "ମୁଁ ନିଜକୁ ପ୍ରଥମେ କବିଭାବରେ ଦେଖେ, ପରେ ସଂଗୀତକାର " ମାର୍ଚ୍ଚ ୧୯୭୮ରେ ପ୍ଲେ ବୟ ପତ୍ରିକାକୁ, ନିଜକୁ ଆପଣ କେମିତି ବର୍ଣ୍ଣନା କରିବେ ? ପ୍ରଶ୍ନର ଉତ୍ତରରେ ବବ୍ କହିଥିଲେ, "ମୁଁ ଜଣେ କଳାକାର, ମୁଁ କଳା ସୃଷ୍ଟିକରିବାକୁ ଚେଷ୍ଟା କରେ ୮" ଜାନୁୟାରୀ ୨୦, ୧୯୬୮ ରେ ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ବବ୍ କହିଥିଲେ, " ଗୀତର ପ୍ରାଧାନ୍ୟ ସୁର ସହିତ ସମାନ । ବିନା ଶବ୍ଦରେ ସଙ୍ଗୀତ ଅସମ୍ଭବ ।" ବବ୍‌ଙ୍କ ରଚନାମାନଙ୍କରେ କାବ୍ୟିକ ମୂଲ୍ୟବୋଧକୁ ନେଇ ଅନେକ ସମୀକ୍ଷା କରାଯାଇଛି । ସବୁଠୁ ପ୍ରଭାବଶାଳୀ ସମୀକ୍ଷା ହେଲା ୨୦୦୪ ରେ ପ୍ରକାଶିତ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର ସାର୍ କ୍ରିଷ୍ଟୋଫର ରିକ୍ସଙ୍କର ୪୯୦ ପୃଷ୍ଠାର ପୁସ୍ତକ "ଡିଲାନ୍ସ ଭିଜନ୍ ଅଫ୍ ସିନ୍" | ପ୍ରଫେସର ରିକ୍ସଙ୍କୁ ଏଲିଅଟ୍ ବିଷାରଦ କୁହାଯାଏ ଓ ସେ ସମକାଳ କବିତା ସମୀକ୍ଷାର ବିଶ୍ୱସ୍ତରରେ ଜଣେ ଶ୍ରେଷ୍ଠ ସମୀକ୍ଷକ । ସେ ବବ୍‌ଙ୍କର ଅନେକ କବିତା ସମୀକ୍ଷାକରି ବବ୍‌ଙ୍କୁ ଜଣେ ଉଚ୍ଚକୋଟୀର କବି ଭାବରେ ମତ ଦେଇଛନ୍ତି ।

ବବ୍ ଡିଲାନଙ୍କ ରଚନା କବିତା ହେଉ ବା ଗୀତ, ପାଠକ ଓ ଶ୍ରୋତାଙ୍କ ଉପରେ ତାହାର ପ୍ରଭାବ ସୁଖଦାୟକ ଓ ପ୍ରଭାବପୂର୍ଣ୍ଣ । ତାଙ୍କର ରଚନା ମର୍ମସ୍ପର୍ଶୀ, ମୌଳିକ, କାଳଜୟୀ, ବିବିଧ, ସୁଖପଦ ଓ ମାନବତାବାଦୀ | ସାଧାରଣ ମଣିଷର ଅସାଧାରଣ କବି ଭାବରେ ସେ କାଳକାଳ ଧରି ପାଠକର ହୃଦୟରେ ଏକ ସ୍ୱତନ୍ତ ସ୍ଥାନ ଅଧିକାର କରି ରହିଥିବେ ।



**ସତ୍ୟ ପଟ୍ଟନାୟକ**
୭୪୬୪ ୱିଜଡମ୍ ଲେନ୍ ଡବଲିନ୍, ଓହିଓ, ୪୩୦୧୬, ଯୁକ୍ତରାଷ୍ଟ୍ର ଆମେରିକା

ଆମେଓଡ଼ିଆ
www.ameodia.com
ସ୍ୱାଭିମାନୀ ଓଡ଼ିଆଙ୍କ
ମାସିକ ଅନଲାଇନ ପତ୍ରିକା

# ଶାସ୍ତ୍ରୀୟ ମାନ୍ୟତା ଓ ଓଡ଼ିଆ ଅସ୍ମିତା

## ଦେବେନ୍ଦ୍ର ନାଥ ରାଉତ

୨୦୧୪ ମସିହା ଫେବୃୟାରୀ ୨୦ ତାରିଖରେ କେନ୍ଦ୍ରୀୟ ଶାସ୍ତ୍ରୀୟ ଭାଷା କମିଟି ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଅନୁମୋଦନକୁ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳ ଗ୍ରହଣ କରିଥିଲା ଓ ଭାରତ ସରକାର ମାର୍ଚ୍ଚ ୧୧ ତାରିଖରେ ବିଧିବଦ୍ଧ ଭାବେ ଘୋଷଣା ସରକାରୀ ଘୋଷଣା ନାମାରେ ଓଡିଆ ଭାଷା ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବରେ ପ୍ରକାଶ କଲେ । ସଂସ୍କୃତ, ତାମିଲି, ମାଲାୟଲମ, କନ୍ନଡ, ତେଲୁଗୁ ପରେ ଓଡିଆ ହେଉଛି ଷଷ୍ଠ ବୈଭାବଶାଳୀ ଭାଷା ଯାହାକୁ ଏହି ସିକୃତି ମିଳି ପାରିଛି । ଦୁଇ ହଜାର ବର୍ଷରୁ ଅଧିକ ପୁରାତନ ଆମର ମାତୃଭାଷା ଓଡିଆ, ଏହି ମାନ୍ୟତା ପାଇବା ପରେ ଏହାର ପ୍ରାଚୀନତା ଉପରେ ଉଠୁଥିବା ପ୍ରଶ୍ନ ସବୁ ନିଶ୍ଚୟ ବନ୍ଦ ହୋଇଯାଇଛି । ଶାସ୍ତ୍ରୀୟତାର ଏହି ଯାତ୍ରା କିପରି ଆରମ୍ଭ ହେଲା? କିଏ ଥିଲେ ଏହି ଯାତ୍ରାର ସାରଥି? କାହାକୁ ମିଳିବ ଏଥି ପାଇଁ ଶ୍ରେୟ ? ଏ ସବୁ ବିଷୟର ଉର୍ଦ୍ଧ୍ୱରେ ରହି ଯଦି ଆମେ ଚିନ୍ତା କରିବା ତେବେ ଗୋଟିଏ ସତ୍ୟରେ ଉପନୀତ ହୋଇ ପାରିବା ଯେ ଏହି ମାନ୍ୟତା ଯୋଗୁଁ ଓଡ଼ିଶା ତଥା ଓଡ଼ିଶା ବାହାରେ ରହୁଥିବା ବର୍ତ୍ତମାନ ପିଢି ଠାରୁ ଆରମ୍ଭ କରି ଆଗାମୀ ପିଢିଙ୍କ ମଧ୍ୟରେ ମାତୃଭାଷା ଓଡିଆ ପ୍ରତି ଆବେଗ ବୃଦ୍ଧି ପାଇଛି । ଆମ ଅସ୍ମିତାର ପ୍ରଥମ ସୋପାନ ଆମ ଭାଷା ବୋଲି ବୁଦ୍ଧିଜୀବୀ ବର୍ଗ ଗ୍ରହଣ କରିଛନ୍ତି । ସାମାଜିକ ଅନୁଷ୍ଠାନ, ସରକାରୀ ସଂସ୍ଥାନ, ସାହିତ୍ୟିକ, ଭାଷାବିତ ଏବଂ ଭାଷା ସଂଗ୍ରାମୀ ମାନେ ଏହି ସତ୍ୟକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବା ସହିତ ଭାଷା ସମ୍ପର୍କିତ ବିଭିନ୍ନ କାମ ହାତକୁ ନେଇ ଓଡିଆ ଭାଷାକୁ ସମୃଦ୍ଧ କରିବାର ପ୍ରୟାସ ଜାରି ରଖିଛନ୍ତି ।

ନିକଟ ଅତୀତରୁ ଅଭିଭାବକ ମାନଙ୍କ ମନରେ ସୃଷ୍ଟି ଓଡିଆ ଭାଷା ପ୍ରତି ବୈମାତୃକ ଭାବ ନିଶ୍ଚୟ ଦୁର୍ବଳ ହେବାରେ ଲାଗିଛି । ଓଡ଼ିଶାରେ ଯୁବ ପିଢୀଙ୍କ ମଧ୍ୟରେ ଓଡିଆ ଭାଷାର ଗୁରୁତ୍ୱ ଧୀରେ ଧୀରେ କମିବାକୁ ଲାଗିଥିବା ବେଳେ ଏହି ଶାସ୍ତ୍ରୀୟ ମାନ୍ୟତା ଏକ ଅବ୍ୟର୍ଥ ଔଷଧୀ ଭଳି କାମ କରିଛି ।

ଏହା ଶ୍ରୁତି କଟୁ ହେଲେ ମଧ୍ୟ ସତ୍ୟ ଯେ ଆମେ ଓଡିଆ ଆମ ମାତୃଭାଷାକୁ କମ ଗୁରୁତ୍ୱ ଦେଇଥାଉ ଯାହାକି ଭାରତର ଅନ୍ୟ ଭାଷା ଭାଷୀଙ୍କ ପାଖରେ ଦେଖିବାକୁ ମିଳେନାହିଁ । ନିଜ ଲୋକଙ୍କ ଗହଣରେ ଥିଲେବି ଆମେ ଅଧା ଇଂରାଜୀ ବା ହିନ୍ଦୀ ମିଶା ଭାଷାରେ ନିଜର ବକ୍ତବ୍ୟ ରଖି ନିଜର ପାଣ୍ଡିତ୍ୟତାର ପରିଚୟ ଦେବାକୁ ଚେଷ୍ଟା କରିଥାଉ ଯାହାକି ଅନ୍ୟ ଭାଷା ଭାଷୀ କରିବାକୁ ଉଚିତ ମନେ କରନ୍ତି ନାହିଁ। ପିଲାମାନଙ୍କୁ ଇଂରାଜୀରେ କହିବାକୁ



ଆମେ ପ୍ରାୟତଃ ପ୍ରୋତ୍ସାହିତ କରିଥାଉ କାରଣ ଆମର ଏକ ଦୃଢ ବିଶ୍ୱାସ ରହିଛି, ଯଦି ଜଣେ ଭଲ ଇଂରାଜୀ କହୁଛି ସେ ନିଶ୍ଚୟ ଅଧିକ ଜ୍ଞାନୀ । ଇଂରାଜୀରେ ପାଣ୍ଡିତ୍ୟ ରଖିବା ନିଶ୍ଚୟ ଏକ ଗୌରବର ବିଷୟ କିନ୍ତୁ ମାତୃଭାଷାକୁ ଅଣଦେଖା କରିବା ଅତ୍ୟନ୍ତ ପରିତାପର ବିଷୟ । ବିଶେଷଜ୍ଞଙ୍କ ମତରେ ଶିଶୁଟିର ସମ୍ପୂର୍ଣ୍ଣ ବୌଦ୍ଧିକ ବିକାଶ ପାଇଁ ମାତୃଭାଷାହିଁ ଶ୍ରେଷ୍ଠ ମାଧ୍ୟମ । ଯଦି ବାଲ୍ୟାବସ୍ଥାରେ କୌଣସି ଶିଶୁ ତାର ମାତୃଭାଷାରେ ଦୁର୍ବଳ ହୋଇଯାଏ ତେବେ ତାର ସୃଜନଶୀଳତାର ଅଭିବୃଦ୍ଧି ଠିକ ଭାବେ ହୋଇ ପାରିନଥାଏ, ଫଳରେ ସାମାଜିକ, ଅର୍ଥନୈତିକ ତଥା ବୃତିଗତ ଅଭିବୃଦ୍ଧିରେ ଅନ୍ତରାୟ ସୃଷ୍ଟି ହୋଇଥାଏ । ଏହି ସବୁ ସତ୍ୟକୁ ବର୍ତ୍ତମାନ ପିଢି ପାଖରେ ସଠିକ ଭାବରେ ଉପସ୍ଥାପିତ କରିବାର ପ୍ରୟାସ ଏହି ମାନ୍ୟତା ପରେ ଅଧିକ ହେବାରେ ଲାଗିଛି ।

ଏହି ଶାସ୍ତ୍ରୀୟ ମାନ୍ୟତା ଆମ ଭାଷାର ବ୍ୟବହାର ଓ ଅଭିବୃଦ୍ଧି ବିଷୟରେ ଅଧିକ ପଦକ୍ଷେପ ନେବାପାଇଁ ପ୍ରୋତ୍ସାହିତ କରୁଛି । ଭାଷାଗତ ସମସ୍ଯା ଗୁଡିକ ଆଲୋଚନା ପାଇଁ ସମସ୍ତେ ଆଗଭର ହେଉଛନ୍ତି ଓ ତାର ସମାଧାନର ରାସ୍ତା ଖୋଜିବାରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୟାସ ବୃଦ୍ଧି ପାଇଛି । ଏହି ମାନ୍ୟତା ଓଡିଆ ଜାତିର ଏକ ନବଜାଗରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶା ବାହାରେ ଓଡିଆ ଭାଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ମାନ ଗ୍ରହଣ କରାଯାଉଛି । ସେଥି ମଧ୍ୟରୁ ନୂଆଦିଲ୍ଲୀ ସ୍ଥିତ ଓଡିଆ ବୁଦ୍ଧିଜୀବୀ ଫୋରମ 'ଦି ଇଣ୍ଟେଲେକ୍ଚୁସ' ଦ୍ବାରା ଅଭିନବ ଉପାୟରେ ପ୍ରବାସୀ ପିଲାମାନଙ୍କୁ ଓଡିଆ ଭାଷା ଶିକ୍ଷା ଦେବା ଓ ଓଡିଆ କଳା, ସଂସ୍କୃତି, ପରମ୍ପରା ସହିତ ଯୋଡିବାର ପ୍ରୟାସ ଓଡିଆ ଅସ୍ମିତାର ଅଭିବୃଦ୍ଧି ଦିଗରେ ଅତ୍ୟନ୍ତ ପ୍ରଶଂଶନୀୟ ପଦକ୍ଷେପ । ଏହି ଶାସ୍ତ୍ରୀୟ ଦିବସକୁ ସର୍ବ ଭାରତୀୟ ସ୍ତରରେ ଉପସ୍ଥାପନ କରିବା ପାଇଁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଫେବୃଆରୀ ୨୦ ଏବଂ ୨୧ ରେ ପ୍ରତିବର୍ଷ ନୂଆଦିଲ୍ଲୀରେ ଏକ ଭିନ୍ନ ପରିବେଶରେ ପାଳନ କରଯାଉଛି ଯେଉଁଥିରେ ସମସ୍ତ ଶାସ୍ତ୍ରୀୟ ଭାଷାର

ପ୍ରତିନିଧି ଯୋଗ ଦେଇ ଥାନ୍ତି । ଏହା ଜାତୀୟ ସ୍ତରରେ ଆମ ମାତୃଭାଷାର ଗୁରୁତ୍ୱ ବୃଦ୍ଧିରେ ସହାୟକ ହେଉଛି । ଅନ୍ୟ ଭାଷାର ବିଶେଷଜ୍ଞଙ୍କ ମତରେ ନୂଆଦିଲ୍ଲୀରେ ହେଉଥିବା ଏହି ଆନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ ଦେଶରେ ଏକ ମାତ୍ର କାର୍ଯ୍ୟକ୍ରମ ଯାହା ସମସ୍ତ ଭାରତୀୟ ଭାଷାକୁ ଯୋଡିବାର ପ୍ରୟାସ କରିଥାଏ। ସେହିପରି ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ଇଂଲଣ୍ଡ, ଅଷ୍ଟ୍ରେଲିଆ ତଥା ଅନ୍ୟ ଦେଶ ମାନଙ୍କରେ ସମାନ ପ୍ରକାର ପଦକ୍ଷେପ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ । ଏହା ଓଡିଆ ଭାଷାକୁ ବିଶ୍ୱଦରବାରରେ ଆହୁରି ପ୍ରତିଷ୍ଠିତ କରୁଛି । ଏହା କେବଳ ଭାଷା ମଧ୍ୟରେ ସୀମିତ ନରହି କଳା, ସଂସ୍କୃତି ଇତ୍ୟାଦିକୁ ସମ ପରିମାଣରେ ପ୍ରୋତ୍ସାହିତ କରୁଛି ।

ଆଜିର ଯୁବ ପିଢିଙ୍କୁ କିଛି ସାମାଜିକ ସମସ୍ୟା ବିଶ୍ଳେଷଣ କରୁଥିବା ବିଶେଷଜ୍ଞ ମାତୃଭାଷା ଠାରୁ ଦୂରେଇ ଯାଉଛନ୍ତି ବୋଲି ଅଭିଯୋଗ ମଧ୍ୟ କରୁଛନ୍ତି। କିନ୍ତୁ ସେହି ବୟସର ଅନେକ ଯୁବ ଓଡିଆ ଅତି ଗର୍ବର ସହିତ ଓଡିଆ ଅସ୍ମିତାର ଧ୍ୱଜା ବାହକ ଭାବରେ ନିଜକୁ ପ୍ରତିଷ୍ଠିତ କରିବାରେ ଲାଗିଛନ୍ତି। ଶିକ୍ଷା, ବିଜ୍ଞାନ, କ୍ରିଡା, ସାହିତ୍ୟ, ଗବେଷଣା, ସ୍ୱାସ୍ଥ୍ୟ, ସେବା, ସଙ୍ଗୀତ ତଥା ରାଜନୀତି ଭଳି ଅନେକ କ୍ଷେତ୍ରରେ ସଫଳତା ପାଇବା ମାତ୍ରେ ସେମାନେ ତାକୁ ତାଙ୍କ ମୂଳ ପରିଚୟ ଓଡିଆ ସହିତ ଯୋଡି ବିଶ୍ୱ ଦରବାରରେ ଗର୍ବର ସହିତ ନିଜ ଜାତିର ଗୁଣ ଗାନ କରି ନିଜ ସଫଳତାକୁ ଜାତି ଉଦେଶ୍ୟରେ ସମର୍ପିତ କରୁଛନ୍ତି। ଯାହା ଅନ୍ୟ ଭାଷାଭାଷୀଙ୍କ ମଧ୍ୟରେ ଆଜିକାଲି କମ ପରିଲକ୍ଷିତ ହେଉଛି। ଏହା ବ୍ୟତୀତ ଓଡ଼ିଶାର ହୃତ ଗୌରବକୁ ଅଭିନବ ଉପାୟରେ ବର୍ତମାନ ପିଢିଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ବିଶ୍ୱର ବିଭିନ୍ନ କୋଣରୁ କିଛି ସମର୍ପିତ ମାଟି ମନସ୍କ ବ୍ଯକ୍ତିତ୍ୱଙ୍କ ଦ୍ୱାରା ପ୍ରୟାସ ଏହି ଶାସ୍ତ୍ରୀୟ ମାନ୍ୟତାର ପରବର୍ତ୍ତୀ ପ୍ରତିକ୍ରିୟା କହିଲେ ଅତ୍ୟୁକ୍ତି ହେବନାହିଁ।

ଅନ୍ୟଏକ ମଜାଦାର ଘଟଣା ହେଉଛି ଯଦି ଆପଣ ଯେକୌଣସି ଓଡିଆ ଭାଷା ସାହିତ୍ୟ ସହିତ ସାମିଲ ଥିବା ବ୍ୟକ୍ତିଙ୍କୁ ଶାସ୍ତ୍ରୀୟ ମାନ୍ୟତା ବିଷୟରେ ଆଲୋଚନା କରିବେ ସେ ଏହି ସଫଳତାରେ ନିଜର ଅବଦାନ ବିଷୟରେ ପ୍ରକାଶ କରିଥାନ୍ତି। ପ୍ରଥମେ ପ୍ରଥମେ ମତେ ସାମାନ୍ଯ ଅସ୍ୱସ୍ତିକର ଲାଗୁଥିଲା କାରଣ ଅଳ୍ପେ ବହୁତେ ଏହି ପ୍ରସ୍ତୁତି ପର୍ବରେ ମୁଁ ଜଡ଼ିତ ଥିଲି। ପରେ ଏହି ପ୍ରକ୍ରିୟାରେ ସଫଳତାର ଆତ୍ମକହାଣୀ ଅନ୍ୟମାନଙ୍କ ଠାରୁ ଶୁଣିବାରେ ମତେ ବେଶ ଆନନ୍ଦ ଅନୁଭବ ହୁଏ କାରଣ ଏହା ଓଡିଆ ଅସ୍ମିତାର ଆଉ ଏକ ଉଦାହରଣ। ଶାସ୍ତ୍ରୀୟ ମାନ୍ୟତା କିପରି ପ୍ରତିକୂଳ ପରିସ୍ଥିତିରେ ଓଡିଆ ଭାଷାକୁ ମିଳିଲା ଯେତିକି ଗୁରୁତ୍ୱପୂର୍ଣ୍ଣ ତାହାର ଉତ୍ତର ଦାୟୀ ହେବାପାଇଁ ସମଗ୍ର ଓଡିଆ ଜାତି ବ୍ୟାକୁଳ ହେବା ଓଡିଆ ଭାଷା ପ୍ରତି ସେମାନଙ୍କ ମନରେ ନିବିଡ ଆତ୍ମୀୟତାର ସେତିକି ପ୍ରମାଣ । ଏହାର ଶ୍ରେୟ ଯଦି କିଛି ଲୋକଙ୍କୁ ଦେବା ତାହାହେଲେ ନିଶ୍ଚୟ ଏହା ସମସ୍ତଙ୍କ ମିଳିତ ପ୍ରୟାସକୁ ଅପମାନ ହେବ। ଓଡିଆ ଭାଷାର ଐତିହ ଓ ପରମ୍ପରା ସହିତ ଏହାର ବିଶାଳତାକୁ ପ୍ରମାଣ କରିବା ପାଇଁ ରାଜନେତାଙ୍କ ଠାରୁ ଆରମ୍ଭ କରି ଭାଷାବିତ, ସାହିତ୍ୟକ, ସଂଗଠକ, ସାଧାରଣ ଜନତା ଓ ଅନେକ ଯୁବ ବ୍ଯକ୍ତିତ୍ୱ ଅତି ସମର୍ପିତ ଭାବେ ନିଜର ମୌଳିକ ଦାୟିତ୍ୱ ରୂପରେ ନିର୍ବାହ କରିଛନ୍ତି। ଯଦ୍ୱାରା ଅନେକ ପ୍ରତିବନ୍ଧକ ସତ୍ତ୍ୱେ ଓଡିଆ ଭାଷାକୁ ଷଷ୍ଠ ଭାରତୀୟ ଶାସ୍ତ୍ରୀୟ ଭାଷା ଭାବରେ ଭାରତ ସରକାର ଗ୍ରହଣ କରିଛନ୍ତି।

ସାରା ବିଶ୍ୱର ଓଡିଆମାନଙ୍କୁ ଏକ ସୂତ୍ରରେ ବାନ୍ଧିବାର ପରିକଳ୍ପନାର ମୁଖ୍ୟ ଆୟୁଧ ଅଟେ ଆମ ମାତୃଭାଷା । ବିଭିନ୍ନ ଦେଶରେ ରହୁଥିବା ଓଡିଆ ଭାଷା ଭାଷୀ ଏକତ୍ର ହୋଇ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ତାଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିଚାଲିଛନ୍ତି । ଆମ ମାତୃଭାଷା ଆମ ଏକତାର ଏକ ମାଧ୍ୟମ ଭାବରେ ଆମ ସମ୍ମୁଖରେ ଉପନୀତ । ଏହାକୁ ଆୟୁଧ କରି ଉତ୍କଳ ଗୌରବ ମଧୁସୂଦନ ଦାସ ପରିଚୟ ହରାଇଥିବା ଓଡିଆ ଜାତିକୁ ଗୋଟିଏ ସୂତ୍ରରେ ବାନ୍ଧିବା ପାଇଁ ଉତ୍କଳ ସମ୍ମିଳନୀ ଗଠନ କରି ସ୍ୱତନ୍ତ୍ର ଓଡ଼ିଶା ଗଢିବାରେ ସମର୍ଥ ହୋଇଥିଲେ । ସେହି ଉତ୍କଳ ସମ୍ମିଳନୀର ୧୨୦ ତମ ବର୍ଷପୂର୍ତ୍ତି ପାଇଁ ପୁଣି ସଜବାଜ ହେଉଛି ଏହି ଓଡିଆ ଜାତି। ପୁଣିଥରେ ସେହି ଐତିହାସିକ କଟକ ସହର ବକ୍ଷରେ ସାରା ବିଶ୍ୱର ଓଡିଆ ଭାଇଭଉଣୀ ମାନେ ଆସନ୍ତା ଡିସେମ୍ବର ୩୦ ଓ ୩୧ ତାରିଖରେ ଏକତ୍ର ହୋଇ ଓଡିଆ ଅସ୍ମିତା ସମ୍ମିଳନୀର ଆୟୋଜନ କରିବା ପାଇଁ ବ୍ୟଗ୍ର ହୋଇ ଉଠିଛନ୍ତି । ପୁଣି ଥରେ ଏହି ଜାତି ଗାଇ ଉଠିଛି;

**ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି,**
**ସ୍ୱାର୍ଥମେଧ ଯଜ୍ଞେ ଚାରି ଆଡେ ନାଚ ଛାତିକୁ ମିଶାଇ ଛାତି।**



**ଦେବେନ୍ଦ୍ର ନାଥ ରାଉତ**
ଆବାହକ, ଓଡିଆ ଅସ୍ମିତା ସମ୍ମିଳନୀ, ନୂଆଦିଲ୍ଲୀ

# ଭାଷାକୋଷର ଭାଷ୍ୟକାର ସ୍ବର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ

**ଲକ୍ଷ୍ମୀପ୍ରିୟା ଓଝା**



ଏମିତି ଏକ ସମୟ ଯେବେ ଓଡ଼ିଆ ଭାଷାକୁ ବିଲୁପ୍ତ କରିବାକୁ ବଙ୍ଗାଳିମାନଙ୍କର ହୀନ ଚକ୍ରାନ୍ତ ଚାଲିଥିଲା । ସଂସ୍କୃତ ଭାଷାରେ ବୁଦ୍ଧିମନ୍ତ ବୟୋଜ୍ୟେଷ୍ଠ ପଣ୍ଡିତଗଣଙ୍କ ପାଇଁ କଥିତ ଭାଷାରେ ସାହିତ୍ୟ ଲିଖନ ଏକ ହାସ୍ୟାସ୍ପଦ ବିଷୟ ଥିଲା । ପାଶ୍ଚାତ ଶିକ୍ଷାରେ ଦୀପ୍ତିମନ୍ତ ଆଧୁନିକ ଯୁବକଙ୍କର ଓଡ଼ିଆ ଭାଷା ପ୍ରତି ଥିଲା ହେୟ ଦୃଷ୍ଟିଭଙ୍ଗୀ । ଏସବୁ ଦେଖି ଓଡ଼ିଆ ଭାଷାର ଅସ୍ମିତା, ଅସ୍ତିତ୍ବ ବଞ୍ଚାଇବା ଲଢେଇରେ ଝାସ ଦେଲେ ଜାତୀୟପ୍ରୀତିରେ ଉଦବୁଦ୍ଧ ବୁଦ୍ଧିଜୀବୀଗଣ । ଏମିତି ଏକ ସନ୍ଧିକ୍ଷଣରେ ଆବିର୍ଭାବ ଭାଷାକୋଷର ଭାଷ୍ୟକାର ସ୍ବର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର । ଯାହାଙ୍କ ଭିତରେ ଜାତୀୟତାବୋଧର ଫଲଗୁ ବହୁଥିଲା ଅନ୍ତଃର୍ନିହିତ ଭାବେ । ସଂସ୍କୃତ, ତତ୍ସମ, ତଦଭବ, ପ୍ରାଚୀନ ଏବଂ ଆଧୁନିକ ଓଡ଼ିଆ, ବଙ୍ଗାଳୀ, ପାର୍ଶି, ହିନ୍ଦୁସ୍ଥାନୀ ଏବଂ ଇଂରାଜୀ ଆଦି ଆଦି ଭାଷାର ମହାମିଳନ ଘଟିଥିଲା ତାଙ୍କ ଭିତରେ । କସ୍ତୁରୀ ମୃଗ ପରି ସେ ଖାଲି ପ୍ରଥମେ ପ୍ରଥମେ ବାଟବଣା ହେଉଥିଲେ ଯାହା ।

ବଙ୍ଗ, ବିହାର, ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଭିତରେ ଇଂରେଜମାନେ ଖଣ୍ଡ ଖଣ୍ଡ କରି ବାଣ୍ଟି ଦେଇଥିଲେ ଓଡିଶାକୁ ଶାସନ ଗତ ସୁବିଧା ପାଇଁ । ନିଜର ଅତୀତ, ଐତିହ୍ୟକୁ ଧୀରେ ଧୀରେ ଭୁଲିବାକୁ ବସିଥିଲେ ଓଡିଆମାନେ । ଠିକ ସେଇ ସମୟରେ "ଉଡ଼ିଆ ଏକଟା ଭାଷା ନୟ" ନାରା ଏବଂ ଓଡ଼ିଆ ସ୍କୁଲମାନଙ୍କରୁ ଓଡ଼ିଆ ପାଠ୍ୟ ପୁସ୍ତକ ହଟାଇ ବଙ୍ଗାଳା ପଢ଼ାଇବାକୁ ବଙ୍ଗାଳିମାନଙ୍କର ହୀନ ଚକ୍ରାନ୍ତ କିଛି କିଛି ଓଡ଼ିଆ ବୁଦ୍ଧିଜୀବୀ ପ୍ରାଣରେ ଜାତୀୟତାର ବୋଧ ଜାଗ୍ରତ କରାଇଲା । ତନ୍ମଧ୍ୟରେ ଅଗ୍ରଗଣ୍ୟ ଥିଲେ ଫକୀରମୋହନ, ମଧୁସୂଦନ ଦାସ, ମଧୁସୂଦନ ରାଓ, ରାଧାନାଥ ରାୟ, ଗୋପାଳ ଚନ୍ଦ୍ର ପ୍ରହରାଜ ଆଦି । ସେମାନେ ନିଜର ଉପସ୍ଥିତ ବୁଦ୍ଧି ଏବଂ କଠୋର ପରିଶ୍ରମ ବଳରେ ଓଡ଼ିଆଙ୍କ ଅସ୍ମିତାକୁ ଫେରାଇ ଆଣିବାକୁ ସକ୍ଷମ ହେଲେ ।

ଆମର ଭାଷା ମଧ୍ୟ ବଙ୍ଗଳା ଭାଷା ଠାରୁ ସମୃଦ୍ଧ ବୋଲି କହି, ଓଡ଼ିଆ ସ୍କୁଲମାନଙ୍କରୁ ଓଡ଼ିଆ ଭାଷାକୁ ନ ହଟେଇବା ପାଇଁ ଯେବେ ଫକୀରମୋହନ ନିଜର ଦାବି ଜନ ବିମ୍ସ ଙ୍କ ପାଖରେ ଉପସ୍ଥାପନ କଲେ ବିମ୍ସ ମହୋଦୟ କିଛି ଲେଖାର ନମୁନା ମାଗିଲେ । ଫକୀରମୋହନ ତାଙ୍କ ସାମ୍ନାରେ ଉପେନ୍ଦ୍ର ଭଞ୍ଜ, ମାୟାଧର ମାନସିଂହ ଏବଂ ରାଧାନାଥଙ୍କ କବିତା ରଖିଲେ । ବିମ୍ସ ପଚାରିଲେ କଣ ଆପଣ ଏହି ଭାଷାରେ ଘରେ କଥାବାର୍ତ୍ତା କରନ୍ତି ? ଫକୀରମୋହନ ମନା କଲାରୁ ବିମ୍ସ ମହୋଦୟ କହିଲେ ଘରେ କଥାବାର୍ତ୍ତା କରୁଥିବା ଭାଷାରେ ସାହିତ୍ୟ ଆଣି ଦିଅ ଯେଉଁଥିରେ ପିଲାମାନଙ୍କୁ ପଢ଼ାଯାଇ ପାରିବ । ସେଇଠୁ ଫେରି ଫକୀରମୋହନ ଲେଖିଲେ ରାଣ୍ଡି ପୁଅ ଅନ୍ତା । ଲୋକମୁଖରେ କଥିତ ଦଶଟି କାହାଣୀକୁ ନେଇ ଗୋପାଳ ପ୍ରହରାଜ ନିଜସ୍ୱ ଶୈଳୀରେ ଗ୍ରାମ୍ୟ ଭାଷାରେ " ଉତ୍କଳର କାହାଣୀ " ନାମରେ ଗୋଟେ ଗଳ୍ପ ସଂକଳନ ପ୍ରକାଶିତ କଲେ । ତାପରେ ବ୍ୟଙ୍ଗାତ୍ମକ ଶୈଳୀରେ ଲେଖି ଚାଲିଲେ ଅସଂଖ୍ୟ ମୌଳିକ ରଚନା । ତନ୍ମଧ୍ୟରୁ ଭାଗବତ ଟୁଙ୍ଗିରେ ସନ୍ଧ୍ୟା, ଆମ ଘରର ହାଲଚାଲ, ଦୁନିଆର ହାଲଚାଲ, ବାଇ ମହାନ୍ତି ପାଞ୍ଜି, ବାଇ ନାନୀଙ୍କ ବୁଜୁଳି, ମିଆଁ ସାହେବଙ୍କ ରୋଜନାମଚା, ନନାଙ୍କ ବସ୍ତାନି, ସ୍ୱପ୍ନରେ ରାଜଯୋଗ, ସ୍ୱପ୍ନରେ ରାଜଧାନୀ ଯୋଗ, ଧରାବନ୍ଧାର ପୁଞ୍ଜିପାଠ, ମନର ପାଞ୍ଚ, ଦୁନିଆର ରୀତି ଏ, ଆଦି ତାଙ୍କର ରମ୍ୟରଚନା ଧର୍ମୀ ଗଦ୍ୟ ସାହିତ୍ୟ ମଧ୍ୟରୁ କିଛି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟର ସଂଗତି, ବିସଙ୍ଗତି, ସେ ସମୟର ରାଜନୈତିକ ଉଠକ ପୈଠକ, ନାରୀ ନିର୍ଯ୍ୟାତନା, ଧାର୍ମିକ ବଡ଼ ପଣ୍ଡାମାନଙ୍କର ଅନୈତିକ କାର୍ଯ୍ୟ, ଓକିଲ, ଜମିଦାର ରାଜା ଆଦିଙ୍କର ଜନତାଙ୍କୁ ଶୋଷଣ, ଜାତିଗତ ବୈଷମ୍ୟ ସହ ଗ୍ରାମ ଏବଂ ସହର ଜୀବନର ତୁଳନାତ୍ମକ ଚିତ୍ର ଆଦିକୁ ନେଇ ସେ କଥିତ ଭାଷାରେ ରଚନା କଲେ ଅସଂଖ୍ୟ ସାହିତ୍ୟ । ଅର୍ଥାତ୍ ସେ ସମୟର ସାମାଜିକ, ଅର୍ଥନୈତିକ, ରାଜନୈତିକ, ଆଧ୍ୟାତ୍ମିକ ଓଡ଼ିଶାର ସମସାମୟିକ ସମାଜର ସ୍ପଷ୍ଟ ନଗ୍ନ ଚିତ୍ର ବିସ୍ତୃତ ଭାବରେ ପରିଲକ୍ଷିତ ହୁଏ ତାଙ୍କ ରଚନାରେ । ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ - **"ଆଧୁନିକ ସାହିତ୍ୟରେ ପ୍ରହରାଜ ଗଦ୍ୟର ସବୁଠାରୁ ବଡ଼ ସଟାୟାରିଷ୍ଟ ।"**

ସ୍କୁଲମାନଙ୍କରେ ଓଡ଼ିଆ ପଢ଼ାଇବାକୁ ହେଲେ ପିଲା ବୁଝିଲାପରି କଥିତ ବା ଲୋକ ଭାଷାରେ ଓଡ଼ିଆ ପାଠ୍ୟ ପୁସ୍ତକର ନଥିଲା । ଏ ଦାୟିତ୍ୱ ମଧ୍ୟ ଗୋପାଳ ପ୍ରହରାଜ ନିଜ କାନ୍ଧକୁ ନେଇ ଅସଂଖ୍ୟ ଶିଶୁ ସାହିତ୍ୟ ରଚନା କରିଲେ । ଜେଜେ ବାପାଙ୍କ ଟୁଣୀ ମୁଣୀ, ଧୋ ରେ ବଇଆ ଧୋ, ବାଇଦାସଙ୍କ ଭଜନ ଓ ଶିଶୁ ଗୀତ, ଭାଷାକୋଷ ପାଇଁ ସଫର ଆଦି ତାଙ୍କର ଶିଶୁ ସାହିତ୍ୟ ଗ୍ରନ୍ଥ । ସେ ସମୟରେ ପ୍ରାଥମିକ ସ୍ତରରେ ପଢ଼ାଯାଉଥିବା ଅଧିକାଂଶ ସାହିତ୍ୟ ପ୍ରହରାଜ ହିଁ ଲେଖିଥିଲେ । ତନ୍ମଧ୍ୟରୁ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ " ସୁକୁମର ଶିକ୍ଷା " ନାମକ ପଢ଼ାଯାଉଥିବା ପୁସ୍ତକ ଅନ୍ୟତମ । କେବଳ ଏତିକି ନୁହେଁ ସେ ସମୟରେ ସ୍କୁଲମାନଙ୍କରେ ବୋଲାଯାଉଥିବା ପ୍ରାର୍ଥନାର ରଚୟିତା ମଧ୍ୟ ଥିଲେ ଗୋପାଳ ପ୍ରହରାଜ । ତନ୍ମଧ୍ୟରୁ ଗୋଟିଏ ହେଲା,

**"ଯାହାମୁଁ କରଇ, ଯାହା ମୁଁ କହଇ, ଯାହା ଶୁଣୁଥାଇ ହେ,**
**ଯାହା ମୁଁ ଦେଖଇ, ଯାହା ମୁଁ ଚିନ୍ତଇ ରହୁ ତୁମ ପାଇଁ ହେ ।**
**ଦୁଃଖ ଜଞ୍ଜାଳ, ପାପ ବହୁଳ ଅସାର ସଂସାର ହେ ।"**

ତାଙ୍କ ଶିଶୁ କବିତା ମଧ୍ୟରୁ ଏକ ଲୋକପ୍ରିୟ କବିତା ହେଲା -

**ଭଦ ଭଦଳିଆ ଚଢେଇ କେଣେ ଯାଉଛୁ ଉଡି,**
**ପଡ଼ିଗଲା ପକ୍ଷୀ ଯୋଡିଏ ଦେଲୁ ଦେହରୁ ଝାଡି,**
**ପକ୍ଷୀ ଯୋଡ଼ିକ ମୁଁ ପାଇଲି କଲି ବଡ ଆଦର,**
**ଗୋରୁ ରଖା ଛତା ଦିହରେ ଖୋସି ଦେବି ମାତର,**
**ବାନ୍ଧିବି ଧୂତୁକି ଛତାରେ ବଜାଇବି ବଇଁଶୀ,**
**ଭଦ ଭଦଳିଆ ନାଆଁରେ ଗୀତ ଗାଇବି ବସି ।**
**ଭଦ ଭଦଳିଆ ଭାଇରେ ପକ୍ଷୀ ତୋର ରଙ୍ଗିଆ,**
**ପକ୍ଷୀ ଯାକ ଖୋସି ଛତାରେ ହେବି ନବରଙ୍ଗିଆ,**
**କହ ତୋରେ କାହୁଁ ଅଇଲୁ କାହିଁ ତୋହର ବସା,**
**ପିଲା ତୋର କେତେ ଗୋଟି ଯେ**
**ତୋର କିଏ ଭରଷା ।**
**ଭଦଭଦଳିଆ ଚଢେଇ**
**ବୁଢ଼ା ହୋଇଲୁ ଯେବେ**
**କିଏ ତୋତେ ବସି ପୋଷିବ କାମ ନକଲେ ତେବେ ?**
**ଜାଣିଲି ଜାଣିଲି ଭାଇର**
**ତୋର ସାହା ଈଶ୍ୱର**
**ମୋର ଆଉ କେହି ନାହିଁ ଟି**
**ହରି ଭରସା ମୋର ।**
(ରଚୟିତା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ)

ଶିଶୁ ମନ ଜାଣି କବିତା ଲେଖି ସେ ଯେତିକି ଶିଶୁଙ୍କ ଆତ୍ମାକୁ ଛୁଇଁ ଥିଲେ ଲୋକ ଗଳ୍ପକୁ ନିଜ ହିସାବରେ ଭାଷା ଦେଇ ଲେଖି ସଂକଳିତ କରି ସେତିକି ଲୋକପ୍ରିୟ ହେଇଥିଲେ । ତାଙ୍କର ମାଡ଼ହାଣ୍ଡି କଥା, ଦୁଇ ସଙ୍ଗାତ, ମନ୍ତ୍ରୀ ପୁଅ ସାଧବ ଝିଅ କଥା ଆଦି ଗଳ୍ପ ଯେତିକି ଶିଶୁ କିଶୋର ମନକୁ ଛୁଏଁ ସେତିକି ଛୁଏଁ ବଡମାନଙ୍କୁ । ତାଙ୍କ କାହାଣୀ କହିବାର ଶୈଳୀ, ମଝିରେ ମଝିରେ ଢଗ ଢମାଳି, ଲୋକୋକ୍ତି ଆଦି ଗଳ୍ପକୁ ଯେତିକି ରସାଳ କରେ କରେ ମଧ୍ୟ ସେତିକି ପ୍ରାଣବନ୍ତ । ଲୋଭ, ମୋହ, ହିଂସା, କ୍ରୋଧ ଆଦି ମଣିଷର ଚାରିତ୍ରିକ ଗୁଣଗୁଡିକୁ ଦର୍ଶାଇବା ସହ ଉପସ୍ଥିତ ବୁଦ୍ଧି ଦ୍ୱାରା କିଭଳି ବିପଦରୁ ବଂଚାଯାଇ ପାରିବ ସେ କଥାକୁ ସେ ହାସ୍ୟରସାତ୍ମକ ଶୈଳୀରେ ଗପ ମାଧ୍ୟମରେ

କହିଯାଇଛନ୍ତି । ଯାହା ପଢିଲା ପରେ ପାଠକ ମନରେ ଆପେ ତାର ଛାପ ଛାଡି ହେଇଯାଏ ଏବଂ ସେ ସେଭଳି ଭୁଲ କରିବା ପୂର୍ବରୁ ତା ବିବେକ ତାକୁ ସଂଯମ କରେ ବା ଭୁଲ ବାଟରେ ନଯିବାକୁ ପ୍ରେରିତ କରେ । ଯେଉଁ ସମୟରେ ଓଡ଼ିଆ କଥିତ ଭାଷାରେ ସାହିତ୍ୟର ସର୍ବାଧିକ ଆବଶ୍ୟକତା ଥିଲା ସେ ସମୟରେ ନିଜ ଭାଷାର ଅସ୍ମିତା ବଞ୍ଚାଇବାକୁ ଯାଇ ଗୋପାଳ ପ୍ରହରାଜ ଯେଉଁ ବିଶାଳ ସାହିତ୍ୟର ଭଣ୍ଡାର ସୃଷ୍ଟି କଲେ ସମସାମୟିକ ସାହିତ୍ୟିକମାନଙ୍କ ମଧ୍ୟରୁ କେହି ମଧ ଏତେ ସାହିତ୍ୟ ରଚନା କରିନଥିଲେ । ତାଙ୍କ ଲେଖାରେ ଭର୍ତ୍ତି ହେଇଯାଇଥିଲା ଘର । ଶଗଡ଼ ମଧ କମ ପଡିଥିଲା ବୋହିବାକୁ ତାକୁ ।

ଗୋପାଳ ପ୍ରହରାଜ କେବଳ ଶିଶୁ ସାହିତ୍ୟ, ରମ୍ୟରଚନା ଆଦି ରଚନା କରିନଥିଲେ । ସେ ଦେଇଯାଇଛନ୍ତି ଓଡ଼ିଆ ଜାତିକୁ, ଓଡ଼ିଆ ଭାଷାକୁ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ । ଯାହା କେବଳ ଭାରତରେ ନୁହେଁ ସମଗ୍ର ପୃଥିବୀ ସାହିତ୍ୟରେ ଅଦ୍ୱିତୀୟ । ଉତ୍କଳ ପ୍ରଦେଶ ଗଠନ, ଓଡ଼ିଆ ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ପାଇଁ ଭାଷାକୋଷର ଅବଦାନ ଅତୁଳନୀୟ । ଏକ ଲକ୍ଷ ପଞ୍ଚାଅଶି ହଜାର ଶବ୍ଦ, ନ ହଜାର ପାଞ୍ଚ ଶହ ପୃଷ୍ଠା, ସାତଖଣ୍ଡରେ ପ୍ରକାଶିତ ଏ ଭାଷାକୋଷ । ସେ ଓକିଲ ଥିବାରୁ ବିଭିନ୍ନ ପ୍ରଦେଶରେ ଥିବା ଓଡ଼ିଆମାନଙ୍କ ସହ ମିଶୁଥିଲା । ବଙ୍ଗ, ବିହାର, ମାନ୍ଦ୍ରାଜ୍ ପ୍ରଦେଶରେ ଥିବା ଓଡ଼ିଆମାନେ ଓଡ଼ିଆ ହେଇବି ପରସ୍ପରର ଆଞ୍ଚଳିକ ଓଡ଼ିଆଭାଷା ବୁଝିପାରୁନଥିଲେ ତେଣୁ ସେ ଏକ ଭାଷାକୋଷର ଆବଶ୍ୟକତା ଅନୁଭବ କଲେ ଯାହା ସେ ସମୟରେ ନଥିଲା । ଆରମ୍ଭିକ ପର୍ଯ୍ୟାୟରେ ସଂସ୍କୃତ, ତାସମ, ତଦଭବ, କଥିତ ଭାଷାକୁ ନେଇ ସେ ଗୋଟେ ଓଡ଼ିଆ ଶବ୍ଦ ଅଭିଧାନ କରିବାକୁ ଚାହିଁଥିଲେ । କିନ୍ତୁ ଶବ୍ଦ ଯୋଗାଡ କରୁ କରୁ ସେ ଏଥିରେ ଏତେ ନିମଜ୍ଜିତ ହେଇଗଲେ ଯେ ତାର ଫଳଶ୍ରୁତ ଓଡ଼ିଆ ବାଣୀ ଭଣ୍ଡାରକୁ ଦେଇଗଲେ ଓଡ଼ିଆ ବିଶ୍ୱକୋଷ।

ଏହି ଭାଷାକୋଷରେ କେବଳ ଓଡ଼ିଆ ଶବ୍ଦର ଅର୍ଥ ନୁହେଁ ଓଡ଼ିଆ ଶବ୍ଦର ବ୍ୟୁତ୍ପତ୍ତି, ତାର ବିସ୍ତୃତ ବର୍ଣ୍ଣନା, ଅଧିକାଂଶ ଶବ୍ଦ ତଳେ ଉକ୍ତ ଶବ୍ଦର ବାକ୍ୟରେ କିଭଳି ବ୍ୟବହାର କରାଯାଇ ପାରିବ ତାହାର ଉଦାହରଣ ପ୍ରସିଦ୍ଧ ସାହିତ୍ୟିକ କୃତି ମାନଙ୍କରୁ ସେ ନେଇଛନ୍ତି । ଢଗ ଢମାଳି, ପ୍ରହେଳିକା, ପଶୁ ପକ୍ଷୀଙ୍କ ନାମ, ଉଦ୍ଭିଦଙ୍କର ବାଟାନିକାଲ ନାମ, କ୍ଷୁଦ୍ର ବୃହତ୍ ନକ୍ଷତ୍ରପୁଞ୍ଜଙ୍କ ନାମ, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଦୀର୍ଘ ଲେଖା, ଓଡ଼ିଶାର ଇତିହାସ ସହିତ ଜଡ଼ିତ ମହାପୁରୁଷଙ୍କ ସଂକ୍ଷିପ୍ତ ଜୀବନୀ, ପୁରାଣର କଥା, ଆଦି ଆଦି ଅନେକ କଥା ଉଲ୍ଲେଖ ଅଛି ଏଥିରେ । ପରେ ଇଂରେଜ ସାହେବ ଓ ଓକିଲମାନଙ୍କୁ ଓଡ଼ିଆ ଶବ୍ଦ ପ୍ରତି ପରିଚିତ କରାଇବା ପାଇଁ ଓଡ଼ିଆ ଶବ୍ଦର ଆକ୍ଷରିକ ଇଂରାଜୀ ଅର୍ଥ ଲେଖିବା ସହ ତାର ଉଚ୍ଚାରଣ ମଧ ଇଂରାଜୀରେ ଲେଖିଥିଲେ । ତଦ୍ୱାରା ଓଡ଼ିଆ ଜାଣିନଥିବା ଅଣ ଓଡ଼ିଆ ବ୍ୟକ୍ତି ସହଜରେ ଓଡ଼ିଆ ଭାଷା ଜାଣି ପାରିବେ । ପୁଣି ପ୍ରତି ବଙ୍ଗାଳି ଶବ୍ଦର ଓଡ଼ିଆ ଶବ୍ଦ ଯେ ଅଛି ତାହା ବଙ୍ଗାଳିମାନଙ୍କୁ ଦେଖାଇବାକୁ ଯାଇ ସେଥିରେ ସଂଯୋଗ କଲେ ବଙ୍ଗାଳି ପ୍ରତିଶବ୍ଦ । ସେହି କ୍ରମରେ ହିନ୍ଦୀ ପ୍ରତିଶବ୍ଦ ମଧ ଲେଖିଲେ । ଏହିପରି ଓଡ଼ିଆ ଶବ୍ଦର ଇଂରାଜୀ, ବଙ୍ଗଳା, ହିନ୍ଦୀ ଆକ୍ଷରିକ ଶବ୍ଦ ଲେଖି ସେ ଭାଷାକୋଷକୁ ଚର୍ତୁଭାଷିକ କରିପାରିଛନ୍ତି । ପ୍ରହରାଜ ଏଥିରେ ତେଲୁଗୁ ମଧ ଯୋଡିବାକୁ ଚାହୁଁଥିଲେ । ମାତ୍ର ଲିପି ଜଣାନଥିବାରୁ ଏଥିରୁ କ୍ଷାନ୍ତ ହେଲେ ସତ କିନ୍ତୁ କିଛି ଓଡ଼ିଆ ବିଶେଷ୍ୟ ପଦ ତଳେ ହିନ୍ଦୀ, ବଙ୍ଗଳା ଛଡା ଓଡ଼ିଆ ଲିପିରେ ତେଲୁଗୁ, ତାମିଲ, କନ୍ନଡ଼, ଗୁଜୁରାଟି, ମରାଠୀ, ପ୍ରତିଶବ୍ଦ ଯୋଡି ଦେଇଛନ୍ତି । ପ୍ରଥମେ ସେ ଓକିଲାତି କାମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଯିବା ସମୟରେ ସେଠିକାର ଲୋକଙ୍କ ସହ କଥାବାର୍ତ୍ତା କରି ସେଠିକାର ଭାଷା ଟିପି ରଖୁଥିଲେ । ବହୁ ବିଦ୍ୱାନଙ୍କ ସହ କଥା ହେଇ ସଂସ୍କୃତ, ରାଜକୀୟ ଶବ୍ଦମାନ ସଂଗ୍ରହ କରିବା ସହ ସାଧାରଣ ଲୋକଙ୍କ ଠାରୁ ଲୁପ୍ତ ହୋଇଯାଉଥିବା ଓଡ଼ିଆ ଶବ୍ଦ ସଂଗ୍ରହ କରିଥିଲେ । ବହୁ ପୋଥି ପୁରାଣ ଏମିତିକି ସାଧାରଣ ଚଟି ବହିମାନ ପଢ଼ି ସେଥିରୁ ମଧ ଶବ୍ଦ ସଂଗ୍ରହ କରିଥିଲେ । କାହା ସହ କଥାବାର୍ତ୍ତା ସମୟରେ କିଛି ନୂଆ ଶବ୍ଦ ପାଇଲେ ତୁରନ୍ତ ସେ ଶବ୍ଦର ଅର୍ଥ ତାର ବ୍ୟୁତ୍ପତ୍ତି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ତାକୁ ନୋଟ୍ କରି ରଖୁଥିଲେ । ପ୍ରଥମେ ପ୍ରଥମେ ସେ ଏକୁଟିଆ ଏ କାମରେ ଲାଗିଥିବା ବେଳେ ପରେ ବହୁ ଉତ୍ସାହୀ ଯୁବକ ତାଙ୍କୁ ଏ କାମରେ ସାହାଯ୍ୟ କଲେ । ସମ୍ବଲପୁର, ମେଦିନାପୁର, ଗଂଜାମ, ଗଡ଼ଜାତ ଆଦି ଅଂଚଳରୁ ଶବ୍ଦ ସଂଗ୍ରହ କରି ସେମାନେ ପଠାଇଲେ । କୌଳିକ ବୃତ୍ତିରେ ଥିବା ବଢ଼େଇ, କମାର, କୁମ୍ଭାର, ତନ୍ତୀ, ଗଉଡ଼, ଗୁଡ଼ିଆ, ତେଲି ଆଦି ସମ୍ପ୍ରଦାୟର ଲୋକ ନିଜ ବ୍ୟବହୃତ ଶବ୍ଦ ସବୁ ତାଙ୍କୁ ଯୋଗାଇ ଦେଲେ । ତାଙ୍କ ସହଧର୍ମୀଣି ପୀତାମ୍ବରୀ ଦେବୀ ସ୍ତ୍ରୀ ଲୋକଙ୍କ ମୁଖର ଭାଷା, ଢଗ ଢମାଳି, ବଚନ, କାନ୍ଦଣା ଆଦି ଆଦି ଶବ୍ଦ ସଂଗ୍ରହ କରି ରଖିଲେ । ସଂସ୍କୃତ, ବଙ୍ଗାଳି, ହିନ୍ଦୀ, ତେଲୁଗୁ ଆଦି ଭାଷାର ଅନେକ ବିଦ୍ୱାନ ପଣ୍ଡିତ ଓଡ଼ିଆର ଅନ୍ୟ ଭାଷାର ଶବ୍ଦରୂପକୁ ସଂଶୋଧନ କରିବାରେ ସାହାଯ୍ୟ କଲେ । ପ୍ରହରାଜ ନିଜେ ଜଣେ ଜମିଦାର ଥିବା ସହ ଓକିଲ ମଧ ଥିଲେ । ତେଣୁ ଧନର ଅଭାବ ନଥିଲା । କିନ୍ତୁ ଏଇ ଶବ୍ଦ ସଂଗ୍ରହ ତାର ସଂଶୋଧନ ସଜ୍ଜିକରଣ ଆଦି କରୁକରୁ ନିଜ ଓକିଲାତି ପେଶାକୁ ଅବହେଳା କରିଚାଲିଲେ । ଭାଷାକୋଷ ଲେଖାରେ ମାତି ରୋଜଗାର କରିବାକୁ ଭୁଲି ଯାଇଥିଲେ ସିନା କିନ୍ତୁ ନିଜର ସମସ୍ତ ସଞ୍ଚିତ ଅର୍ଥ ଏଥିରେ ଖର୍ଚ୍ଚ କରି ଚାଲିଥିଲେ । ଧୀରେ ଧୀରେ ସେ ଆର୍ଥିକ ରୂପରେ ଦୁର୍ବଳ ହେଇପଡ଼ିଥିଲେ । ଏମିତି କି ଭାଷାକୋଷ ଛପା ପାଇଁ ସେ ନିଜ ଘରକୁ ମଧ ବନ୍ଧା ପକେଇଦେଲେ । ପାଣ୍ଡୁଲିପି ଲେଖା ଶେଷ ହେଲାବେଳକୁ

ତାହା ତିରିଶ ହଜାର ପୃଷ୍ଠା ବିଶିଷ୍ଟ ହେଇଯାଇଥିଲା। ତେଣୁ ତାକୁ କାଟି ଛୋଟ କରିବାକୁ ଲୋକମାନେ ମତ ଦେଲେ । ତାର ଉତ୍ତରରେ ପ୍ରହରାଜ କହିଲେ, ଦୁଃଖ ଦାରିଦ୍ର୍ୟ ଭିତରେ ଥାଇ ମା ଯେମିତି ତାର ଗୁଡ଼ିଏ ସନ୍ତାନ ଭିତରୁ କିଛି ସନ୍ତାନଙ୍କୁ ମାରିପରେ ନାହିଁ ସେମିତି ଏତେ କଷ୍ଟରେ ଯୋଗାଡ କରିଥିବା ଶବ୍ଦମାନଙ୍କ ଭିତରୁ କିଛି ଶବ୍ଦକୁ କାଢ଼ିବାକୁ ତାଙ୍କର ହାତ ଯାଉ ନାହିଁ । ତାଙ୍କ ଭାଷାରେ ," କେତେ ଦୁଃଖ ପାଇ ଜୀବନର ଅନ୍ୟ ସମସ୍ତ ଆଶା, ସୁଖ, କଳ୍ପନା ଓ ଉପାର୍ଜନର ଜଳାଞ୍ଜଳି ଦେଇ ୧୫ ବର୍ଷ କାଳ ଅତିପାତ କରି ଯେଉଁମାନଙ୍କୁ ପାଇଅଛି ଓ ଗଣ୍ଡିଧନ କରି ସାଇତି ଅଛି ମୁଁ ମରେ, ସରେ, ପଥର ଭିକାରୀ ହୁଏ, ଉପାସ ରୁହେ, ଦୁଃଖ ପାଏ, ସୂତା କାଟେ, ଧାନ କୁଟେ ପଛକେ ତାଙ୍କ ମଧ୍ୟରେ କାହାରି ତଣ୍ଟି ଚିପି ଦେବାକୁ ମୋର ହାତ ଯିବ ନାହିଁ । ତାଙ୍କ ଜୀବନରେ ମୋର ଜୀବନ । ତାଙ୍କ ମାରଣରେ ମୋର ମରଣ ।" ଆହା କେତେ ସମର୍ପଣ ଭାବ ସତରେ । ଏତେ ବଡ ପାଣ୍ଡୁଲିପି ପ୍ରସ୍ତୁତ ହୋଇସାରିଲା ବେଳକୁ ମୁଦ୍ରଣ ପାଇଁ ବାଧକ ହେଲା ଅର୍ଥ । ତେଣୁ ବ୍ରହ୍ମପୁରରୁ ପ୍ରକାଶିତ ଦୈନିକ ଆଶା ପତ୍ରିକାରେ ସେ ଲେଖିଥିଲେ, " ପନ୍ଦର ବର୍ଷର ତପସ୍ୟା ଅରଣ୍ୟ ରୋଦନରେ ଯିବ କି ?"

ସେଇ ଦୈନିକ ଆଶାରେ ସେ ଲେଖିଥିଲେ, "ଆଜକୁ ପନ୍ଦର ବର୍ଷ ହେଲା ମୁଁ ଭାଷାକୋଷର ପାଣ୍ଡୁଲିପି ଲେଖିଲି । ଏହା ଦୁଇ ଖଣ୍ଡରେ ଛପା ଯିବ । ଏହା ଛାପିବା ପାଇଁ ପ୍ରାୟ ଚାଳିଶ ହଜାର ଟଙ୍କା ଖରଚ ପଡ଼ିବ । ଏତେ ଟଙ୍କା କିଏ ଦେବ ? ଯେଉଁ ବ୍ୟକ୍ତି ଏସବୁ ଟଙ୍କା ଦେବ ତାଙ୍କ ନାମରେ ଏ ପୁସ୍ତକ ଛପା ଯିବ । ଯେଉଁମାନେ ଆଗତୁରା ଟଙ୍କା ଦେଇ ଗ୍ରାହକ ହେବେ ସେମାନେ ଅଳ୍ପ ମୂଲ୍ୟରେ ପୁସ୍ତକ ପାଇବେ ।" ଏ ପ୍ରବନ୍ଧ ପଢ଼ି ସେ ସମୟର ଡାକ୍ତର ରାଧା ଚରଣ ପଣ୍ଡା ପାଞ୍ଚୋଟି ଟଙ୍କା ଡକରେ ପଠାଇଥିଲେ । ତାର ଉତ୍ତରରେ ପ୍ରହରାଜ ଲେଖିଥିଲେ " ଏ ଟଙ୍କା ପାଣିରେ ପଡ଼ିଲା ବୋଲି ଜାଣ ।" କାରଣ ପାଣ୍ଡୁଲିପି ମୁଦ୍ରଣକୁ ନେଇ ସେ ସନ୍ଦିହାନ ଥିଲେ । ପରେ ମୟୂରଭଞ୍ଜର ରାଜା ପ୍ରତାପ ଚନ୍ଦ୍ର ଦେବ ଏଥିପାଇଁ ଆଗ୍ରହ ପ୍ରକାଶ କରି ପ୍ରଥମେ ଆଠ ହଜାର ଏବଂ ପରେ ପାଞ୍ଚ ହଜାର ଦେଇଥିଲେ । ଏବଂ ତାଙ୍କ ଭାଇଙ୍କ ନାମ ଅନୁସାରେ ଭାଷାକୋଷର ନାମ ରଖିବାକୁ ଇଛା ପ୍ରକାଶ କରିଥିଲେ । ତାଙ୍କ ଇଛାକୁ ସନମାନ ଦେବାକୁ ଯାଇ ଭାଷାକୋଷର ନାମ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ରହିଲା ।

ନିଜର ସଞ୍ଚିତ ସମସ୍ତ ଅର୍ଥ ଖର୍ଚ୍ଚ ହେଇସାରିଲା ପରେ ସେ ମୁଦ୍ରଣ ଖର୍ଚ୍ଚ ପାଇଁ ଦ୍ୱାରସ୍ଥ ହେଲେ ସେ ସମୟର ରାଜା, ମହାରାଜା, ଜମିଦାର, ବଡ଼ଲାଟ, ଓଡିଶା, ବିହାର ସରକାର, ମଠର ମହନ୍ତ ଏମିତିକି ସାଧାରଣ ପ୍ରଜାଙ୍କ ପାଖରେ । ଗୋଟେ ଶିକ୍ଷିତ ଜମିଦାର ଭାଷା ସାହିତ୍ୟର ରକ୍ଷା ପାଇଁ, ଏହି ଭାଷାକୋଷ ପ୍ରସ୍ତୁତ ପାଇଁ ଦ୍ୱାରେ ଦ୍ୱାରେ ଭିକ୍ଷା ମାଗିଲା ପରି ସାହାଯ୍ୟ ଭିକ୍ଷା କଲେ । ସାଧାରଣ ମୂଲିଆ ଠାରୁ ନେଇ ବିଭିନ୍ନ ରାଜ୍ୟର ଜମିଦାର, ରାଜାମାନେ ନିଜ ସାଧ୍ୟ ମୁତାବକ ସାହାଯ୍ୟ କଲେ । ଯେତେବେଳେ ଗୋଟେ ସରକାରୀ ଚାକିରିଆର ମାସକୁ ଦରମା ଏକ ଟଙ୍କାରୁ କମ ସେ ସମୟରେ ଲକ୍ଷାଧିକ ଟଙ୍କା ଯୋଗାଡ଼ କରିବା କାଠିକର ପାଠ । ତେଣୁ ସେ ଘୋଷଣା କଲେ ଯେଉଁମାନେ ଭାଷାକୋଷ ନେବାକୁ ଚାହୁଁଛନ୍ତି ଅଗ୍ରିମ ଟଙ୍କା ପୈଠ କରିବା ପାଇଁ । ଅନେକ ଦେଲେ ଆଉ ଏହାର ବିଶାଳ ଭଲ୍ୟୁମ ଦେଖି ଅନେକ ହଁ କହି ମଧ୍ୟ ପଛରେ ମନା କରିଦେଲେ । ତେଣୁ ଶେଷ ଆଡ଼କୁ ତାଙ୍କୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । ଶବ୍ଦ ସଂଗ୍ରହ ଏବଂ ଅର୍ଥ ଗ୍ରହଣ ସମୟରେ ତାଙ୍କୁ ଅନେକ ମାନସିକ ଶାରୀରିକ ଯାତନା ଅବସାଦ, ତିରସ୍କାର ଭୋଗିବାକୁ ପଡିଛି । କେବେ ଲାଗିଛି ସେ ପାରିବେନି । ପୁଣି ନିଜ ଭିତରୁ ଉତ୍ସାହ ଆସିଛି । ପୁଣି ଦମ୍ଭ ଧରି ଅଣ୍ଟା ଭିଡିଛନ୍ତି ଓଡ଼ିଆ ଜାତିର ଅସ୍ମିତା ବଞ୍ଚାଇବା ପାଇଁ । ଭାଷାକୋଷ ପାଇଁ ଶବ୍ଦ, ଅର୍ଥ ସଂଗ୍ରହ କାମରେ ଲାଗିଥିବା ସମୟରେ ପାଇଥିବା ଅନେକ ଅପମାନ ଭିତରୁ ଗୋଟେ ଏଠି ଉଲ୍ଲେଖ କରାଯାଇ ପାରେ । ତାହା ହେଲା ଭାଷାକୋଷର ଛପା ଲାଗି ଅର୍ଥ ସଂଗ୍ରହ ପାଇଁ ସେ ବିଭିନ୍ନ ରାଜାଙ୍କ ଦ୍ୱାରସ୍ଥ ହେଉଥିବା କ୍ରମରେ ଢେଙ୍କାନାଳ ରାଜାଙ୍କ ଦ୍ୱାରସ୍ଥ ହେଲେ । ଢେଙ୍କାନାଳ ରାଜା ତାଙ୍କୁ ଅପମାନ ଦେବା ସହ ଜଙ୍ଗଲ ମଝିରେ ଛାଡିଦେଲେ । ରାତିସାରା ଗଛ ଉପରେ ବସି ସକାଳ ହେଲାରୁ ସ୍ଥାନୀୟ ଅଧିବାସୀଙ୍କ ସାହାଯ୍ୟ ଯୋଗୁ ସେ ନିଜ ରାଜ୍ୟକୁ ଫେରି ଆସିଥିଲେ । ସେମିତି ସେ ଗାଉଁଲି ଭାଷାରେ ସାହିତ୍ୟ ରଚନା କରୁଥିବାରୁ ସଂସ୍କୃତ ପଣ୍ଡିତମାନେ ତାଙ୍କୁ ବ୍ୟଙ୍ଗ କରିବା ସହ ଗୋଟିଏ ଟେବୁଲରେ ବସି ଚା ମଧ୍ୟ ପିଉନଥିଲେ । ସେ ଭାଷାକୋଷରେ ଶ୍ଳୀଳ ଶବ୍ଦ ସହ ଅଶ୍ଳୀଳ ଶବ୍ଦ ଓ ତାର ଅର୍ଥ ଦେଇଥିବାରୁ ଏବଂ ଅନ୍ୟାନ୍ୟ କାରଣରୁ ବହୁ ସମାଲୋଚନାର ସରବ୍ୟ ହେଇଥିଲେ ।

ରାୟ ବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜ ଭାଷାକୋଷ ପାଇଁ କରିଥିବା କଷ୍ଟକର କାମକୁ ଭୂୟସୀ ପ୍ରଶଂସା କରି ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଉତ୍କଳ ସାହିତ୍ୟରେ ଲେଖିଥିଲେ,

**ଭାଷାକୋଷ ଭାରତର ହୀରକର କୋଷ,**
**ହୁଅ ମୌନ ହେ ନିନ୍ଦୁକ, ନ ଦେଖାଅ ଦୋଷ,**
**କର ପ୍ରଣିପାତ ଧୀରେ ତପସ୍ୱୀ ଚରଣେ,**
**ସାଧନା ଯାହାର ବାଣୀ - ବିଭବ ଚୟନେ ।**

***

**ରହିବ ଗୋପାଳ ଭାଷାକୋଷର ଜନକ,**
**ବିଶ୍ୱ ବକ୍ଷେ ଉତ୍କଳର ଅସ୍ତିତ୍ୱ ରକ୍ଷକ ।**

****

**ବୋଲୋ ଭାଷାକୋଷ ଜୟ, ଜୟ ପ୍ରହରାଜ,**
**ମରମୂର୍ତ୍ତି ଧର ତୁମ୍ଭେ, ମୃତ୍ୟୁହୀନ ଆଜ ।"**

ହଁ ସେ ତ ଥିଲେ ଭାଷାର ତପସ୍ୱୀ । ଭାଷାକୋଷ ଲେଖାହେଲା ଦିନୁ ସେ ଭୋର ଚାରିଟାରୁ ଉଠି ଯଜ୍ଞ କରୁଥିଲେ । କୌଣସି ମଉଜ ମାଜଲିସ୍ ଏମିତିକି ବାହାରେ ବୁଲାବୁଲି, ବ୍ୟାୟାମ ଆଦି ନକରି ପ୍ରତିଦିନ ୧୨ ରୁ ୧୫ ଘଣ୍ଟା ଭାଷାକୋଷ ପାଇଁ ପରିଶ୍ରମ କରୁଥିଲେ । ଏମିତି ଏକ ଶୃଙ୍ଖଳିତ ଜୀବନ ଭିତରେ ସେ ବିତେଇ ଥିଲେ ଦୀର୍ଘ ସତେଇଶ ବର୍ଷ । ଏଠି କହି ରଖେ ଏହା ପୂର୍ବରୁ ସେ ଥିଲେ ଜମିଦାରୀୟ ଠାଣିର ଜୀବନକୁ ଭଲ ପାଉଥିବା ଜଣେ ଖିଆଲି ମଣିଷ । ଭାଷାକୋଷର ଶବ୍ଦ ସଂଗ୍ରହ ଠାରୁ ମୁଦ୍ରଣ ହେଇ ଆସିବାକୁ ଲାଗିଗଲା ସତେଇଶ ବର୍ଷ । ଏତେ ବେଳକୁ ସେ ବୃଦ୍ଧ ହେଇଯିବା ସହ ପାରିବାରିକ ଅଶାନ୍ତି, ପରିପାର୍ଶ୍ୱିକ ଅସ୍ୱସ୍ତି ଭିତରେ ଘାଣ୍ଟି ହେବା ସହିତ ଆର୍ଥିକ ରୂପରେ ଦରିଦ୍ର ହେଇପଡ଼ିଥିଲେ । ତାଙ୍କ ଅଧସ୍ତନ ଓକିଲଙ୍କୁ କହି ପୁଣି କୋର୍ଟକୁ ଯାଇ କେଶ ଲଢ଼ି କିଛି ପଇସା ରୋଜଗାର କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ତଥାପି ସେ ହାରିଯାଇ ନଥିଲେ । ଆହୁରି ଆହୁରି ଶବ୍ଦ ସଂଗ୍ରହ କରି ପାଣ୍ଡୁଲିପି ପ୍ରସ୍ତୁତ କରି ରଖିଥିଲେ ଏବଂ ଭାଷାକୋଷରେ ଥିବା ଭୁଲର ସଂଶୋଧନ ଏବଂ କିଛି ଶବ୍ଦକୁ ଅଧିକ ସ୍ପଷ୍ଟ କରିବାକୁ ଯାଇ ଏକ ପରିଶିଷ୍ଟ ପ୍ରସ୍ତୁତ କରିଥିଲେ । ଯାହା ତାଙ୍କର ଅଚାନକ ମୃତ୍ୟୁ ପରେ ଆଉ ଦିବାଲୋକ ଦେଖି ପାରିଲା ନାହିଁ । ଠୁଙ୍ଗା ଆକାରରେ ଲୋକ ତାକୁ ବିକ୍ରୀ କରିଦେଲେ ।

ତେଣୁ ସାମଗ୍ରିକ ଭାବରେ ଭାଷାକୋଷର ବିଦ୍ଧାଣୀ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ ଯେଉଁ ଭାଷାର କୋଣାର୍କ ଆମକୁ ଦେଇଗଲେ ତଦ୍ୱାରା ଆଜି ଆମେ ଓଡ଼ିଆ ଜାତି ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଯଦି ସେ ସମୟରେ ଗୋପାଳ ପ୍ରହରାଜ ଏବଂ ଅନ୍ୟାନ୍ୟ ମହାମନିଷୀମାନେ ଓଡ଼ିଆ ଭାଷାକୁ ବଞ୍ଚେଇବାକୁ ଯାଇ ଏଭଳି ସଂଗ୍ରାମ କରିନଥାନ୍ତେ ତେବେ ଆଜି ଆମେ ଅନ୍ୟ ରାଜ୍ୟର ବାସିନ୍ଦା ହେଇ ସେଇ ରାଜ୍ୟର ଭାଷା କହିବା ସହ ନିଜର ଅସ୍ତିତ୍ୱ ହରାଇ ବସିଲା ଭଳି ଦୁର୍ଗତିକୁ ସାମ୍ନା କରିଥାନ୍ତେ ଭାବିଲେ ଡରରେ ଦେହ ଶିହରୀ ଉଠେ । ଆଜି ତାଙ୍କର ଶହେ ପଚାଶ ତମ ଜନ୍ମ ଜୟନ୍ତୀରେ ସେହି ଭାଷା କୋଣାର୍କର ସ୍ରଷ୍ଟାଙ୍କୁ ଭକ୍ତିପୂତ ପ୍ରଣାମ ଅର୍ପଣ କରିବା ସହ ତାଙ୍କ କୃତିକୁ ଆହୁରି ପ୍ରଚାର ପ୍ରସାର କରି ବର୍ତ୍ତମାନ ଏବଂ ଆଗତ ପିଢିଙ୍କୁ ତାଙ୍କ ତ୍ୟାଗ, ପରିଶ୍ରମର




କାହାଣୀ ଶୁଣାଇ ତାଙ୍କୁ ଉଜ୍ଜୀବିତ କରି ରଖିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ହେବା ଉଚିତ । ଆନନ୍ଦର କଥା ଲାର୍କ ବୁକ୍ ଟ୍ରଷ୍ଟ ଦ୍ୱାରା ଗ୍ରନ୍ଥ ଭାବରେ ଏବଂ ସୃଜନିକା ଦ୍ୱାରା ଇ ବୁକ୍ ମଧ୍ୟମରେ ଛପା ଯାଇ ଉଭୟ ପ୍ରିଣ୍ଟ ଏବଂ ଏଲୋକ୍ଟ୍ରୋନିକସ୍ ମିଡ଼ିଆରେ ଏବେ ଭାଷାକୋଷ ଉପଲବ୍ଧ । ତେବେ ଆମେରିକା, ୟୁରୋପ, କାନାଡା ଆଦି ପୃଥିବୀର ବିଭିନ୍ନ ଦେଶର ଲାଇବ୍ରେରୀରେ ଏହା ଉପଲବ୍ଧ ହେବା ସମୟରେ ଓଡ଼ିଶାରେ ଅଧିକାଂଶ ଲାଇବ୍ରେରୀରେ ଖୋଜିଲେ ମିଳେନାହିଁ । ଆମେ ଯେଉଁ "ଓ" ବ୍ୟବହାର କରୁଛେ ତାହାର ଉଦ୍ଭାବକ ମଧ୍ୟ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ । ଓଡ଼ିଆ ଜନଜୀବନ, ଲୋକକଥା, କିମ୍ବଦନ୍ତୀ, ସେ ସମୟର ଚଳଣୀ, ସଂସ୍କୃତି, ପରମ୍ପରା, ମହାପୁରୁଷଙ୍କ ଜୀବନୀ ସର୍ବୋପରି ଓଡ଼ିଶା ତଥା ଓଡ଼ିଆଙ୍କୁ ଜାଣିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ଜ୍ଞାନକୋଷ । ଆମେ ଆଜି ନିଜକୁ ଓଡ଼ିଆ ବୋଲି, ଓଡ଼ିଆ ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ଯୋଗୁ ଯେଉଁ ଗର୍ବ କରୁଛେ ତାହାର ଭିତ୍ତପ୍ରସ୍ତର ସ୍ଥାପନ କରିଥିଲେ ଗୋପାଳ ଚନ୍ଦ୍ର ପ୍ରହରାଜ ଲକ୍ଷାଧିକ ଲୁପ୍ତ ଓଡ଼ିଆ ଶବ୍ଦକୁ ଲୋକ ଲୋଚନକୁ ତାଙ୍କର ସାହିତ୍ୟ ଏବଂ ଭାଷାକୋଷ ମାଧ୍ୟମରେ ଆଣି । ତେଣୁ ମହାମନିଷୀ ଭାବରେ ସ୍ୱର୍ଗତ ପ୍ରହରାଜ ଏବଂ ପବିତ୍ର ଗୀତା, ଭାଗବତ ପରି ଭାଷାକୋଷ ଘରେ ଘରେ ପୂଜା ହେବା ନିହାତି ଆବଶ୍ୟକ ନୁହେଁ କି ?



**ଲକ୍ଷ୍ମୀପ୍ରିୟା ଓଝା**
ବରୋଦା,ଗୁଜୁରାଟ




**SHERO PROPERTIES**
THE HERO IN REAL ESTATE

**FALCON**
REAL ESTATE

## SHERO Properties is the International Strategic Partner of Falcon Tatva

## Book With SHERO Properties & Avail Exclusive Offers!

**Call/WhatsApp Today To Book A Zoom Appointment!**
**+971 56 591 4077 | +971 50 472 8220**

Air Conditioned Apartments • Home Lighting Automation (wireless) • Sprawling Club with Roof Top Swimming Pool & Tennis Court • Connected Landscaped Terrace



Grand Entrance


Kids Play Area


Tennis Court


Arrival Atrium


Club House


Organic Farming Bays

FALCON
**tatva**
EVERY ELEMENT OF ECSTASY

**KHANDAGIRI, BHUBANESWAR**
3/3.5/4 BHK Apartments
starting from 1.88*cr onwards

*Best in segment SBA to CA ratio* across the state.*

A beautifully crafted plush residential project nestled in the vicinity of the picturesque & historic Khandagiri caves, in Bhubaneshwar. **Tatva** delicately entwines the pristine presence of all the five dimensions of life to perfection within its core. Green surroundings, luxurious lifestyle and countless amenities to live life to its fullest.

+971 56 591 4077
+971 50 472 8220

19th Floor Conrad Tower, Trade Center Area First, Sheikh Zayed Road, Dubai, UAE

SHEROPROPERTIES.COM
@SHEROPROPERTIES

SHERO PROPERTIES
THE HERO IN REAL ESTATE

## Who We Are

Founded by a Dubai-based Odia NRI, a native of Bhubaneswar, Mr.Anil Das. He brings 27 years of expertise in real estate investments, portfolio & fund management across the Globe. At SHERO Properties, we endeavour to provide one stop solution to all your property requirements in Dubai, London, Odisha & the Rest of India.

## Our USP

**CLIENT HELP DESK**: We provide complete assistance and life cycle management of property of our Investors through:

BUY | SELL | LEASE | MORTGAGE | PROPERTY MANAGEMENT | BUSINESS SETUP | COMPANY FORMATION | SECOND PASSPORT ASSISTANCE.

## Message From Our Founders

"On behalf of SHERO Properties, we congratulate the Malaysia Odia Association (MOA) family for being such a vibrant Odia community based in Malaysia. We are immensely delighted to associate with MOA and be a part of the celebration. Please reach out to us for any real estate requirements you may have, we assure you to provide tailor made services."



**Anil Das**
Founder & Chairman
He has a rich experience of 27 Years across the globe in the Real Estate, Telecom, and FMCG industries.



**Sheetal Joshi**
Co-Founder & President
She has more than 16 years of rich expreience across real estate, education & corporate

## Now Is The Right Time To Invest In Dubai Real Estate

**BRITISH, INDIAN & RUSSIAN BUYERS AMONG TOP 3 INVESTORS IN DUBAI PROPERTY MARKET IN Q2, 2023**

## Take Advantage of Odisha Desk by SHERO Properties:

ONE STOP SOLUTION FOR FELLOW ODIA'S TRAVELING TO DUBAI

ODISHA DESK
By SHERO Properties Real Estate LLC. Dubai

- Real Estate Investment
- Tours & Travel Services
- Business Setup
- PR & Second Passport

**GOLDEN VISA**
Invest AED 2 MN | INR 4.5 CR | GBP 426K
& Get 10 years renewable visa for 3 Generations

**INVESTOR VISA**
Invest AED 750K | INR 1.68 CR | GBP 160K
& Get 2 years renewable Visa For 3 Generations

### Reasons To Invest In Dubai Real Estate

- 100% Ownership Freehold Properties
- 8-10% Rental Yield High Capital Appreciation
- Stable Currency AED is pegged with USD
- TAX Free Income Investor Friendly RERA

+971 56 591 4077
+971 50 472 8220

19th Floor Conrad Tower, Trade Center Area First, Sheikh Zayed Road, Dubai, UAE

SHEROPROPERTIES.COM
@SHEROPROPERTIES

# ଜହ୍ନ ଗୋ

ଡ.ସୁନନ୍ଦା ମିଶ୍ର ପଣ୍ଡା

ଜହ୍ନ ଗୋ!
ତୁମ ଆଗମନର ସ୍ୱରରେ –

ତାରାର ସବୁଜ ଆଖିରୁ
ହଜି ଯାଇଛି ନିଦ ।
ଫୁଲଙ୍କ ଓଠରୁ
ଝରି ପଡୁଛି ଲାଜ,
କେତେ ଛନ୍ଦରେ
ନାଚି ଉଠୁଛି ନଈ ।

କଅଁଳ ଘାସର ଦେହରେ
ବୋଳା ହୋଇ ଯାଉଛି
ପ୍ରୀତିର ମୁରୁଜ,
ପ୍ରିୟା ତାର ପ୍ରିୟ ପାଇଁ
ସଜାଇ ରଖୁଛି
ଏଇ କର୍ପୁରର ଶେଯ ।

ଜହ୍ନ ଗୋ!
ତୁମେ ଯଦି
ଢାଙ୍କି ଦିଅ ନିଜକୁ,
କେଉଁ ଅଦୃଶ୍ୟ ଚାଦରରେ
ନିରାକାର, ନିର୍ବିକାର
ଶୂନ୍ୟ ସିନ୍ଦୁକରେ,
ଛଦ୍ମବେଶ ଆଡୁଆଳେ ନିଜକୁ
ଛପେଇବାର ସମସ୍ତ ଅପଚେଷ୍ଟା ସତ୍ତ୍ୱେ,
ତୁମେ ଦିଶିଯାଅ,
କାରା ରୁଦ୍ଧ,
ପ୍ରୀତିର ଫଳକ ପରି..
ଗ୍ରହରୁ ଗ୍ରହାନ୍ତର,
ଶାଶ୍ୱତର,
ଫୁଲଝରା ରାତି ଓ
ନିଝୁମ ପ୍ରହର ପରି ।

ମୋ ସ୍ୱର ଆଜି
ଖୋଜୁଛି ।

ତୁମ ଅସ୍ତିତ୍ୱକୁ
ଯାହା ଶବ୍ଦହୀନ
ଅଥଚ
ଅସାଧାରଣ ଶବ୍ଦମୟତାରେ
ମାଟିରୁ ଆକାଶ ଯାଏଁ ବିଚ୍ଛୁରିତ
ସମୟର ପ୍ରୀତିଭରା ସବୁଜ ସଙ୍କେତ
କେମିତି ବା ବୁଝାଇବି
ତୁମକୁ,
ତୁମେ ରୂପହୀନ
ତୁମେ ରଙ୍ଗହୀନ
ଅଥଚ ତୁମ ଝୁରାଝୁରା
ଆଲୋକ ସ୍ପର୍ଶରେ,
ମୁଁ ମଗ୍ନ ବିମୋହିତ,

ଏମିତି ନୀରବ ପ୍ରହରେ
ଜହ୍ନର ଝରଣାଭେଦି,
ଅନୁପମ ସୁରେ
ଅଜଣା ଅନୁଭୂତି
ଆବୋରି ଯାଏ ।
ଇଚ୍ଛା ହୁଏ ଲେଖିବାକୁ
କବିତାର ରୂପେଲି ଅକ୍ଷରରେ...
ଆମ୍ବାପ୍ଲୁତ ଆନନ୍ଦର ବର୍ଣ୍ଣବିଭା
ଜୀବନର ଅମୃତ କାଳିରେ...



**ଡ. ସୁନନ୍ଦା ମିଶ୍ର ପଣ୍ଡା**
Dr Sunanda Mishra panda is a social entrepreneur community leader an educationist and litterateur. She holds the position of CEO at Vidaya Publishing Inc, a federally incorporated company situated in Toronto, Canada. Beyond her professional endeavors, Dr. Panda is an avid pet enthusiast and dedicates time to crafting engaging short stories for children.



# ସୀମିତ ଆୟୁଷ

**ପାୟଲ ଦାସ**

ତୋ ଆଖି ରେ କଣ ଥାଏ କେଜାଣି ??
ଚାହିଁ ଦେଲେ , ବାଟ ଭୁଲେ ନଈ ।।

ବାଟ ଭୁଲନ୍ତି ...
ସାଇବେରିଆର ପକ୍ଷୀ ଦଳ ।।

ହଁ , ମୁଁ ବି ଠିକ୍ ସେଇ ନଈ ଆଉ ପକ୍ଷୀ ଭଳି
ବାଟ ହୁଡେ ବାରମ୍ବାର ।।

ତୋ ଓଠରେ କଣ ଥାଏ କେଜାଣି...
ତୁ ଛୁଇଁ ଦେଲେ ଗର୍ଭବତୀ ହୁଏ ରାତି ।।

ମତୁଆଲା ହୁଏ ମେଘ ।।

ଆଉ ମୁଁ ...ମୁଁ ବି
ଲେଖି ବସେ ଯେତେ ସବୁ ପ୍ରେମ ଗଳ୍ପ ।।

ତୁ ଠିକ୍ ଈଶ୍ୱରଙ୍କ ଭଳି
ତଳକୁ ମୁହଁ ପାତି ଲେଖି ଚାଲୁ
ମୋ ବଳକା ଭବିଷ୍ୟତ ।

କେବେ କେବେ ପ୍ରେତ ଭଳି ଗ୍ରାସୀ ଯାଉ
ମୋର ଅବଶିଷ୍ଟ ଅବୟବ... ସୀମିତ ଆୟୁଷ ।

ସତରେ ତୋର ସେ
ଏଣୁ ତେଣୁ ବାଜେ ଗପରେ
କଣ ଥାଏ କେଜାଣି !

ଶୁଣିବାକୁ ସଜାଏ ମୁଁ
ନିଃସର୍ତ୍ତ ରତିର ଶେଯ ।।



**ପାୟଲ ଦାସ**
Asst. Professor
Sarala Mahavidyalaya Rahama

# ଓଡ଼ିଶୀ ପଟ୍ଟଚିତ୍ର: ଏକ ବିହଙ୍ଗାବଲୋକନ

ବବିତା ସାହୁ



ପଟ୍ଟଚିତ୍ର ଓଡ଼ିଶାର ଏକ ପାରମ୍ପରିକ ଚିତ୍ରକଳା । ଏହି ପଟ୍ଟଚିତ୍ର ଶ୍ରୀଜଗନ୍ନାଥଙ୍କ ସେବା ପରମ୍ପରା ସହ ଓତଃପ୍ରୋତ ଭାବେ ଜଡ଼ିତ । ଏହି ଚିତ୍ର କଳା ଅଣସର ପଟି ବା ପଟ୍ଟିଦିଅ ଭାବରେ ପୂଜା କରାଯାଏ । ପଟ୍ଟଚିତ୍ରର ବିଷୟବସ୍ତୁ ଗୁଡ଼ିକ ମୁଖ୍ୟତଃ ପୌରଣିକ କଥାବସ୍ତୁକୁ ନେଇ ଚିତ୍ର ଅଙ୍କାଯାଇଥାଏ । ପୌରାଣିକ କାହାଣୀ ବ୍ୟତିତ ଗଣେଷ, ଶ୍ରୀ କୃଷ୍ଣ, ଦୁର୍ଗା, କାଳି, ଲକ୍ଷ୍ମୀ, ସରସ୍ୱତୀ, ହନୁମାନ, ଶିବ, ବିଷ୍ଣୁ, ଦଶାବତାର ଚିତ୍ର, ଦଶମହାବିଦ୍ୟା, ଇତ୍ୟାଦି ଦେବାଦେବୀ ଚିତ୍ରମାନ ମଧ୍ୟ ଅଙ୍କା ଯାଇଥାଏ । ପଟ୍ଟଚିତ୍ର କରୁଥିବା ଶିଳ୍ପୀ ମାନଙ୍କୁ ଚିତ୍ରକାର କୁହାଯାଇଥାଏ । ପଟ୍ଟଚିତ୍ର ଏପରି ଏକ ଚିତ୍ର ତାର କାରୁକାର୍ଯ୍ୟ ଦେଖି ଦର୍ଶକ ବିସ୍ମିତ ହୁଅନ୍ତି । ପଟ୍ଟଚିତ୍ରରେ ପୌରାଣିକ ବିଷୟ ସଂଯୋଜନା କରିବା କୌଶଳ, ପରିସ୍ଥାପନ, ରଙ୍ଗବିନାଶରେ ରହିଛି ଏକ ନିର୍ଦ୍ଦିଷ୍ଟ ନିୟମ । ପୌରାଣିକ ଚିତ୍ରର ଭାବବ୍ୟକ୍ତ ଅଙ୍କନ ରୀତି ଶୈଳୀଗତ ବୈଶିଷ୍ଟ୍ୟ ହିଁ ଦର୍ଶକଙ୍କୁ ବିମୋହିତ କରିଥାଏ । ପଟ୍ଟଚିତ୍ରରେ ବର୍ଣ୍ଣଲେପନ, ଆଲୋକ ଛାୟା, ପରିପ୍ରେକ୍ଷାନ ଓ ଦୂର ନିକଟ ର ତାରତମ୍ୟ ଦର୍ଶାଯାଇନଥାଏ । ଏହି ଚିତ୍ରରେ ଦିନ ରାତି ଦୃଶ୍ୟ ଆଦୌ ନ ଥାଏ । ଭାରତରେ ପ୍ରାଦେଶିକ ଚିତ୍ର କଳା ଠାରୁ ଆମ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ସ୍ୱତନ୍ତ୍ର ଭାବେ ଅଲଗା ହୋଇଥାଏ । ତାଳପତ୍ରଚିତ୍ର, ଭିତ୍ତିଚିତ୍ର ଓ ପଟ୍ଟଚିତ୍ର ରେ ବର୍ଣ୍ଣ (ରଙ୍ଗ) ବିନ୍ୟାସ ଓ ବର୍ଣ୍ଣ ପ୍ରସ୍ତୁତ ଶାସ୍ତ୍ରୀୟ ମୋତେ ହୋଇଥାଏ । ମିତ୍ର ବର୍ଣ୍ଣ ଓ ବୈରୀ ବର୍ଣ୍ଣ ର ଅସମାନତା ଚିତ୍ରଟିର ଗୁଣାତ୍ମକ ମାନ ହ୍ରାସ କରିଥାଏ । ଏହି ଚିତ୍ରରେ ଭାବ, ଭଙ୍ଗୀ, ଛନ୍ଦ, ଅନୁପାତ, ଲାଳିତ୍ୟ, ବର୍ଣ୍ଣ ବିନ୍ୟାସ, ବିଷୟବସ୍ତୁ ଇତ୍ୟାଦି ବହୁତ ଉଚ୍ଚକୋଟିର ହୋଇଥାଏ । ପୌରାଣିକ ଚରିତ୍ର ଗୁଡିକର ଦେହର ରଙ୍ଗ ଭିନ୍ନ ଭିନ୍ନ ହୋଇଥାଏ। ଦେବା ଦେବୀ ମାନଙ୍କରେ ଯେଉଁ ଅଳଙ୍କାରମାନ ପିନ୍ଧା ଯାଇଥାଏ ତାହା ସାଧାରଣ ଲୋକଙ୍କ ଦେହରେ ଅଙ୍କନ କରାଯାଏ ନାହିଁ। ସେହିପରି ରାଜା, ରାଣୀ, ସେନାପତି, ଦୂତ, ଦୂତୀ, ନାୟକ, ନାୟିକାଙ୍କ ଚିତ୍ର ଆଦିରେ ଗହଣା ଅଙ୍କନରେ ବିଭିନ୍ନତା ଥାଏ। ଜଣେ ଅଭିଜ୍ଞ ଚିତ୍ରକର ଏସବୁ ପ୍ରଥମରୁ ଅଭ୍ୟାସ କରି ସହଜରେ କରିପାରେ। ଚିତ୍ରକର ମାନେ ପାଞ୍ଚ ଗୋଟି ମୌଳିକ ରଙ୍ଗକୁ ନେଇ ସେଥିରୁ ବିଭିନ୍ନ ରଙ୍ଗ ସୃଷ୍ଟି କରି ପଟ୍ଟଚିତ୍ରରେ ପ୍ରୟୋଗ କରିଥାନ୍ତି। ଯେଉଁ 'ପଟ୍ଟ' ଉପରେ ଚିତ୍ର କରାଯାଏ ତାକୁ ପଟ୍ଟି କୁହାଯାଏ ଏବଂ ଏହାକୁ ସଂପୂର୍ଣ୍ଣ ହାତରେ

ପ୍ରସ୍ତୁତ କରାଯାଇଥାଏ। ଏହି ପ୍ରକାର ପ୍ରସ୍ତୁତି ଶୈଳୀ ଓଡିଶା ବ୍ୟତୀତ ଆଉ କେଉଁଠାରେ ଦେଖା ଯାଇନଥାଏ। ଏହି ପଟ୍ଟୀ ଦୁଇଟି ସୂତା ଲୁଗା, ତେନ୍ତୁଳି ମଞ୍ଜି ଅଠା ଓ ଖଡ଼ି ଦ୍ୱାରା ପ୍ରସ୍ତୁତ କରାଯାଇଥାଏ। ପଟ୍ଟଚିତ୍ରରେ ପ୍ରଥମେ ବନକା (ସ୍କେଚ) କରାଯାଏ। ତାପରେ ବୃକ୍ଷ, ଲତା, ଗହଣାର ଧାର ଇତ୍ୟାଦି ସରୁ ସରୁ ତୂଳି ସାହାଯ୍ୟରେ କରାଯାଏ । ବୁନ୍ଦାଏ ରଙ୍ଗରୁ ଆବଶ୍ୟକ ଅନୁସାରେ ସରୁ ଓ ମୋଟା ରେଖା ତୂଳି ଦ୍ୱାରା କରାଯାଇଥାଏ। ଏହି ତୂଳି ପ୍ରସ୍ତୁତ କରିବା ପାଇଁ ଚିତ୍ରକର ମାନେ ମୂଷାର ଲୋମକୁ ବ୍ୟବହାର କରୁଥିଲେ। ତୂଳି ସାହାଯ୍ୟରେ ଅତି ସୂକ୍ଷ୍ମ ରେଖା ଅଙ୍କନ ଜଣେ ଶିଳ୍ପୀର ବହୁବର୍ଷର ଅଭିଜ୍ଞତାକୁ ଦର୍ଶାଇ ଥାଏ। ତାଳପତ୍ର ଉପରେ ଲେଖନୀରେ ମଧ ଅତି ସୂକ୍ଷ୍ମ ରେଖା ଅଙ୍କନ କରାଯାଇଥାଏ। ତାଳ ପତ୍ର ଓ ପଟ୍ଟଚିତ୍ର ପରି ରେଖା ସଦୃଶ୍ୟ ଚିତ୍ରରେ ଥିବା ଦୃଢ ଓ ସୂକ୍ଷ୍ମ ରେଖା ଅନ୍ୟ କୌଣସି ଭାରତୀୟ ଚିତ୍ରକଳାରେ ପ୍ରାୟ ଦେଖା ଯାଇନଥାଏ। ସମଗ୍ର ଚିତ୍ରର ଚାରି ପାଖରେ (ବର୍ଡର) ପରିଧି କରିବା ଏହାର ଅନ୍ୟ ଏକ ସ୍ୱତନ୍ତ୍ର ଆକର୍ଷଣ। ଗୋଟିଏ ଚିତ୍ରରେ ବଡ ଧଡି (ବର୍ଡର) ଓ ତା ପାଖକୁ ସରୁ ଧଡି ଦିଆଯାଇଥାଏ। ଛୋଟ ଛୋଟ ଚିତ୍ରରେ ବଡ ଧଡି ଗୋଟିଏ ଓ ତା ପାଖକୁ ସରୁ ଧଡି ଗୋଟିଏ ଦିଆ ଯିବା ନିୟମ। ପରିଧି ଗୁଡିକ ସୁନ୍ଦର ଦେଖା ଯିବା ପାଇଁ ବିଭିନ୍ନ ପ୍ରକାର ଲତା, ପତ୍ର, ଡାଳ, ଫୁଲ ବ୍ୟତିତ ପଶୁ, ପକ୍ଷୀ, ଘୋଡ଼ା, ସାପ, ହଂସଧଡି, ଶୁଆଧଡି,ମାଛଧଡି, ମୋଟା ଲତା ଡାଳ, ସେବତୀଧଡି ଓ କାଙ୍ଗୁଲଟୋପା, ଲହରା, କୁମ୍ଭ ଇତ୍ୟାଦି ଏହା ମଧ୍ୟରେ ଅଙ୍କା ଯାଇଥାଏ। ଏକ ଚିତ୍ରକାରର ଦକ୍ଷତା ଓ ସୌନ୍ଦର୍ଯ୍ୟ ବୋଧ ଏହି ଛିଟ କାର୍ଯ୍ୟରୁ ହିଁ ପରିପ୍ରକାଶ ହୁଏ। ପଟ୍ଟଚିତ୍ରରେ ସବୁ କାମ ସରିଲା ପରେ ଶେଷକୁ ଶଙ୍ଖ ପତା କାର୍ଯ୍ୟ କରାଯାଇଥାଏ। ଶଙ୍ଖରୁ ପ୍ରସ୍ତୁତ ଧଳା ରଙ୍ଗରେ ଶରୀରର ଅଳଙ୍କାରରେ ବିନ୍ଦୁ ବିନ୍ଦୁ ମୋତିର ନମୁନା, ମୁଣ୍ଡ ଉପରେ ବିଭିନ୍ନ ଗହଣା, ପୁଞ୍ଜା, ଥୋପି, ଶାଢ଼ୀର ଆଂଚଳ, ନୋଥ, ଚନ୍ଦନ ଚିତା, ମୁକୁଟ, ଟାହିଆ, ଗଛର ଫୁଲ, ଘାସ ଫୁଲ, ଜଳାଶ୍ରୟର ରେଖା, ମେଘ ଏବଂ ପୃଷ୍ଠ ଭୂମିରେ ଅନ୍ତିମ ପ୍ରଜାୟ କାର୍ଯ୍ୟ କରାଯାଇଥାଏ।

ମୁଁ ଯେତେବେଳେ ଏହି ଚିତ୍ର ଶିଖିଲି ସେତେବେଳେ କୌଣସି ଝିଅ ପିଲା ଏହି ପଟ୍ଟଚିତ୍ର ଶିଖି ନଥିଲେ ବା କରୁନଥିଲେ । ପିଲାଟି ଦିନରୁ ଚିତ୍ର ପ୍ରତି ମୋର ଆଗ୍ରହ ଥିଲା। ମୋର ଆଗ୍ରହ ଦେଖି ମୋ ବାପା ,ବୋଉ, ମୋ ଗୁରୁ ମୋତେ ସାହସ



ଦେଇଛନ୍ତି ଏହି ଚିତ୍ର ଅଙ୍କିବାର। ମୋର ଗୁରୁ ସ୍ବର୍ଗତ ନୃସିଂହ ମହାରଣା, ସ୍ବର୍ଗତ ଶ୍ରୀ ଅନନ୍ତ ମହାରଣାଙ୍କ ଠାରୁ ପଟ୍ଟଚିତ୍ର ପାଇଁ ଆମ ଗାଁ ଦାଣ୍ଡ ସାହି, ରଘୁରାଜପୁର ବିଶ୍ୱରେ ପ୍ରସିଦ୍ଧ ହୋଇପାରିଛି। ମୁଁ ପୌରାଣିକ ବିଷୟ ବ୍ୟତୀତ ସମାଜରେ ଯେଉଁ ଘଟଣା ଘଟୁଛି ତାକୁ ନେଇ ମୁଁ ବିଭିନ୍ନ ପ୍ରକାରର ଚିତ୍ର କରିଛି ବିଶେଷ କରି ମହାମାରି କରୋନାକୁ ନେଇ ଚିତ୍ର ଅଙ୍କିଥିଲି। ଏହି ଚିତ୍ରଟି ବହୁ ପ୍ରସାରିତ ସମ୍ବାଦର ବାର୍ଷିକ ସଂଖ୍ୟାର ପ୍ରଚ୍ଛଦ ଭାବେ ପ୍ରକାଶିତ ହୋଇଥିଲା। ମୁଁ ମୋ ନିଜ ଶୈଳିରେ ପଟ୍ଟଚିତ୍ର କରିବାକୁ ଭଲ ପାଏ। ମୋର ଇଚ୍ଛା ଶକ୍ତି ଯୋଗୁ ଏହି ପଟ୍ଟଚିତ୍ର କରି ଆଜି ମୁଁ ଓଡିଶୀ ପଟ୍ଟଚିତ୍ରର ପ୍ରଥମ ମହିଳା ଶିଳ୍ପୀ ଭାବେ ଖ୍ୟାତି ପାଇଛି। ମୋ ଠାରୁ ଅନେକ ସଫଳ ଏବଂ ବିଚକ୍ଷଣ ଶିଳ୍ପୀ ଆମ ରାଜ୍ୟରେ ଅଛନ୍ତି । ବିଶେଷକରି ମହିଳାମାନେ ଅଧିକ ସଂଖ୍ୟାରେ ଏହି ଚିତ୍ର ପ୍ରତି ଆକୃଷ୍ଟ ହେଇ ନିଜେ ସ୍ୱାବଲମ୍ବୀ ହେବା ସହ ସମାଜରେ ସମ୍ମାନର ସହ ବଞ୍ଚି ପାରିବେ ।



**ବବିତା ସାହୁ**
ବନମାଳୀ ଭବନ, ଖାନନଗର, କଟକ

# ସ୍ୱପ୍ନଦର୍ଶୀ

**ଡଃ ହରିହର ପଣ୍ଡା**



ଭସା ବାଦଲର ସମ
ମନ ଆଜି ଚାଲିଯାଏ
କେଉଁ ଏକ ଅଜଣା ରାଇଜେ
ରାମଗିରି ପର୍ବତରୁ ଅଳକାପୁରୀକୁ
ଅଭିଶପ୍ତ ଯକ୍ଷର ସନ୍ଦେଶ ନେଇ
ପରିବ୍ୟାପ୍ତ ଆକାଶରେ ଡେଣାମେଲି
ବିଧୂରା ଯକ୍ଷିଣୀ ପାଶେ
ତା' ପ୍ରିୟର ସନ୍ଦେଶ ଦେବାକୁ ।

ସ୍ମୃତି ସବୁ ରିମ୍‌ଝିମ୍
ସ୍ମୃତି ସବୁ ଜାଙ୍ଗୁଲୁ ପାଙ୍ଗୁଲୁ
ଉଙ୍କିମାରେ ଏକ ପରେ ଆନ
ଶୁଭ୍ର ସେଇ ମନ ଆଇନାରେ,
ସାଉଁଟାସେ ସ୍ମୃତି ସବୁ
ବନ୍ଧା ହୋଇ ରହିଥାଉ
ହୃଦୟର ନିଭୃତ କୋଣରେ
ଅବା ପେଶି ହେଇଯାଉ ପୁଣି
ସମୟର ରଥଚକ ତଳେ ।

କିଏ ଜାଣେ କେତେବେଳେ
ସାଗରର ଢ଼େଉ ସମ
ସତେକ'ଣ ଭାଙ୍ଗିଯିବ ସବୁ ସ୍ୱପ୍ନ
ମଥା ପିଟି ମନରେ ସେ ବେଳାଭୂମି ପରେ !
କୌଣ୍ଡିନ୍ୟ ଓ ସୋମା ପୁଣି କାମ୍ବୋଡିଆ ଆଙ୍କରୱଟ୍
ମାଲେସିଆ ସମ୍ବର୍ଦ୍ଧନା
ବାଲିର ସେ ରାମଲୀଳା
ବୁଢ଼ା କଳିଙ୍ଗର ସ୍ଥିତି
କଳିଙ୍ଗ ଓ ବହୁଦୂର ଦକ୍ଷିଣ ଏସିଆ ସହ
ନୌବାଣିଜ୍ୟ, ସାଂସ୍କୃତିକ ଏଇମିତି ଅନେକ ସମ୍ପର୍କ
ସବୁ କ'ଣ ଲୁଚିଯିବ / ଛପିଯିବ / ହଜିଯିବ
ବିସ୍ମୃତିର ଅତଳ ଗର୍ଭରେ ।

ଶହ ଶହ ପ୍ରଶ୍ନ ଆଜି
ଉଙ୍କିମାରେ ମାନସ ପଟରେ
ରଙ୍ଗାୟିତ କରି ହୃଦ ଜଗାଇଣ ଅଦ୍ଭୁତ କମ୍ପନ,
ପାଇ ହଜାଇବା ଆଉ ହଜାଇ ପାଇବା
ଏଇ ପୃଥିବୀରେ ନୂଆ କିଛି ନୁହେଁ
ମୁଦ ଆଖିପତା ତଳେ
କେବେ ପୁଣି ଦେଖାଯିବ
କେବେ ପୁଣି ଉଭେଇବ
ମିଠା ଖଟା ବେସୁମାରୀ ଅନେକ ସପନ ।



**ଡଃ ହରିହର ପଣ୍ଡା**
ଅବସରପ୍ରାପ୍ତ ପ୍ରଫେସର
ନେସନାଲ୍ ଡିଫେନ୍ସ ଏକାଡ଼େମୀ, ପୁନେ, ଐତିହାସିକ ଏବଂ ସାହିତ୍ୟିକ

# ଗାନ୍ଧୀଜୀ ଥିଲେ ବୋଲି

ଓଁ ଅଭିଜ୍ଞାନ ସାହୁ



ବାବୁ ,ବା...ବାଆ..ବାଭୁ ଭିକାରୀକୁ କିଛି ଦେ ବାବୁ ।

ଆଜି ଟ୍ରେନରେ ଅଫିସ ଗଲା  ବାଟରେ କାକୁତି ମିନତି ସ୍ୱରରେ ହାତ ବଢଉଥିଲା  ସେ ଭିକାରୁଣୀ । ତାକୁ କିଛି କିଛି ଦେଇ ନିଜ ପାଖରୁ ଦୂରେଇ ଦେଉଥିଲେ ଅଭିବାବୁଙ୍କ ସହଯାତ୍ରୀମାନେ । ଆଜି ଅଭିବାବୁଙ୍କର ମନେପଡ଼ିଗଲା ରାଜକିଶୋର ରାୟଙ୍କ 'ଆଚାର୍ଯ୍ୟେ ଥିଲେ ବୋଲି' ଗପଟି । ବାଟ ଯାକ ସେ ଗପର ବିଭିନ୍ନ ଚରିତ୍ର ସବୁ ତାଙ୍କ ମାନସ ପଟରେ ହାବୁକା ହାବୁକା ହୋଇ ଭାସିଆସୁଥାନ୍ତି । ଅଫିସକୁ ଆସି ଥମ କରି ନିଜ ଚେୟାର ରେ ବସିଗଲେ । ଏପର୍ଯ୍ୟନ୍ତ ସେ ଗପଟି ଭିତରୁ ନିଜକୁ ମୁକୁଳେଇ ପାରୁନଥିଲେ । ମନକୁ  ଆନ୍ଦୋଳିତ କରୁଛି ଆଚାର୍ଯ୍ୟ ମହାଶୟଙ୍କ ଉପସ୍ଥିତି । ଦାନୀକର୍ଣ ବୋଲି ଆଚାର୍ଯ୍ୟ ମହାଶୟଙ୍କ ପାଖରେ ଦେଖାଇ ହେବାକୁ ପ୍ରତିଯୋଗିତା କରୁଥିବା ତାଙ୍କ ସହଯାତ୍ରୀଙ୍କର ଭିକାରିକୁ ଦେଉଥିବା ଚାରିଣି ଆଠଣି । ଏସବୁ ଦେଖି ଲେଖକ ମହାଶୟ ଭିକାରୀଟିକୁ କିଛିବି ଦେଇପାରିଲେ ନାହିଁ । ଦେଇପାରିଲେ ନାହିଁ ଆଚାର୍ଯ୍ୟେ ଥିଲେ ବୋଲି ।

ବଡ଼ବାବୁ ବୁଲିପଡ଼ି ଥରେ ଅନେଇଦେଲେ ନିଜ ପଛପଟ କାନ୍ଥରେ ଟଙ୍ଗା ହୋଇଥିବା ଗାନ୍ଧୀଜୀଙ୍କ ଫୋଟକୁ । ଯେବେଠୁ ସରକାରୀ ନିର୍ଦ୍ଦେଶନାମା ଆସିଲାଣି , ସବୁ ସରକାରୀ ଅଫିସରେ ଏଣିକି ଗାନ୍ଧୀଜୀଙ୍କ ଫୋଟୋ ରହିବ, ସେବେଠୁ ସବୁ ଅଫିସରେ ଗାନ୍ଧୀଜୀଙ୍କ  ଗୋଟେ ନିର୍ଦ୍ଧିଷ୍ଟ ଦିଗକୁ ଅନେଇଥିବା ହସ ହସ ମୁହଁ ପ୍ରୋଫାଇଲ ଫୋଟ ଟଙ୍ଗା ହେଲାଣି । ଗାନ୍ଧୀଜୀ ସାମନାକୁ ସିଧା ଅନେଇଥିବା ଫୋଟ କ୍ୱଚିତ ଦେଖିବାକୁ ମିଳେ । ଶୁଣିଛି କାଳୀଙ୍କ ମୂର୍ତ୍ତି ଗଢିବା ବେଳେ ଶିଳ୍ପୀ ଜାଣିଶୁଣି କାଳୀଙ୍କ ଆଖିକୁ ନିମ୍ନଚାହାଣୀ  କରିଥାନ୍ତି । କଥିତ ଅଛି କୁଆଡେ କାଳୀଙ୍କ ନଜର ଯାହା ଉପରେ ପଡିବ ସେ ଧ୍ୱଂସ ପାଇଯିବ । ବୋଧେ ଗାନ୍ଧିଜୀ ସାମ୍ନାକୁ ଦେଖିଲେ ଅଫିସରେ ଚାଲିଥିବା କାରବାର ଦେଖି ତାଙ୍କ ଆତ୍ମାକୁ ଦୁଃଖ ହେବ । ତେଣୁ ଦେଖିନଦେଖିଲା ଭଳି ଜାଣିଶୁଣି ତାଙ୍କ ଚାହାଣୀକୁ ଗୋଟିଏ ପାର୍ଶ୍ୱକୁ ବୁଲେଇଦେଇଛନ୍ତି । ଯାହାବି ହେଉ ଗାନ୍ଧୀଜୀଙ୍କ ପ୍ରତି ସମ୍ମାନ ଏବେବି ସମସ୍ତଙ୍କର ଅତୁଟ ରହିଛି।

ଅଫିସଟା ଯାକ ବିଭିନ୍ନ ଦେବାଦେବୀ,ଆଲମାରୀ ଓ ପୁରୁଣା କ୍ୟାଲେଣ୍ଡରରେ ଭର୍ତ୍ତି ହୋଇଯାଇଥିବାବେଳେ କେବଳ ବଡ଼ବାବୁ ଅଭିବାବୁଙ୍କ ଚେୟାର ପଛପଟ କାନ୍ଥରେ କିଛି ଜାଗା ଫାଙ୍କା ଥିଲା । ଅଗତ୍ୟା ଗାନ୍ଧୀଜୀଙ୍କ ହସ ହସ ବଦନର ଫୋଟ ସେଇଠି ବିରାଜମାନ କଲେ । ପ୍ରଥମେ ତ ବଡ଼ବାବୁଙ୍କୁ ବଡ଼ ଅସହଜ ଲାଗୁଥିଲା ଗାନ୍ଧୀଜୀଙ୍କ ଫୋଟ ସାମ୍ନାରେ ବସି ବଟି ନେବାକୁ । କିନ୍ତୁ ଆସ୍ତେ ଆସ୍ତେ ସବୁ ଦେହସୁଆ ହୋଇଗଲା । ଅଫିସରେ ଲାଗିଥିବା ବିଭିନ୍ନ ଠାକୁରଙ୍କ କ୍ୟାଲେଣ୍ଡର ପରି ଗାନ୍ଧୀଜୀଙ୍କ ଫୋଟବି ଗୋଟାଏ କ୍ୟାଲେଣ୍ଡର ହୋଇ ଗଲା । କାହାରିକୁ ବିଶେଷ କିଛି ଫରକ ପଡୁନଥିଲା ।

ଏ ପର୍ଯ୍ୟନ୍ତ ଅଫିସରେ ଭିଡ଼ ଜମିନି । ଅନେକ ଷ୍ଟାଫ ଏପର୍ଯ୍ୟନ୍ତ ଆସିନାହାନ୍ତି । ଅଭିବାବୁ ଆରାମରେ ଟିକେ ଚେୟାର ରେ ଆଉଜେଇ ପଡି କଣ ଭାବୁଥାନ୍ତି । କେତେବେଳେ ଆଖି ଲାଗିଯାଇଛି କେଜାଣି ।

ଛାଇ ନିଦରେ ଅଭିବାବୁଙ୍କ ମନକୁ ଅନେକ କଥା ଆସୁଥାଏ । ମଣିଷର ବ୍ୟକ୍ତିତ୍ୱର ବି ଗୋଟାଏ ପ୍ରଭାବ ଥାଏ । ଆଚାର୍ଯ୍ୟ ମହାଶୟଙ୍କୁ ଖୁସିକରିବାକୁ ତାଙ୍କର ଅନେକ ସହଯାତ୍ରୀ ବଦାନ୍ୟତା ଦେଖେଇଛନ୍ତି । ଅଥଚ ରାଜୁବାବୁଙ୍କ ଭଳି ଜଣେ ସହଯାତ୍ରୀ ଖାସ ଆଚାର୍ଯ୍ୟେ ଥିଲେ ବୋଲି ସେପରି କରିପାରିନାହାନ୍ତି ଗାନ୍ଧୀଜୀଙ୍କ ଫୋଟର ବି କିଛି ପ୍ରଭାବ ଅଛି । ଆମେ ଗାନ୍ଧୀବାଦକୁ ଯେତେ ଅଣଦେଖା କଲେବି ଗାନ୍ଧୀଜୀଙ୍କୁ ଅଣଦେଖା କରିବା କଷ୍ଟ । ସେଥିପାଇଁ ଚପଲଖୋଲି ଶୁଦ୍ଧପୂତ ଭାବରେ ତାଙ୍କ ମୂର୍ତ୍ତୀରେ ଗଜରା ଚଢ଼େଇବାକୁ ହୁଏ । ଦୁର୍ନୀତି କଲେ ଜେଲ ଯାଇନପାର କିନ୍ତୁ ଗାନ୍ଧୀ ମୁର୍ତ୍ତୀ ଭାଙ୍ଗିଲେ ମାମୁଁଘର ଯିବା ଥୟ ।

କାହାର ସାର୍ ସାର୍ ଡାକରେ ଅଭିବାବୁ ପ୍ରକୃତିସ୍ଥ ହୋଇଗଲେ । ସାମନାରେ ସଦ୍ୟରାସ୍ତା କାମସାରିଥିବା କଣ୍ଟ୍ରାକ୍ଟର ମଲ୍ଲିକ ବାବୁ ବସିଛନ୍ତି ।

-- ସାର ଆପଣଙ୍କ ଦେହ କଣ ଭଲ ନାହିଁ କି ? ମଲ୍ଲିକ ବାବୁ ପଚାରିଲେ । ହାତରେ ଧରିଥିବା ମୋଟା ଲଫାଫାଟା ଅଭିବାବୁଙ୍କ ଆଡ଼କୁ ବଢ଼େଇ ଦେଇ କହିଲେ "ସାର ପୂଜା ସମୟ । ଟିକେ ବିଲ୍ ଟା ଶୀଘ୍ର ପାସ କରେଇଦିଅନ୍ତୁ ।"

ଆଖି ମକଚି ଅଳସ ଭାଙ୍ଗୁଥିବା ଅଭିବାବୁ ସାମ୍ନାରେ ଲଫାଫା ଦେଖି ଚିଲେଇଲେ-- "ଉଠା ଉଠା ଏଇଟାକୁ । ଖବରଦାର୍, ଆଉ ଅଫିସରେ ଆଣି କିଛି ଦେବୁନି । ଦେଖୁନୁ, ଏଠି ଗାନ୍ଧୀଜୀ ଅଛନ୍ତି ପରା ।"



**ଓଁ ଅଭିଜ୍ଞାନ ସାହୁ**
ବନମାଳୀ ଭବନ, ଖନନଗର, କଟକ



# ବନାନ୍

## ସଂଜୀବନୀ ସୁଧା ରଥ

ଝିଅ ମୋର ଖେଳୁଛି ତଳେ
ଲାଲ୍, ନୀଳ ଓ ଗାଢ଼ ହଳଦିଆ
ପ୍ଲାଷ୍ଟିକ୍ ଅକ୍ଷର ସାଙ୍ଗରେ,
ଶିଖୁଛି ବନାନ୍ କରିବା,
ବନାନ୍
ବନାନ୍ କେମିତି କରାଯାଏ ।

ମୁଁ ଆଶ୍ଚର୍ଯ୍ୟ ହୁଏ
ଏମିତି କେତେଜଣ ନାରୀ ଥିବେ
ଯେଉଁମାନେ ଝିଅଟିଏ ଜନ୍ମ କରିବାକୁ
କୁଣ୍ଠାବୋଧ କରୁଥିବେ ।
ରୁମ୍ ଭିତରେ ନିଜକୁ ବନ୍ଦ କରିଦେଇ
ପରଦା ଟାଣି ଦେଉଥିବେ
ଯେମିତିକି ସେମାନେ ଏହି ଶବ୍ଦସବୁକୁ
ନିକ୍ଷେପ କରି ପାରୁଥିବେ ଶିରାପ୍ରଶିରା ଭିତରେ ।

ଶିଶୁଟିଏ କବିତା ନୁହେଁ
କବିତାଟିଏ ମଧ୍ୟ ଶିଶୁ ନୁହେଁ ।
ସେ ଯାହା ହେଉ,
ଏଥିରେ କିନ୍ତୁ 'ଏହା ନଚେତ୍ ତାହା' ନ ଥାଏ |
ଯୁଦ୍ଧରେ ଧରା ପଡ଼ିଥିବା ଓ
ପ୍ରସବ ଯନ୍ତ୍ରଣା ଭୋଗୁଥିବା
ସେହି ନାରୀର କାହାଣୀକୁ ମୁଁ ଫେରୁଛି
ଯାହାର ଜଂଘ ଦୁଇଟିକୁ ବାନ୍ଧି ଦେଇଥିଲା
ସେହି ଶତ୍ରୁ ପକ୍ଷର
ଜ୍ୱଳନ୍ତ ଡାହାଣୀର ବଂଶଧର
ଯେମିତି ନାରୀଟି ପ୍ରସବ କରିପାରିବ ନାହିଁ ।
ପାଟି ତା'ର ଚମଡ଼ାରେ ବନ୍ଧା ହୋଇଥିଲା
ଯେପରି ଶବ୍ଦସବୁ ଗଳାରୁଦ୍ଧ ହୋଇଯିବ ।
ଶବ୍ଦଟିଏ ପରେ ଶବ୍ଦଟିଏ
ପୁଣି ତାପରେ ଆଉ ଏକ ଶବ୍ଦ ହେଉଛି ଶକ୍ତି ।

ଠିକ୍ ଏହି ସମୟରେ
ଭାଷା ଝଡ଼ିପଡ଼େ
ତତଲା ହାଡ଼ସବୁରୁ,
ଠିକ୍ ଏହି ସମୟରେ
ପଥର ଆଁ କରି ଫାଟିଯାଏ
ଏବଂ ରକ୍ତ ପରି ଅନ୍ଧକାର ବହି ଆସେ
ଗ୍ରାନାଇଟ୍‌ର ଗଳନାଳରେ
ଯେତେବେଳେ ହାଡ଼ସବୁ ଜାଣି ସାରିଥାନ୍ତି ଯେ
ସେମାନେ ଫମ୍ପା
ସେତେବେଳେ ଶବ୍ଦ ଫାଟି ଦୁଇଫାଳ ହୁଏ,
ଦ୍ୱିଗୁଣିତ ହୋଇ ସତ ଓଗାଳେ
ଏବଂ ଶରୀର ହୋଇଯାଏ ପାଟି
ଏହା ହେଉଛି ଏକ ରୂପକ ।

ତମେ କେମିତି ଶିଖ
ରକ୍ତ, ଆକାଶ ଓ ସୂର୍ଯ୍ୟର ବନାନ୍ କରିବା ?
ପ୍ରଥମେ ତମ ନିଜର ନାଁ ?
ତମର ପ୍ରଥମ ନାମକରଣ
ତମର ପ୍ରଥମ ନାଁ
ଏବଂ ପ୍ରଥମ ଶବ୍ଦ ?



**ସଂଜୀବନୀ ସୁଧା ରଥ**
ନାରୀ ଅଧିକାର ଓ ନାରୀ କୈନ୍ଦ୍ରିକ ସାହିତ୍ୟ ତଥା ଅନୁବାଦ ସାହିତ୍ୟ କ୍ଷେତ୍ରରେ ବିଶେଷ ରୁଚି ରଖନ୍ତି । ତାଙ୍କ କବିତା ଓ ପ୍ରବନ୍ଧ ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ଯୁଗ୍ମ ସମ୍ପାଦନରେ ତାଙ୍କ ଏକ ଓଡ଼ିଆ କବିତା ସଂକଳ, "ମାରାଗୁଡ଼ା ମହ୍ଲାର" ମଧ୍ୟ ପ୍ରକାଶିତ ହୋଇଛି । ସମ୍ପ୍ରତି ସେ ମୁକନ୍ଦି ଲାଲ ଅଗ୍ରୱାଲ ମହିଳା ବିଦ୍ୟାଳୟ, କଣ୍ଟାବାଞ୍ଜି, ଜିଲା ବଲାଙ୍ଗୀର ଠାରେ ରାଜନୀତି ବିଜ୍ଞାନରେ ଅଧ୍ୟାପନାରତ ।

# କଳିଙ୍ଗରୁ କ୍ଲାଙ୍ଗ ନଦୀ

**ବିନୀତ ମୁଣ୍ଡ**

ଗପ ଗୁଡାକୁ ଗାଇ ଖାଉ ।
କବିତା ସବୁ କାଉ ଗାଉ ॥

ନଈର ପାଣି ନଈକୁ ଯାଉ ।
ମଝି ସମୁଦ୍ର ପହଁରୁଥାଉ ॥

ନଉକା ମୋର ଯାଉ ଭାସି ।
ଝଡ଼ ବତାସ ଥାଉ ବସି ॥

ତିଥି ନକ୍ଷତ୍ର ବାର ଦେଖି ।
ବୋଇତ ବନ୍ଦାଣ କରଇ ସଖି ॥

ଆ କା ମା ବୋଇ ।
ସାତ ସପନ ତ ପୋଇ ॥

ଦୀପ ଜାଳି ଦ୍ୱୀପ ଗଲି ।
ମଳୟ, ଜାଭା, ସୁମାତ୍ରା, ବାଲି ॥

ବେପାର ବଣିଜ ସାଧବ ବିଭବ ।
ବିସ୍ତାରେ ବୁଦ୍ଧ, ଶିବ, ମାଧବ ॥

ଭାଷା, କଳା, ଧର୍ମ, ସଂସ୍କୃତି ।
ବ୍ୟାପ୍ତ ଗଗନେ ଗରୁଡ଼ ଭ୍ରମନ୍ତି ॥

କଳିଙ୍ଗ କାରିଗର ଗଢ଼ଇ ବୁଦ୍ଧ ବିହାର ।
କାମ-ରୂପ-ଅରୂପ ଧରେ ବରୋବୁଦୁର ॥

ଭୂଗୋଳ-ଇତିହାସ ସମ୍ପର୍କ ଯୋଡ଼ି ।
ସମୟ-ଚକ ଯାଉଛି ଗଡ଼ି ॥

ମୌସୁମୀ ପବନ ମୁରୁକି ହସେ ।
ଗତ ଥିଲା କାଲି, ଆସନ୍ତା ଆସେ ॥

ନଈ କୂଳେ ବସି ଗଣେ ଶାମୁକା ।
କା କା ରାବେ ଖଗ ଯୋଡ଼ିକା ॥





**ବିନୀତ ମୁଣ୍ଡ**
Bineet is an oil and gas professional, recently joined at Kualalumpur, Malaysia. He has a wide interest in reading about literature, science, culture and history. Sometimes, he writes as well to amuse himself and friends.

# ଶୂନ୍ୟ ରେ ମହାଶୂନ୍ୟ

## ବିଷ୍ଣୁ କଲ୍ୟାଣ ମଙ୍ଗରାଜ

ଗାଆଁ ଠାରୁ ଦୂର ହେଲି ଦେଶାନ୍ତର
ଚାକିରୀ କରିବା ପାଇଁ
ପଇସା ବହୁତ ଜୀବନରେ ଲୋଡା
ସେ ସତ୍ୟ ବୁଝିଛି ମୁହିଁ ।।

ବାପା ଚାଲିଗଲେ ଅଫେରା ରାଇଜେ
ମାଆକୁ ଛାଡି ସଂସାରେ
ଛାଡ଼ି ନାହିଁ ମୁହିଁ ମୋର ପତ୍ନୀ ହାତ
ବିଦେଶ ନେଲି ସାଥିରେ ।।

କହିଲି ପତ୍ନୀଙ୍କୁ ମାଆକୁ ନେବାକୁ
ରୋକ୍ ଠୋକ୍ ମନା କଲା
ଜମି, ଜମା ଘର ଭୂତ ଖାଇଯିବେ
ମଗଜେ ପୁରାଅ ଭଲ ।।

ପ୍ରତିମାସ ଆମେ ପଇସା ପଠେଇ
କର୍ତ୍ତବ୍ୟଟା ସାରିଦେବା
କଥା ହେବା ପାଇଁ ଦୂରଭାଷଟିଏ
ଗାଆଁ ଘରେ ଲଗେଇବା ।।

ଟଙ୍କା ପଠେଇଲି, ଫୋନ୍ ଲଗେଇଲି
କର୍ତ୍ତବ୍ୟ କରୁଛି ବସି
କର୍ତ୍ତବ୍ୟ କି ଏହା ଅକର୍ତ୍ତବ୍ୟ ଅଟେ
ନିଇତି ଭାବି ହେଉଛି ।।

ଯେତେବେଳେ ମୁହିଁ ଫୋନ୍ ଲଗାଉଛି
ମାଆର ଗୋଟିଏ କଥା
ବାପା ! ଭଲ ଅଛି ତୋ ଦେହ ଜଗିବୁ
ଦୀର୍ଘଶ୍ୱାସ କହେ ବ୍ୟଥା ।।

ଦୀର୍ଘଶ୍ୱାସ ଆଉ ଶୁଣାଯାଉ ନାହିଁ
ସେଥିପାଇଁ ମାନେ ଚିନ୍ତା
ପତ୍ନୀ ବୁଝାଇଲେ, ବିଲ୍ ବଢ଼ିଯିବ
ମାଆ ବୁଝିଛନ୍ତି ଏକା ।।

ମାଆ ବି ବୁଝିଛି , ମୁଁ ବି ବୁଝିଛି
ପତ୍ନୀ ବୁଝିଛନ୍ତି ସବୁ
ସବୁ ବୁଝି ଆମେ ନିହାତି ଅବୁଝା
ଏହି ଅଭିନୟେ ଥିବୁ ।।

'ମଦର ଡ଼େ' ରେ ପୁଅ ମୋର ଆସି
ମାଆକୁ କଲା ନମନ
'ମଦର' କହିଲେ ଆଜ ମୋ ଦିବସ
ହୋଟେଲେ ହେବ ପାଳନ ।।

ମୋ ମାଆକୁ ଫୋନ୍ କଲି ମୁଁ ସେ ବେଳେ
ଶୁଭେ ସେହି ସ୍ନେହବାଣୀ
ବାପା ! ଭଲ ଅଛି ତୋ ଦେହ ଜଗିବୁ
ସତେ କି ଆକାଶବାଣୀ ।।

ବିଚଳିତ ମନ ବିଗଳିତ ପ୍ରାଣ
ଆଉ ସହି ପାରୁନାହିଁ
କକେଇଙ୍କୁ ଫୋନ୍ ଲଗେଇଲି ଯାଇ
ମାଆର ଖବର ପାଇଁ ।।

ଦୀର୍ଘଶ୍ୱାସ ଛାଡ଼ି କହିଲେ କକେଇ
ଡେରି ବହୁତ ତୁ କଲୁ
ମାଆ ମରିବାର ଏକବର୍ଷ ହେଲା
ଏ ଯାଏ କୁଆଡେ ଥିଲୁ ।।

ଝୁରି ଝୁରି ତୋ'ର ମାଆ ଚାଲିଗଲା
ଗଲୁ ତାକୁ ତୁହି ଭୁଲି
ପ୍ରି ରେକର୍ଡେଡ୍ ମ୍ୟାସେଜ୍ ଛାଡ଼ିଲା
ଫୋନ୍ କରିବୁ ବୋଲି ।।

ବିଦେଶୁ ଆସିବୁ ପଇସା ସାରିବୁ
ମାତୃଶୁଦ୍ଧି ହେବା ପାଇଁ
ରାଣ ନୀୟମରେ ବାନ୍ଧିଲା ତୋ ମାଆ
ଜଣାଇଲୁ ନାହିଁ କେହି ।।

ଫୋନ୍ ଖସିଗଲା ହାତରୁ ମୋହର
କାନ୍ଦି ଯମା ପାରୁନାହିଁ
ମାତୃ ଦିବସରେ , ମାଆ ବର୍ଷିକିଆ
ହୋଟେଲ ପାଳିବି ଯାଇଁ ।।

ମାଆ ଶେଷ ପାଦ କଥାଟି କାନରେ
ବାଜୁଅଛି ବାରମ୍ବାର
ବାପା ! ଭଲ ଅଛି ତୋ ଦେହ ଜଗିବୁ
ଧିକ୍ ପୁତ୍ର ଜନ୍ମ ମୋର ।।



ବିଷ୍ଣୁ କଲ୍ୟାଣ ମଙ୍ଗରାଜ
କାନାଡ଼ା



# ଅଫେରା-ଫେରା

**ଡ଼. ପ୍ରଶାନ୍ତ କୁମାର କର**

ଜୀବନ ନାଟକର ସେ ପୁରୁଣା ଲିଭି ଆସିଥିବା ପୃଷ୍ଠା ଗୁଡିକ ପୁଣିଥରେ ଜଳ ଜଳ ହେଇ ଦିଶିଯିବ ସେ କେବେ ବି ଭାବି ନଥିଲା । ପୁଣି ଏ ସମୟରେ, ପୁଣି କୋଭିଡ ସେଣ୍ଟର ଭିତରେ ଯେଉଁଠି ସେକେଣ୍ଡକୁ ସେକେଣ୍ଡ ବଞ୍ଚିବାପାଇଁ ସଂଘର୍ଷ କରୁଥିବା, ଅମ୍ଳଜାନଟିକେ ନାକ ଦେଇ ଶୋଷି ନେବାକୁ ଅପେକ୍ଷା କରିଥିବା ଆଉ ଜୀବନ ମରଣର ସନ୍ଧିକ୍ଷଣରେ ଛଟପଟ ହେଉଥିବା ମାଟି କଣ୍ଢେଇ ମାନଙ୍କ ଗହଣରେ ! ମାଟି କଣ୍ଢେଇ ନୁହେଁ ତ ଆଉ କଣ ? ମାଟିର ଉପାଦାନରେ ଗଢ଼ା ଆଉ ମାଟିରେ ହିଁ ମିଶୁଥିବା ମଣିଷମାନେ ଏବେ ପୁରା ମାଟି କଣ୍ଢେଇ । ଆଉ ଜୀବଧବପୁରରେ ଜୀବନ୍ୟାଶ ପାଇଁ ସେ କେବଳ ଏକ ମାଧ୍ୟମ ମାତ୍ର ।

ସେ କନ୍ଦର୍ପ, ଡାକ୍ତର କନ୍ଦର୍ପ ଦାଶ । କନ୍ଦର୍ପ ସାର ବୋଲି କେହି କେବେ ଡାକନ୍ତି ନାହିଁ । କିନ୍ତୁ ସେ ସମସ୍ତଙ୍କର ପ୍ରିୟ କେ.ଡି. ସାର । ରାଜଧାନୀର ଏକ ନାମୀ ହସ୍ପିଟାଲ ଏଣ୍ଡ ରିସର୍ଚ୍ଚ ସେଣ୍ଟରରେ ଜଣାଶୁଣା ଡାକ୍ତର । ସରକାରଙ୍କ ଆଦେଶାନୁସାରେ ଏଇଠି ବି କୋଭିଡ ସେଣ୍ଟର ଖୋଲାଯାଇଛି । ଏବେକା ସମୟରେ ଯେତେବେଳେ କେହି କେହି ଡାକ୍ତର ଆଉ ଷ୍ଟାଫ କୋଭିଡ ନାଁରେ ପଛଘୁଞ୍ଚା ଦିଅନ୍ତି ସେ ସମୟରେ ସ୍ୱତଃପ୍ରବୃତ୍ତ ହେଇ ସର୍ବପ୍ରଥମ ନାଁ ସେ ଦେଇଥିଲା । ଏବେ କୋଭିଡ ସେଣ୍ଟର ପାଲଟିଛି ତା ପାଇଁ ଚବିଶ ଘଣ୍ଟିଆ ଘର ।

ତୁହାକୁ ତୁହା ଷ୍ଟ୍ରେଚରରେ ଯେତିକି ଆସୁଛନ୍ତି ଭିତରକୁ, ଠିକ ହେଇ ଫେରୁଛନ୍ତି ଭାଗ୍ୟ ଭଲ ଥିଲେ । ତା ନହେଲେ ପ୍ଲାଷ୍ଟିକ ଖୋଳ ଭିତରେ ବନ୍ଦ । ଘର ଲୋକ ଦେଖିବାଟା ଦୂରର କଥା କେହି ବି ଛୁଇଁବାକୁ ଅନୁମତି ନାହିଁ । ଦାହ ସଂସ୍କାର ତ ଦୂରର କଥା ମୁଠାଏ ପାଉଁଶ କି ହାଡ଼ ଖଣ୍ଡେ ବି ମିଳିଲା କଷ୍ଟ । କି ମହାମାରୀ ଆସିଛି ଯେ ହାହାକାର ସାରା ପୃଥିବୀରେ । ଘନ ଘନ ରୂପ ପରିବର୍ତ୍ତନ କରି ସେ ଭାଇରସ ମଣିଷ ସମାଜକୁ ଘାଇଲା କରି ସାରିଲାଣି ।

କିନ୍ତୁ ଏଇମାନଙ୍କ ଭିତରେ ଅର୍ପିତାକୁ ଯେ ଏ ଅବସ୍ଥାରେ ଦେଖିବ ସେ କେବେ ସ୍ୱପ୍ନରେ ବି ଭାବି ନଥିଲା । କେତେ ସ୍ୱପ୍ନ ଦେଖିଥିଲା ଦିନେ ସେ ଅର୍ପିତାକୁ ନେଇ । ବିଏସସି ପ୍ରଥମ ବର୍ଷରେ ନାମ ଲେଖାଇଥିଲା ସିନା କିନ୍ତୁ ପ୍ରାଣପଣେ ମେଡିକାଲ ପାଇଁ ପ୍ରସ୍ତୁତି ହିଁ କରୁଥିଲା ସେ । ପଡ଼ିଶାଘର ସହ ଯାଙ୍କ ଘରର ଘନିଷ୍ଠତା ଥିଲା ବହୁତ ବେଶୀ । ଝିଅ ଅର୍ପିତା ପ୍ଲସ ଟୁ ସାଇନ୍ସରେ ପାଦ ଦେବା ପରେ କେମିଷ୍ଟ୍ରି ଆଉ ଫିଜିକ୍ସ ସରଳୀକୃତଭାବେ ବୁଝିବାପାଇଁ ବହିନେଇ ଆସୁଥିଲା ତା ପାଖକୁ । କିନ୍ତୁ ମେଡିକାଲ କଲେଜରେ ନାମ ଲେଖା ପରେ ଆଉ ବେଶୀ ଦେଖା ହେଇ ପାରୁ ନଥିଲା କେବଳ ଛୁଟିଦିନକୁ ଛାଡିଦେଲେ । ଫୋନରେ କିମ୍ବା ଇମେଲ ମାଧ୍ୟମରେ ଡାଉଟ କ୍ଲିୟର ହୁଏ ।

ମା ଆଉ ମା ମାନଙ୍କ ଭିତରେ ଏମାନେ ଦୁଇ ଜଣଙ୍କୁ ନେଇ ସମୁଦୁଣୀ ହେବା ପାଇଁ ଚର୍ଚ୍ଚାରୁ ହେଉ କି ଆଉ କେଉଁ କାରଣରୁ ହେଉ ଅର୍ପିତା ତାକୁ ଭଲ ଲାଗୁଥିଲା । ଏବେ ମେଡିକାଲ କଲେଜରୁ ଘରକୁ ଆସିବାବେଳକୁ ତା ପାଇଁ ଉପହାରଟିଏ ନେବାକୁ ଭୁଲୁ ନଥିଲା ସେ । ଘରେ ତା ଡାକ ନାଁ ଥିଲା କନୁ, ତେଣୁ ସେ ହେଇଯାଇଥିଲା ଅର୍ପିତାର କନୁ ଭାଇ । ଏବେ କଥା କଥା କେ କନୁ ଭାଇ ଆଉ କନୁ ଭାଇ । ପ୍ରେମ ଥିଲା କି ନାହିଁ ଅର୍ପିତା ପାଇଁ, କେଜାଣି ତା ମନରେ ଥିଲା ଅକୁହା ଆବେଗ ଆଉ ଅହେତୁକ ଆକର୍ଷଣ ।

ମେଡିକାଲ ପାଠ ବହୁତ ଲମ୍ବା । ସେପଟେ ବିଏସସି ଫାଇନାଲ ଇୟରରେ ହିଁ ଅର୍ପିତା ପାଇଁ ବର ଖୋଜା ଆରମ୍ଭ କରିଦେଇଥିଲେ ତାଙ୍କ ଘରେ ବିଶେଷକରି ତା ବାପା । ଦିନେ ଉପହାରଟିଏ ନେଇ ଅର୍ପିତା ଘରକୁ ଗଲାବେଳେ ଦୁଆର ପାଖରେ ପାଦ ଦେଇଛିକି ନାହିଁ ଶୁଣିବାକୁ ପାଇଲା, "ମେଡିକାଲ ପାଠ କେବେ ସରିବ ଠିକ ଠିକଣା ନାହିଁ, ତା ପରେ ସରକାରଙ୍କ ନିୟମ ଅନୁସାରେ ଗାଁ ଗଣ୍ଡାରେ ପ୍ରଥମ ପୋଷ୍ଟିଙ୍ଗ ବାଧ୍ୟତା ମୂଳକ । ଏମିତି ପରିସ୍ଥିତିରେ ଆସିଥିବା ପ୍ରସ୍ତାବଟା କେମିତି ଠୁକୁରେଇବା ?" ତା ବାପା କହୁଥିଲେ ।

ମାଆଙ୍କ ଅନୁରୋଧ ବାପା ଶୁଣୁନଥିଲେ, ନଛୋଡ଼ବନ୍ଧା । ଯେମିତି ହେଲେ ବାହାଘର ହେବ ସେ ପିଲା ସାଙ୍ଗରେ । ଆମେରିକାରେ ଇଂଜିନିୟର; ଗାଡି, ମୋଟର, କୋଠା ବାଡ଼ି, ପଇସା ପତ୍ର କୋଉଥିରେ ଅଭାବ ନାହିଁ । କିଛି ଡିମାଣ୍ଡ ବି ନାହିଁ, କେବଳ ଝିଅକୁ ବେକରେ ଖଣ୍ଡେ ସୂତା ଆଉ ଦେହରେ ଖଣ୍ଡେ ଶାଢ଼ୀ ପିନ୍ଧେଇ ବହୁ କରି ନେଇଯିବେ ସେମାନେ । ପାଦ ତାର ସେ ଦୁଆର ପାଖରୁ ଫେରି ଆସିଥିଲା ସେଦିନ ଯେ ଆଉ କେବେ ଯାଇନି । ବାହାଘରବେଳେ ତ ପରୀକ୍ଷା ବାହାନା କରିଦେଇଥିଲା । ତା ବାପାଙ୍କର ବି ବଦଳି ହେଇଯାଇଥିଲା ଅନ୍ୟ ସହରକୁ ।

ପିପିଇ କିଟ ଭିତରେ, ଡବଲ ମାସ୍କ ଆଉ ହେଡ଼ ଗିୟର ଭିତରୁ ଦେଖୁଥିଲା ସେ । ଏଇ ସେଇ ଅର୍ପିତା ? ଆୟତ ଯୁଗଳ ଚକ୍ଷୁ, ଏବେ ଶୁଷ୍କ ମୁଦ୍ରିତ, ଘନ କୁନ୍ତଳ ଏବେ ଅସଜଡ଼ା ବିକ୍ଷିପ୍ତ, ଓଠର ଲାଲୀମା ଏବେ ପାଣ୍ଡୁର; ପଦ୍ମପାଖୁଡ଼ା ଅଂଗୁଳୀ ଏବେ ଶୀର୍ଣ୍ଣ । ଏବେ ଛାତିର ଧକ ଧକ ବି ଅନ୍ୟ ପ୍ରକାର; ସେତେବେଳେ ମାପିବାପାଇଁ ମନ ହିଁ ଥିଲା ଯଥେଷ୍ଟ ଏବେ ହୃତସ୍ପନ୍ଦନ ମାପୁଛି ଯନ୍ତ୍ର । ସେତେବେଳେ ଗରମ ଗରମ ନିଃଶ୍ୱାସ ଏବେ ଯନ୍ତ୍ର ଆଧାରିତ ଶ୍ୱାସ ପ୍ରଶ୍ୱାସ । ସେତେବେଳେ ଥରେ ଦେଖା ହେଇଗଲେ କେଜାଣି କେତେ ଅମ୍ଳଜାନ ମିଳିଯାଏ ଗୋଟାଏ ଅପରାହତ ଶକ୍ତି ନେଇ । ଆଃ, ଏବେ କାଣିଚାଏ ଅମ୍ଳଜାନ ପାଇଁ ସଂଘର୍ଷ । ପୁଣି ଏଠି ଯନ୍ତ୍ର ମାପୁଛି ଅମ୍ଳଜାନ ।

ସେ ପଠାଉଥିଲା କବିତା ମୋବାଇଲରେ ଅର୍ପିତା ପାଖକୁ । ଜମାରୁ ନିଜ ଲେଖା ନୁହେଁ, କବିତା ଛନ୍ଦମୟ କିମ୍ବା ଛନ୍ଦ ବିହୀନ କିଛି ଯାଏ ଆସେନା । ଯେଉଁ ପଦଗୁଡିକ ତା ପ୍ରିୟାପାଇଁ ପ୍ରଯୁଜ୍ୟ ଉଧାର ନେଇଆସେ ଅନ୍ୟ କବିଙ୍କଠାରୁ, ବିଶେଷକରି ପ୍ରିୟ କବି ଚିତ୍ତ ମିଶ୍ରଙ୍କ ଲେଖାରୁ । ହେଲେ ଏବେ ଏ ସ୍ଥିତିରେ ଚପଳଛନ୍ଦା କରୋନା ପାଶରେ ଛନ୍ଦି ହେଇଥିଲାବେଳେ ଶବ୍ଦମୟ ଶବ୍ଦମାନେ ନିଶବ୍ଦ ହେଇଯାଉଥିଲେ ।

ପାରାସିଟାମଲ - ଆଜିଥ୍ରୋମାଇସିନ - ଫାବିଫ୍ଲୁ - ରେମଡ଼େସିଭିର - ସେଟ୍ରିଜିନ ଏବଂ ଆଉ ଯାହା ଦେବା କଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଆହଉଛି । ସିଟିସ୍କାନ, ଅକ୍ସିଜେନ ମନିଟରିଂ ପରେ ଅକ୍ସିଜେନ ନଳୀ ବି ଲାଗିଛି । କିନ୍ତୁ ଅକ୍ସିଜେନ ସାଚୁରେସନ କମି କମି ଚାଲିଛି । ଗତ ଚାରିଦିନ ହେଲା, କି ଦିନ କି ରାତି ଜଗି ରହିଛି ସେ ଅର୍ପିତା ପାଖରେ । ଡାକ୍ତର ତ ଅବିଚଳିତ, କିନ୍ତୁ ଆଖିରୁ ଲୁହ ଆସୁଛି କାହିଁକି ? ଅର୍ପିତା ଯଦି ତା ଆଖିଆଗରେ ଚାଲିଯାଏ ଏତେ ପାଠପଢ଼ାର ମୂଲ୍ୟ କଣ ?

ୱାର୍ଡ ବୟ ଆସି ଅଚାନକ ଖବର ଦେଲା ଯେ ଅକ୍ସିଜେନ ଷ୍ଟକ ହସପିଟାଲରେ ସାରିଆସିଲାଣି । ଅତି ବେଶୀରେ ସକାଳ ପର୍ଯ୍ୟନ୍ତ ଯିବ । ବୋକାରୋରୁ ଅକ୍ସିଜେନ ନେଇ ଆସୁଥିବା ଟ୍ରେନ କାଲି କେତେବେଳେ ପହଞ୍ଚିବ କହି ହେବନି । ଏସଓଏସ ଜାରି ହେଇ ସାରିଛି । ସେତେବେଳକୁ ରାତି ଗୋଟାଏ । ନା, ଯେମିତି ହେଲେ ଅକ୍ସିଜେନ ସିଲିଣ୍ଡର ଯୋଗାଡ଼ କରିବାକୁ ହେବ । ମୋବାଇଲରୁ ବାହାର କଲା ନମ୍ବର ଯାହାର ମା ଭଲ ହେଇ ଯାଇଥିଲେ ଦୁଇ ଦିନ ତଳେ । ଅକ୍ସିଜେନ ମାତ୍ରା ତାଙ୍କର ନର୍ମାଲ ହେଇଯାଇଥିଲା କିନ୍ତୁ ଘରେ ସିଲିଣ୍ଡର ଥିଲା ବୋଲି ତାଙ୍କ ପୁଅ କହୁଥିଲା । ଯୋଗାଯୋଗ ପରେ ରାତିର ଅନ୍ଧକାର ଚିରି ନିଜ କାରରେ ନିଜେ ବାହାରିଗଲା କନ୍ଦର୍ପ ଆଉ ନେଇଆସିଥିଲା ଅକ୍ସିଜେନ ଭରା ସିଲିଣ୍ଡର ।

ଆସିଲାବେଳକୁ ବାଉଳି ହେବା ଆରମ୍ଭ ହେଇଯାଇଥିଲା ଅର୍ପିତାର । ଆଖି ଏକଦମ ବନ୍ଦ, ଶରୀର ହଲଚଲ ନାହିଁ । ସିଲିଣ୍ଡର ସଂଯୋଗ କଲା ପରେ ମୋବାଇଲ ଖୋଲିଲା କନ୍ଦର୍ପ । ଫୋନ ମେମୋରିରେ ସାଇତି ରଖିଥିବା କବିତା ପଢିବା ଆରମ୍ଭ କଲା । ମାଖିଦେବି ଇନ୍ଦ୍ର ଧନୁର ରଙ୍ଗ .......... ଆଣିଦେବି ନୀଳଜହ୍ନର ରାତି .......... ତୋଳିଦେବି ଚୁନା ଚୁନା ତାରା ଫୁଲ .......... ସାଜି ଦେବି ଗଳାରେ ନରମ ପରଶ ହାର........ଯିବା ଦୁହେଁ ଚନ୍ଦ୍ରଭାନୁର ଦେଶେ ...... ମରୀଚିକାର ଶେଷେ....., ଏମିତି ଗୋଟାଏ ପରେ ଗୋଟାଏ କବିତା । ସକାଳର ବାଳ ସୂର୍ଯ୍ୟ ଉଙ୍କିମାରି ଆସୁଥିଲେ । କଣ ଶୁଣୁଛି ତା କାନ? ଅର୍ପିତାର ପ୍ରଳାପ ଭିତରେ "କନୁ ଭାଇ" ଉଚ୍ଚାରଣ, ଥରେ ନୁହେଁ, ଅନେକ ଥର । ଧୀରେ ଧୀରେ ଆଖି ପତା

ହଲିବାକୁ ଆରମ୍ଭ କଲା । ଅବଶ ହେଇଆସୁଥିବା ଶରୀରରେ କମ୍ପନ ଖେଳିଗଲା । ଅଜାଣତରେ କନୁ ଆଖିରୁ ଖସି ପଡିଲା ଦି ଟୋପା ଲୁହ । ନା ଆଉ ଚିନ୍ତା କରିବାର ନାହିଁ , ଅର୍ପିତା ନିଜ ଘରକୁ ଫେରିବ ନିଶ୍ଚୟ ।

ଅର୍ପିତା ଧୀରେ ଧୀରେ ସୁସ୍ଥ ହେଉଥିଲା । କନ୍ଦର୍ପ ତ କୋଭିଡ ସେଣ୍ଟର ଡାକ୍ତର, ତେଣୁ ଥିଲା ପରସ୍ତ ପରସ୍ତ ଆବରଣ ଭିତରେ । ଆମେରିକାରେ ଥିବା ସ୍ୱାମୀଙ୍କ ସହ ଭିଡ଼ିଓ କଲ କରି କଥା କରେଇ ଦେଇଥିଲା ତା ମୋବାଇଲରେ । ତା କାନରେ କେବଳ ଗୋଟାଏ କଥା ପଡିଥିଲା - ଅର୍ପିତାକୁ ଉପଦେଶ ଦେଉଥିଲେ ଯେ ଡିସଚାର୍ଜ ହେଲାବେଳକୁ କେ.ଡ଼ି. ସାରଙ୍କୁ ଧନ୍ୟବାଦ ଦେଇ ଆସିବା ପାଇଁ ।

ଡିସଚାର୍ଜ ହେଲା ବେଳକୁ କେ.ଡ଼ି. ସାରଙ୍କୁ ଖୋଜୁଥିଲା ଅର୍ପିତା । ସିଷ୍ଟର କହିଥିଲେ ସାର ବିଜି ଅଛନ୍ତି, ଏବେ ଦେଖା ହେଇ ପାରିବନି ।

ଉପର ମହଲା ଝରକା କାଚ ଦେଇ ଦେଖୁଥିଲା କନ୍ଦର୍ପ, ଲାମବର୍ଗିନିରେ ଫେରୁଥିବା ଅର୍ପିତାର ଅଫେରା ପଥକୁ ।



**ଡ଼. ପ୍ରଶାନ୍ତ କୁମାର କର**
Senior Scientist (Retd.), C-204, Gatikrushna Lagoon, Tankapani Road, Bhubaneswar 751018
C-204, ଗତିକୃଷ୍ଣ ଲାଗୁନ, ଟଙ୍କପାଣି ରୋଡ଼, ଭୁବନେଶ୍ୱର





# ବର୍ଣ୍ଣବୋଧ

## ସୌରଭ ରଞ୍ଜନ ମହାପାତ୍ର

ଠିକ୍ ଯେଉଁଦିନ
ବୋର୍ଡିଂ ପାସ୍ ଧରି ମୁ ଉଡ଼ାଜାହାଜରେ ବସେ,
ମୋ ସହିତ ଟେକ୍ ଅଫ୍ କରେ
ମୋ ଓଡ଼ିଆ ପଣ
ପ୍ରିୟ ଛକର ଦହିବରା
କଲେଜ କ୍ୟାଣ୍ଟିନ୍
ସନ୍ଧ୍ୟାବେଳର ଖଟି
ମୋ କ୍ରିକେଟ୍ ବ୍ୟାଟ୍
ଆଉ ମଲାଟ ଚିରିଯାଇଥିବା ବର୍ଣ୍ଣବୋଧ ।

କେଉଁ ଏକ ଅଜଣା ଅକ୍ଷାଂଶ ଓ ଦ୍ରାଘିମା ରେ
ମୁଁ ଖୋଜି ବସେ ମୋ ପଖାଳ କଂସା ।
ଖାଲି ସେତିକି ନୁହେଁ
ପଣା ସଂକ୍ରାନ୍ତି ଦିନ ମୋ ଛାତି ଭିତରେ
ବାଜି ଉଠେ ଢୋଲ ଆଉ ମୃଦଙ୍ଗ ।

ଧୀରେ ଧୀରେ ଜୀବନ ହୁଏ ଡିଜିଟାଲ୍
ମୁଁ ହ୍ୱାଟ୍ସଆପ୍‌ରେ ଖାଏ ରାଜପାନ
ଆଉ ଇନ୍‌ଷ୍ଟାଗ୍ରାମ୍‌ରେ ପୋଡପିଠା ।

ମନେପଡ଼େ
ଦୁର୍ଗାପୂଜା , ନୂଆଖାଇ ଓ ସ୍କୁଲ୍‌ର ବାର୍ଷିକ ଉତ୍ସବ
କେମିତି ଗୋଟେ ହୃଦ୍‌ସ୍ପନ୍ଦନ ବଢିଯାଏ
ଠିକ୍ ଅଗଷ୍ଟ ପନ୍ଦର ଦିନ
ଇଚ୍ଛା ହୁଏ ପିନ୍ଧି ଦିଅନ୍ତିକି ସ୍କୁଲ୍ ଯୋତା ।

ସେପଟେ ବୋଉ ପଚାରେ
ଆରେ ସମୟ କେତେ, ତାପମାତ୍ରା କେତେ ?
ଆମର ପରା ସନ୍ଧ୍ୟା ହେଲାଣି , ତୁ ଖାଇନୁ ଏ ଯାଏଁ ।



**ସୌରଭ ରଞ୍ଜନ ମହାପାତ୍ର**
ଆଖେନ, ଜର୍ମାନୀ

# ଗୃହିଣୀ

**ମଧୁସ୍ମିତା ମହାପାତ୍ର**



ପରିବାରକୁ ବାନ୍ଧି ରଖିବାର କଳା କିଏ ବା ପାରିବ ଗୃହିଣୀ ଭଳି!
ସବୁରି ମନ ର ଭାବନା ଜାଣେ  ସେ ପୂର୍ଣ୍ଣ କରେ ସଭିଙ୍କ ଅଳି ।

ଶ୍ୱଶୁର ଙ୍କ ବୋହୁ ହୁଏ ସାଜେ ପୁଣି ନଣନ୍ଦ ର ନୂଆ ବୋଉ
ପୁଣି କେବେ ନିଏ ମା ର ସ୍ଥାନ ସେ ପୁଣି କେବେ ଭାଇ ବୋହୁ
ମୁହଁ ରେ ଥାଏ ତା ସ୍ମିତ ହସ ଆଉ ହୃଦୟେ ଅକୁହା କୋହ
ଆପଣା ଜନ ଙ୍କୁ ଖୁସି ରଖିବାର ଅଦ୍ଭୁତ ଏକ ମୋହ
ସନ୍ତାନ ଠାରୁ ଆରମ୍ଭ କରି ପ୍ରିୟ ସ୍ୱାମୀ ର ଆଶା
ନିଜକୁ ସେ ଭାବିନିଏ ପରିବାର ର ଏକ ମାତ୍ର ଆଶା
କେହି କେବେ ମନେ ନ ଆଣନ୍ତି ତା ପ୍ରତି ମାୟା
ଗୃହିଣୀ ର କାମ ହିଁ ତା ଦେବା ପରିବାରକୁ ଛାୟା?

ଏହି ଛାୟା ଦେଉ ଦେଉ ସେ ନିଜେ ପଡେ ମଳିନ
ତାର ଛୋଟ ଆଶା , ଛୋଟ ଇଚ୍ଛା ମନେ ହୁଏ ଅତି କଠିନ !

କାହିଁ କେହି ବୁଝନ୍ତିନି ଅଛି ତାର ବି ଇଚ୍ଛା ଓ ସ୍ପୃହା
ସତେ କଣ କେବଳ ଗୃହିଣୀ ହିଁ ପରିବାର ର ମୂଳ ଦୁଆ?

ଆସିଛି ସମୟ ବଦଳିବାର ଏହି ଭାବନା ର ଆବଶ୍ୟକତା
ପରିବାର ର ମୂଳଦୁଆ ପାଇଁ ସଭି ଙ୍କ ସହଯୋଗିତା
ସଭିଏଁ ବୁଝିଲେ ନିଜ ନିଜର ଭୂମିକା
କେବେ ନଲାଗିବ ତାକୁ ସେଇ ଭିତରେ ଏକା ।



**ମଧୁମିତା ମହାପାତ୍ର**
ମଧୁମିତା ମହାପାତ୍ର ଜଣେ ଶିକ୍ଷିକା ଓ ଭାରତ ତଥା ଭାରତ ବାହାରେ ଅନେକ ବିଦ୍ୟାଳୟରେ ସେ ପଢେଇବାର ସୁଯୋଗ ପ୍ରାପ୍ତ କରିଛନ୍ତି । ବର୍ତ୍ତମାନ ସେ  Kualalumpur ରେ ନିଜ ସ୍ୱାମୀ ଙ୍କ ସହ ଅବସ୍ଥାନ କରୁଛନ୍ତି । ସେ ଏବେ ମନୋବିଜ୍ଞାନ ରେ ନିଜେ ଶିକ୍ଷାଲାଭ କରୁଛନ୍ତି ତଥା ବିଭିନ୍ନ  NGO ରେ ପିଲା ଙ୍କୁ online ଗଣିତ ପଢ଼ାଉଛନ୍ତି । ନିଜ ଖାଲି ସମୟ ରେ ତାଙ୍କୁ ଚିତ୍ର ଆଙ୍କିବା ଆଉ ଗୀତ ଗାଇବାକୁ ଖୁବ ଭଲ ଲାଗେ । ଏହି କବିତା ଟିରେ ସେ ଗୃହିଣୀ ଙ୍କ ମନୋଦଶାକୁ ବୁଝେଇବାର ପ୍ରୟାସ କରିଛନ୍ତି ।

# ମନ କଥା ମୋର

**ଶାଶ୍ୱତୀ ତ୍ରିପାଠୀ**



ଭାବିଥିଲି ମନେ ମନେ କାଲିଠାରୁ କହିବିନି କେବେ ମିଛ
ପରଚର୍ଚ୍ଚା ପରନିନ୍ଦା କରିବିନି ଆଉ ମନେ ରଖିବିନି ଇର୍ଷା ଦ୍ୱେଷ ଓ ଖଚ

କାଲି ଠୁ ସକାଳୁ ଉଠି ପ୍ରଭୁ ନାମ ନେବି ମନେ ମନେ
ଅନ୍ୟକୁ ସାହାଯ୍ୟ କରିବି ଶ୍ରମେ ବାକ୍ୟ ଅବା ଧନେ

ଦୁଖୀ ଙ୍କ ଦୁଃଖ ହରିବି ବଳ, ମନ, ଧନ ଦେଇ
ରୋଗୀ ଙ୍କ ସେବା କରିବି ଭୋକେ ଶୋଷେ ପଛେ ରହି

କିନ୍ତୁ ଆସିଲାନି ଏହି କାଲି କେବେ ଜୀବନ ରେ ମୋର
ସବୁଦିନ ମୋର ଆଜୀରେ ବିତିଲା ମନ କଥା ରହିଲା ମନର

ଯଦି ମୁହିଁ କବୀର ଙ୍କ ସେଇ ବାଣୀ ପାରିଥାନ୍ତି ମନେ ରଖି
ଯାହା ଅଛି କାଲି କରିବାର ମୋର, କରିଥାନ୍ତି ଆଜି ସଖି

ଆଜିର ଯେତେ ଭଲ କାମ ସବୁ କରିଥାନ୍ତି ମୁଁ ଏବେ
ଜୀବନରେ କାଲି ର ଅପେକ୍ଷା ରେ ରହି ମୁଁ ନଥାନ୍ତି ତେବେ

ମନେ ମୋର ନଥାନ୍ତା ଏଇ ଅବଶୋଷ ଆଉ କ୍ଷୋଭ
ମନ କଥା ମନେ ମରି ନଥାନ୍ତା ଛାଡ଼ିଥାନ୍ତି ଯେବେ ଲୋଭ



**ଶାଶ୍ୱତୀ ତ୍ରିପାଠୀ**

ଶାଶ୍ୱତୀ ତ୍ରିପାଠୀ ଜଣେ ଉଦୀୟମାନ ଲେଖିକା । ତାଙ୍କ ଲିଖିତ କବିତା ପୂର୍ବରୁ ଅନେକ ଓଡ଼ିଆ magazine ରେ ପ୍ରକାଶ ପାଇଛି । ସେ ଜଣେ ଅବସରପ୍ରାପ୍ତ ବିଚାରପତି ଙ୍କ ଧର୍ମପତ୍ନୀ ତଥା ଓଡ଼ିଶାର ଗୌରବ ଗୋଦାବରୀଶ ମିଶ୍ର ଙ୍କ ପୌତ୍ରୀ । ତାଙ୍କ ରଚିତ କବିତା ମାଧ୍ୟମରେ ସେ ଲୋକଙ୍କ ମାନସିକତାକୁ ଦର୍ଶାଇ ବାକୁ ଚେଷ୍ଟା କରିଛନ୍ତି । ସେ ଏବେ ଭୁବନେଶ୍ୱର ରେ ଅବସ୍ଥାନ କରୁଛନ୍ତି ।

# ଦୁହିତା

**ଶ୍ରୀମତୀ ରଶ୍ମିରେଖା ମିଶ୍ର**



"ଦୁହିତା ଦୁଇ କୂଳକୁ ହିତା
ଅବା ଦୁଇ କୂଳକୁ ପିତା"

ଅର୍ଥାତ୍ ଦୁହିତା (କନ୍ୟା) ଦୁଇ କୁଳର ହିତ ସାଧନକାରୀ କିମ୍ବା ଦୁଇ କୁଳର ଅନିଷ୍ଟକାରୀ । ଯେହେତୁ ଦୁହିତାମାନେ ବାପଘର ଓ ଶାଶୁଘରର ଅଧିକାରିଣୀ । ଦୁହିତାର ଅର୍ଥ ବଡ ବ୍ୟାପକ । ଦୁଇ କୂଳକୁ ଠିକ୍ ଭାବରେ ନିର୍ବାହ କରିବା ଗୋଟିଏ ଝିଅର ମହତପଣିଆ । ଆଗରୁ ଝିଅମାନେ କେତେ ଶୃଙ୍ଖଳିତ ବ୍ୟବହାର, ଶଣ୍ଢଣା ଚାଲିଚଳନ, ବାଣୀରେ ସଂଯମତା ସବୁ ରହିଆସୁଥିଲା । କିନ୍ତୁ ବର୍ତ୍ତମାନ ଝିଅମାନେ ସବୁକ୍ଷେତ୍ରରେ ପୁଅମାନଙ୍କ ସଙ୍ଗେ ସମାନ ହେବାକୁ ଲାଗିଲେଣି । ନିଶ୍ଚିତ ଭାବରେ ଏହା ଉତ୍ତମ କଥା । କିନ୍ତୁ ଧୀରେ ଧୀରେ ଏ ଯୁଗର ଝିଅମାନେ ଔଦ୍ଧତ୍ୟକୁ ଏବଂ ଶିଷ୍ଟାଚାରର ଅଭାବ ପଣିଆକୁ ଆପଣାଇ ସାରିଲେଣି । ଏ ବିଷୟରେ ଆଲୋଚନା କରିବା ସମୟରେ ଆମେ କିଛି ବର୍ଷ ପୂର୍ବକୁ ଫେରିଯିବା, ଯେଉଁ ସମୟରେ ପରିବାର କଣ ଏବଂ ପରିବାରରେ କିପରି ଚଳିବାକୁ ପଡେ,ସେ ବିଷୟରେ ଝିଅମାନେ ବେଶ୍ ଅବଗତ ଥିଲେ ।

ଊନବିଂଶ ଶତାବ୍ଦୀର କିଞ୍ଚିତ୍ ପୂର୍ବବତ୍ କୁ ଉଙ୍କିମାରି ଦେଖିଲେ ବହୁତ ଆତ୍ମତୃପ୍ତି ଲାଗେ । ଝିଅମାନେ ଯଦିଓ ବେଶି ଚାକିରୀ ବାକିରୀ କରିନଥିଲେ, ଉପଯୁକ୍ତ ଶିକ୍ଷା ବି ପାଇ ପାରିନଥିଲେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବେଶ୍ ପରଙ୍ଗମତା ଲାଭ କରିଥିଲେ । ସର୍ବଗୁଣ ସମ୍ପନ୍ନା କହିଲେ ଅତ୍ୟୁକ୍ତି ହେବନାହିଁ । ରୋଷେଇବାସ, ବୁଣାବୁଣି, ଗଛ ଲଗାଇବା ଇତ୍ୟାଦି ସବୁକାମ କରି ପାରୁଥିଲେ । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଯୁଗୋପଯୋଗୀ ହୋଇ ବହୁତ ଆଗକୁ ଗଲେଣି । ପାଠପଢିବା, ଉଡାଜାହାଜ ଚଳାଇବା, ଦେଶ ବିଦେଶରେ ଭଲ ଚାକିରି କରିବା ଭଳି ସବୁ କରି ପାରୁଛନ୍ତି । ହେଲେ ଯେତେବେଳେ ସେମାନଙ୍କର ବିବାହ ହେଉଛି, ତା' ପର ର ଜୀବନ ଶୈଳୀ ସେମାନଙ୍କ ପାଇଁ ବହୁତ ଜଟିଳ ହୋଇ ପଡୁଛି । ଶାଶୁଘରେ ସେମାନଙ୍କର ଚଳଣି ସମ୍ପୂର୍ଣ୍ଣ ଭାବେ ବଦଳିଗଲାଣି । ଆଜିକାଲିର ଶାଶୁମାନେ ବହୁତ ଚତୁରତାର ସହିତ ବୋହୂମାନଙ୍କର ସାଙ୍ଗପରି ଚଳି ଯାଉଛନ୍ତି । ଅଧାରୁ ଅଧିକ ସମସ୍ତ କାମ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି । ସ୍ୱାମୀମାନେ ମଧ ଅଧା କାମ କରି ମଧ କେଉଁଠି କେଉଁ ସ୍ଥାନରୁ ଅଭାବ ରହିଗଲେ ଝିଅମାନେ ତ ଦୂରର କଥା, ସେମାନଙ୍କୁ ଛାଡି ଦେଇ ବାପଘରକୁ ଚାଲି ଆସୁଛନ୍ତି । ଦରକାର ପଡିଲେ ପ୍ରଥମ ସ୍ୱାମୀକୁ ଛାଡି ଦ୍ୱିତୀୟ ବିବାହ କରି ଦେଉଛନ୍ତି ।

ଏ କ୍ଷେତ୍ରରେ ଏତିକି କୁହାଯାଇପାରେ ଯେ, ଆଜିକାଲିର ଝିଅମାନଙ୍କ ପାଖରେ ସହନଶୀଳତାର ଘୋର ଅଭାବ ଦେଖାଦେଉଛି ।

ଗୋଟେ ଝିଅର ଜୀବନରେ ଧୈର୍ଯ୍ୟ ଓ ସହନଶୀଳତାର ଆବଶ୍ୟକତା ବହୁତ ରହିଛି । ଜୀବନର ତରୀକୁ ଚତୁରତାର ସହିତ କେମିତି ଅତିବାହିତ କରିହେବ ସେ କଥା କେବଳ ଜଣେ ଝିଅ ହିଁ ଜାଣେ । ଜୀବନରେ ବାପ ମାଙ୍କ ପ୍ରତି ଯେପରି କର୍ତ୍ତବ୍ୟ ରହିଛି, ସେଭଳି ଶାଶୁ ଶ୍ୱଶୁରଙ୍କ ପ୍ରତି ବି ରହିବା ଉଚିତ୍ । ସେପରି ହେଲେ ଉଭୟ ପକ୍ଷ ପରିବାର ଶାନ୍ତିରେ ଜୀବନ ଅତିବାହିତ କରିପାରିବେ । ବିଶେଷତଃ ଆଜିକାଲିର ମା' ମାନେ ତାଙ୍କ ଝିଅ ମାନଙ୍କୁ ଏହି ଶିକ୍ଷାଦାନ କରି ବଢ଼ାଇଲେ ଭବିଷ୍ୟତରେ ଝିଅଟି ସହ ତା' ବାପଘର ର ବି ମର୍ଯ୍ୟାଦା ରହିବ । ଦୁଇ କୁଳର ହିତ ସାଧନକାରୀ "ଦୁହିତା" ର ଯଶଗାନ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।



**ଶ୍ରୀମତୀ ରଶ୍ମିରେଖା ମିଶ୍ର**
ଓଲ୍ଡ ଟାଉନ, ଭୁବନେଶ୍ୱର
Hobby- Article, Story & Poem writing, Music, Acting, Social Service, etc.

# ବାବୁନିର ଚିଠିଟିଏ ତା ଆଈ ପାଇଁ

## ଖାରବେଳ ମହାନ୍ତି

ଆଈ ତୁମେ ଗତବର୍ଷ ଅଜା ସାଙ୍ଗରେ ବାରିପଦା ଆସିଥିଲ କୌଣସି ଏକ କାମରେ । ତା ପରେ କରୋନାର ପ୍ରକୋପରେ ତୁମେ ଓ ଅଜା ଏଇଠି ରହିଗଲ ଆଉ ଭୁବନେଶ୍ୱର ନ ଯାଇ । ଏଇ ବର୍ଷଟି ଭିତରେ ତୁମେମାନେ ଯେ ମୋର କେତେ ଯେ ପ୍ରିୟ ହୋଇପଡିଲ ତାହା ମୁଁ ଭାଷାରେ ବର୍ଣ୍ଣନା କରିପାରିବି ନାହିଁ । ମନେ ପଡ଼ିଯାଉଛି ମିତ୍ରମାଉସୀର ଶୋଫା କଥା ଏବଂ ତା ଖଟ କଥା, ମନେ ପଡୁଛି ତା ଶୋଫା ରେ ବସିଥିବା ବେଳେ ମୁଁ କେମିତି ଯାଇ ତୁମ କୋଳରେ ତୁମ ପାଖରୁ ଗେଲ ହୁଏ । ସକାଳୁ ସକାଳୁ ନିଦ ଅଳସରେ ଯାଇ ତୁମ କୋଳରେ ଅନେକ ଥର ଯାଇ ସେଇ ଶୋଫା ଉପରେ ବସି ପଡେ ଆଉ ତୁମେ ମୋତେ ତୁମ କୋଳକୁ ଭିଡ଼ିନେଇ ଗେଲ କଲି ଭିତରେ କୁହ ପାନ ଦେ, ଗୁଆ ଦେ, ଚୁନ ଦେ, ଖ ଇର ଦେ, କାଳିଆ ବଳଦ ଗଲାରେ ଗଲାରେ କହି ଖୁଚୁରୁକାଳିଆ କର ଏବଂ ମୁଁ ହସି ହସି ଗଡିଥାଏ ।

ସ୍କୁଲ କରୋନାର ପାଇଁ ବନ୍ଦ ଥିବାରୁ ତଥା ମା ବାପାଙ୍କର ବିଭିନ୍ନ କାର୍ଯ୍ୟବବ୍ୟସ୍ତତା ଭିତରେ ଯେତିକି ଗେଲ ହେବାର କଥା ତାର ଅଭାବଟା ତୁମମାନଙ୍କ ପାଖରୁ ପାଇ ପାରୁଥିଲି । ଦିନଗୁଡିକ ମୋର ଖୁସିରେ କଟି ଯାଉଥିଲା । ଶୁଣୁଛି ତୁମେ ଓ ଅଜା ମୋତେ ଛାଡ଼ି ଭୁବନେଶ୍ୱର ତୁମ ଘରକୁ ପଳାଇବ କରୋନାର ଇଂଯୋକସନ ନେବା ପାଇଁ ।

ତୁମେମାନେ ପଳାଇଗଲେ ମୁଁ ଗେଲ ହେବି କାହା ପାଖରୁ, ମାମା ତ ଚାଲିଯିବ University କୁ ପିଲାମାନଙ୍କୁ ପଢ଼ାଇବାକୁ ଆଉ ବାପା ତ ଚାଲିଯିବେ ତାଙ୍କ କାମରେ । ମୁଁ କଅଣ ପୂର୍ବପରି ଧୀରେନ ଅଙ୍କଲ ପାଖରେ ଏକୁଟିଆ ହୋଇ ଜୀବନ କାଟିବି । ମୋର ତ କେହି ଭାଇ କି ଭଉଣୀ ନାହାନ୍ତି ଯେ ତାଙ୍କ ସାଙ୍ଗରେ ଖେଳିବି । କିଏ ମୋର ଅଳି ଅର୍ଦ୍ଦଳି ସହିବ । ମୋ ମନ ଲାଖି ପାମ୍ପଡ ଭଜା କିମ୍ବା ବଡ଼ିଚୁରା କିଏ ଆଉ କରିଦେବ ।

ଛୋଟ ପିଲାଟିଏ ହୋଇ ଥିବାରୁ ସବୁବେଳେ ପାଠ ପଢ଼ିବାକୁ ଇଛା ହୁଏନାହିଁ । କିନ୍ତୁ ମୋ ଭଲ ପାଇଁ ତୁମେ ମୋତେ ବହୁତ ଆକଟ କର, ମୁଁ ତୁମ ଉପରେ ବହୁତ ରାଗ କରେ, କିନ୍ତୁ ଟିକିଏ ପରେ ତୁମେ ଯେତେବେଳେ ତୁମ କୋଳକୁ ନେଇଯାଅ ସେତେବେଳେ ମୁଁ ସବୁ ଭୁଲିଯାଏ ଏବଂ ତୁମକୁ ପ୍ରତିଶ୍ରୁତି ଦିଏ ଯେ ମୁଁ ଏଥର ତୁମ ପାଖରୁ ଓଡ଼ିଆ ଏବଂ ଅନ୍ୟାନ୍ୟ ବିଷୟ ସବୁ ପଢିଦେବି ।



ତୁମେ ମୋ ପାଇଁ ନୂଆ ନୂଆ କେକ୍ ଏବଂ ଅନ୍ୟାନ୍ୟ ବିଭିନ୍ନ ନୁଆ ଖାଦ୍ୟ ବିଷୟରେ You Tube ରୁ ଦେଖି ଶିଖିଥିବା କେକ୍ ବନାଇ ମୋତେ ଖାଇବାକୁ ଦିଅ ଏବଂ ପଚାର ବାବୁନା କେମିତି ହୋଇଛିରେ କେକ୍, ମୁଁ କହେ ଆଇ ବହୁତ ବଢିଆ ହୋଇଛି ଏବଂ ତୁମକୁ ଫରମାଇସ କରେ ବୋଉମା (ବଡମା) ଘରକୁ କରି ପକାଇବାକୁ ତଥା ତୁମର ତାଙ୍କ ଘରକୁ ପଠାଇବାକୁ (ଆଇର ବାପଘର ମଧ ସେଇ ବାରିପଦା ରେ) । ତୁମେ ମଧ ମୋ କଥାକୁ ଗୁରୁତ୍ୱ ଦେଇ କେତେଥର ବୋଉମା ଘରକୁ ତଥା ତୁମର ମାଙ୍କ ଘରକୁ ପଠାଇଛ ଏବଂ ତା ସହିତ ମୋ ପାଇଁ ମଧ ବନାଇ ଖାଇବାକୁ ଦିଅ । ତୁମେ ଗଲେ ଏ ସବୁ ମୋତେ କିଏ କରିଦେବ । ମାମାର ଯଦିଓ ଇଛା କରି ଦେବାକୁ କିନ୍ତୁ ତାର ସମସ୍ତର ଘୋର ଅଭାବ ହେତୁ ତାର ଇଛା ଥିଲେ ମଧ ଦେଇ ପାରେ ନାହିଁ ।

ପ୍ରାୟ ଅଧିକାଂଶ ଦିନ ପ୍ରାତଃ ଭୋଜନରେ ମୋର ମୁଢ଼ି ଖାଇବା ଦେଖି ତୁମେ ମନେ ମନେ ଭାବ ତୁମେ ନିଜେ ମୋ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ସକାଳର ଜଳଖିଆ ବନାଇଦେବା ପାଇଁ କିନ୍ତୁ ଇଛା ଥିଲେ ବି ତୁମର ଅସୁସ୍ଥତା ପାଇଁ କରି ଦେଇ ପାର ନାହିଁ । ତଥାପି ମଧ ବେଳେ ବେଳେ Bread Butter, Noodles, ଇଟିଲ୍,ଦୋସା,ପିଠା,ଧୋକଲା ମୋ ପାଇଁ ତଥା ଅନ୍ୟମାନଙ୍କ ପାଇଁ ବନେଇ ଦିଅ । ମୋତେ ତୁମେ ବନେଇ ଦେଇଥିବା ଜିନିଷ ଗୁଡିକ ଖୁବ୍ ଭଲ ଲାଗେ ଖାଇବାକୁ ବିଶେଷ କରି ଇଟିଲ୍ ଏବଂ ତା ସାଙ୍ଗେରେ ବନାଇ ଥିବା ଚଟଣୀକୁ ଯାହାକୁକି ମୁଁ ଚାଟି ଚାଟି ଖାଇଦିଏ । ମୋର ଖୁସି ହୋଇ ଖାଇବା ଦେଖି ତୁମେ ଅଜା ମାମା ବାପାଙ୍କୁ କୁହ ମୋର ଇଟିଲ୍ ବନେଇବା ଆଜି ସାର୍ଥକ ହୋଇଗଲା । ଆଜି ମଧ ମୋ

ଅନୁରୋଧରେ ତୁମେ ମୋତେ ପେପର୍ ଦୋସା ଏବଂ ତା ସହିତ ଚଟଣୀ ବନେଇ ଦେବାକୁ ପ୍ରତିଶ୍ରୁତି ଦେଇଛ ଓ ତାର କରିବାର ମଧ ପ୍ରସ୍ତୁତି ମଧ କରି ଦେଇଛ । ମୁଁ ଶୋଇ କରି ଉଠିଲେ ଦେବ ବୋଲି କହିଛ ।

ତା ପରେ , ଗଭୀର ନିଦରେ ଶୋଇପଡିଛି ଖରାବେଳେ ତା ଅଜା ପାଖରେ । ଶୋଇବା ପୂର୍ବରୁ ଅଜାକୁ କହିଥିଲା ଅଜା ମୋତେ ଧୋର ବାଇଆ ଧୋଅ, ଯେଉଁ କିଆରିରେ ଗହଳ ମାଣ୍ଡିଆ ସେଇ କିଆରିରେ ଶୋ ଗୀତଟିକୁ ଗାଇ ଶୁଆଇ ଦିଅ , ଅଜା ତାର ଅଝଟିଆ କଥାର ଗୁରୁତ୍ୱ ଦେଇ ତା ଫରମସିଆ ମୁତାବକ ଧୋର ବାଇଆ ଧୋଅ ଗୀତଟିକୁ ତା ପିଠିରେ ଥାପୁଡେଇ ଦେଇ ତାକୁ ଶୋଇ ପକାଇଲା ଭିତରେ ସେ ମଧ ତା ଦରୋଟି ପାଟିରେ ଧୋର ବାଇଆ ଧୋଅ ଗୀତଟିକୁ ଗାଇ ଗାଇ କେତେବେଳେ ଯେ ଅଜା କୋଳରେ ଶୋଇପଡିଛି ତାହା ସେ ଜାଣିପାରିଲା ନାହିଁ । ଅଜା ଲକ୍ଷ୍ୟ କରୁଥିଲେ ତାର ନିଷ୍କପଟ ସରଳ ହୃଦୟର ଆବେଗତାକୁ

ସତରେ ଭଗବାନଙ୍କ ସୃଷ୍ଟିରେ ଏ ଶିଶୁମାନେ କେତେ ସରଳ,ଛନ୍ଦ କପଟ ବିହୀନ,ନା ଥାଏ ମନରେ ଅହଙ୍କାର ନା ଥାଏ ମନ ଭିତରେ ଅହମଇକଆ । ଏମିତି ପାଇଁ ବୋଧହୁଏ ଆପଣ ପିଲାମାନଙ୍କୁ ଏତେ ଭଲ ପାଆନ୍ତି । ଖରାବେଳ ଗଡ଼ି ଗଲାଣି କେତେବେଳୁ । ବାବୁନିର ଅଜା ଅନେକ ବେଳୁ ବିଛଣାରୁ ଉଠିପଡ଼ିଲେଣି । ସନ୍ଧ୍ୟାର ଆଗମନ ହେବାକୁ ଆରମ୍ଭ କଲାଣି ଦୂର ଦିଗନ୍ତରେ ଲୋହିତ ସୂର୍ଯ୍ୟର ରକ୍ତାକ୍ତ କିରଣ ଚାରିଆଡ଼େ ବିଛାଣି ହୋଇ ପଡ଼ିଗଲାଣି । ବାବୁନି ଏବଂ ତା ବାପା, ମାର ବସା ଘରକୁ ଲାଗି ବୁଢ଼ା ବଳଙ୍ଗ ନଦୀ ତା ଛଡା ଘର ମାଲିକ ଲଗେଇଥିବା ଅନେକ ବିଭିନ ବିଧିବିଭିନ୍ନ ପ୍ରକାରର ଗଛ ଲତା ଏବଂ ଘରର ପରିସରକୁ ଛାଡ଼ି ସେହି ଗଛ ଲତା ଫୁଲ ବଗିଚା ଭିତରେ ସୁନ୍ଦର ଛୋଟ ଗଣେଶ ମନ୍ଦିରଟିଏ । ସକାଳେ ସଂଧାରେ ବାହ୍ମଣ ରୀତିମତ ବିଧି ବିଧାନରେ ପୂଜା କରିଥାଆନ୍ତି । ଏହା ଭିତରେ ବାବୁନିର ଅଜା ବାବୁନିକୁ ଦୁଇ ଥର ଡାକିଲେଣି କିନ୍ତୁ ସେ ବିଛଣାରୁ ଉଠୁନାହିଁ । ଏହାରି ଭିତରେ ପଶ୍ଚିମ ଆକାଶରେ ସୂର୍ଯ୍ୟାସ୍ତ ହେବାକୁ ଲାଗିଲାଣି, ପକ୍ଷୀ ମାନେ ଯେ ଯା ବସାମାନଙ୍କୁ ଯିବା ଆରମ୍ଭ କରି ଦେଲେଣି । ଆଉ ଅଳ୍ପ ସମୟର ଅପେକ୍ଷା ।

ଅସ୍ତଗାମୀ ସୂର୍ଯ୍ୟଙ୍କର ଲୋହିତ କିରଣ ଚାରିଆଡ଼େ ବିଛାଡି ହୋଇ ପଡ଼ି ଏକ ଅପୂର୍ବ ସୌନ୍ଦର୍ଯ୍ୟ ସୃଷ୍ଟି କରୁଛି । ଏହାକୁ ସବୁ ଉପଲବ୍ଧି କରୁଥିଲେ ବାବୁନିର ଅଜା ମହେଶ ବାବୁ ଘର ମାଲିକଙ୍କର ଘରର ଛାତ ଉପରେ । କିଛି ସମୟ ବିତାଉବାପରେ ଘର ଭିତରକୁ ଆସି ବାବୁନିକୁ ନିଦରୁ ଉଠାଇନେଇ ନିଜ କାନ୍ଧ ଉପରେ ପକାଇ ନାନା ପ୍ରକାରର କଥା କହି ବାବୁନିର ନିଦକୁ ଭାଙ୍ଗି ଦେଲେ । ବାବୁନି ହଠାତ୍ ନିଦରୁ ଉଠି କହିଲା ମୋତେ ଜଲଦି ଦାନ୍ତଘଷା ବ୍ରସ ଏବଂ ପେଷ୍ଟ ଦିଅ, ମୁଁ ଦାନ୍ତ ଘଷିବି, ସକାଳ ହୋଇ ଗଲାଣି, ମୋତେ ଉଠାଇ ଦେଇନ, କିଛି ସମୟ ପରେ ବାସ୍ତବତାଟାକୁ ଉପଲଧ୍ୟ କରି କହିଲା ନା ନା ଏବେ ସନ୍ଧ୍ୟା ହୋଇଗଲାଣି ।

ଜଲଦି ଜଲଦି ଶୋଇଲା ମୁଁହଟାକୁ ଧୋଇ ଆଇକି ତାଗିଦ୍ କରି କହିଲା ଆଇ ପେପର୍ ଦୋସା କରି ସାରିଛ ନା କରିବ, ଯଦି ତୁମର କରିବା ଡେରି ହୁଏ ତେବେ ମୁଁ ମୋର ସାଇକେଲ ଟା ନେଇ ମୋ ସାଙ୍ଗମାନଙ୍ଗ ସହିତ ଘେରାଏ ଚଲାଇ ଆସେ, ତା ପରେ ଆସି ଖାଇବି । ମୁହଁଟା ଧୋଇ ତା ଅଜାକୁ ଡାକିଲା ତାକୁ ଜଗିବା ପାଇଁ । ସାଙ୍ଗେ ସାଙ୍ଗେ ଘର ପାଖରେ ଥିବା ବଡ଼ ତଉଡା ରାସ୍ତା ଉପରେ ସିଏ ଏବଂ ତାର ଆଉ ଦୁଇ, ତିନୋଟି ସାଙ୍ଗ ସାଇକେଲ ଚଲାଇବା ରେ ଲାଗି ପଡିଲେ । ଅଜା ରାସ୍ତାର ଗୋଟିଏ ପାଖରେ ବସି ସେମାନଙ୍କର ସାଇକେଲ ଚଲାଇବା ଦୃଶ୍ୟକୁ ବେଶ ଉପଭୋଗ କରୁଥାଆନ୍ତି ଏବଂ ମଝିରେ ମଝିରେ ସେମାନଙ୍କୁ ତାଗିଦ୍ କରୁଥାଆନ୍ତି ସାଇକେଲ ସବୁ ଧୀରେ ଚଲାଇବାକୁ, କିନ୍ତୁ ବାଲ୍ୟ ଚପଳତା ସ୍ୱଭାବ ଯୋଗୁଁ ସେମାନେ କ ଅ ଣ ମାନିବା ଲୋକ ଓଲଟି ଅଜାକୁ ବାବୁନି କହେ, ଅଜା ତୁମେ ଚିନ୍ତା କରନା, ସାଇକେଲରେ ଭଲ ବ୍ରେକ୍ ଅଛି । ଅଜା ତା କଥା ଶୁଣି ନୀରବ ହୋଇ ତା ସାଇକେଲ ଚଲାଇବାର ଆନନ୍ଦ ନେଉଥାଆନ୍ତି । ସଂଧ୍ୟା ଆଗତ ପ୍ରାୟ, ସବୁ ପିଲାମାନେ ସାଇକେଲ ଚଲାଇ ଯେ ଯା ଘରକୁ ବାହୁଡ଼ି ଗଲେ । ବାବୁନି ବାହାରି ଆସିଲା ଅଜା ସାଙ୍ଗରେ ତାଙ୍କ ବାସ ଭବନକୁ । ଆସିବା ସାଙ୍ଗେ ସାଙ୍ଗେ ହୁରି ପକାଇଲା ଆଇ ପେପର୍ ଦୋସା ଦିଅ ଦିଅ ଦିଅ ଜଲଦି ଦିଅ ,ଭୋକ ହେଲାଣି, ଆଇ ତା ଡ଼ାକ ଶୁଣି ତାକୁ ଉତ୍ତର ଦେଇ କହିଲେ ଶ୍ରୀଘ ହାତ ଗୋଡ ଧୋଇ ଆ, ମୁଁ ତୋତେ ପେପର୍ ଦୋସା ଚଟଣୀ ସହିତ ବାଢ଼ି ଦେଉଛି ।

ବାବୁନି ତର ତର ହୋଇ ହାତ ଗୋଡ ଧୋଇ ଆଇର ପଣତ କାନିରେ ମୁଁହଟା ପୋଛି ଦେଇ ବସି ପଡିଲା ଡାଇନିଂ ଟେବୁଲ୍ ଉପରେ ଦୋସା ଖାଇବାକୁ । ବାବୁନିର ଆଇ ଗୋଟିଏ ଟ୍ରେରେ ପେପର୍ ଦୋସା ଚଟଣୀ,ସମ୍ବର ସବୁ ସଜାଇ ତା ପାଖରେ ରଖିଦେଲେ ଖାଇବାକୁ । ବାବୁନି ଯେଉଁ ଆନନ୍ଦରେ ପେପର୍ ଦୋସାକୁ ଖାଇବାକୁ ଲାଗିଲା ତାହା ଦେଖି ଆଇଙ୍କର ଆନନ୍ଦର ସୀମା ରହିଲା ନାହିଁ । ଆଇ ପଚାରିଲେ ବାବୁରେ ଦୋସା କିପରି ହୋଇଛି ଖାଇବା ପାଖରୁ ମୁଁହଟା ବୁଲାଇ ପାଟିରେ ପଶିଥିବା ଦୋସା ଟୁକୁଡା ଭିତରେ ତାର ବାଆଁ ହାତର ବୁଢା ଆଙ୍ଗୁଠିକୁ ସିଧା ଟେକି କହିଲା ଆଇ ତୁମେ ତିଆରି କରିଥିବା ପେପର୍ ଦୋସା ମସ୍ତ ମସ୍ତ ହୋଇଛି, କି ଆନନ୍ଦ ତାର, ତାହାରି ଭିତରେ ଆଇକୁ ପଚାରିଲା,ଆଇ ଆଉ ଟିକେ ଚଟଣୀ ଦେବ, ଆଇ ଆନନ୍ଦରେ ଗୋଟିଏ ଡାଟିଆରେ କିଛି ଚଟଣୀ ଆଣି ଦେଲେ ଯଦିଓ ଚଟଣୀ ଟିକେ ରାଗି ହୋଇଥିଲା ତଥାପି ଆଖିରୁ ଲୁହ ଓ ପାଟିରୁ ନାଳ ଗଡୁଥିଲା ଭିତରେ ଦୋସାକୁ ଯେପରି ଭାବେ ଖାଉଥାଏ ସେ ଦୃଶ୍ୟକୁ ଯେ କୌଣସି ଲୋକ ଦେଖିବ ତାର ଆନନ୍ଦର ସୀମା ରହିବ ନାହିଁ । ଦୋସା ଖାଇସାରି ଆଇକୁ ଯେ କେତେ ପ୍ରଶଂସାରେ

ପୋତି ପୋକାଇଲା ତାହା ଦେଖିବାର କଥା, ଆଇ ତୁମେ ମୋର ସୁନା ଆଇ, କେତେ ଭଲ ତୁମେ, ତୁମେ ମୋତେ ମଝିରେ ମଝିରେ ଦୋସା କରି ଦେଉଥିବ । ହଁ ତୁମେ ତ ଜାଣ ମୁଁ ଇଟିଲି,ଦୋସା ଖାସ୍ କରି ତୁମର ବନେଇଥିବା ଚଟଣୀ ଯେ କେତେ ସୁସ୍ୱାଦୁ ତାହା ମୁଁ ଜାଣେ । ସତରେ ତୁମେ କେତେ ଭଲ ଏବଂ ମୋତେ କେତେ ଭଲ ପାଅ ଇତ୍ୟାଦି ଇତ୍ୟାଦି । ତୁମେ ସତରେ ଯଦି ମୋତେ ଛାଡ଼ି ଭୁବନେଶ୍ୱର ଚାଲିଯିବ ତା ହେଲେ ଏ ସବୁ ମୋତେ ତିଆରି କରି କିଏ ଦେବ,ମାମା ଯଦିଓ ବନାଇ ଦେବ କିନ୍ତୁ ତୁମ ଭଳିଆ ହେବ ନାହିଁ । ସୁତରାଂ ତୁମେ ମୋତେ ଛାଡ଼ି ଯାଅ ନାହିଁ । କେତେ ଅଳି ତା ଆଇ ପାଖରେ ସକାଳୁ ଉଠିଲେ ଆଉ କିଏ ମୋତେ କୋଳରେ ଧରି ପଚାରିବ, ବାବୁନି ତୁ ମୋର କଣ, ମୁଁ ସାଙ୍ଗେ ସାଙ୍ଗେ ଉତ୍ତର ଦିଏ , ମୁଁ ତୁମର ଧନ, ରଙ୍କ,ନିଧି, ମାଣିକ, ଗୁଲୁରୁ,ସୁଲରୁ,ଚୁଟି(ଏଠାରେ ଚୁଟିର ଅର୍ଥ ହେଲା ବାବୁନି ତାର ବାଳକୁ ଥରେ ତା ବାପା ସାଙ୍ଗରେ ଯାଇ ନଣ୍ଡା ହୋଇଥିଲା ତା ବାଳ ବଢିବ ବୋଲି, କିନ୍ତୁ ଚୁଟି ଟିଏ ରଖିଥିଲା) ସୁତରାଂ ତା ଆଇ ସବୁ ତା ଠାରୁ ଶୁଣିଲା ପରେ ଏ ଚୁଟି ଶବ୍ଦଟା ଯୋଡ଼ି ଦେଇଥିଲା ଏବଂ ସେହି ଦିନଠାରୁ ଗୁଲୁରୁ ସୁଲୁରୁ ପରେ ଚୁଟି କହିବାକୁ ଭୁଲେ ନାହିଁ ।

ଏହା ଭିତରେ ଠାକୁର ଘରେ ଅଜା ସଂଧ୍ୟା ଦେଇ ବାବୁନିକୁ ଡାକ ପକାଇଲେ ବାବୁନିରେ ,ଆ ବାପା ଠାକୁରଙ୍କ ପାଖରେ ପ୍ରାର୍ଥନା କରିବୁ । ତର ତର ହୋଇ ଠାକୁର ଘରକୁ ଯାଇ ଅଜା ସାଙ୍ଗରେ ତା'ର ଦେଇ ଗାଇବାକୁ ଲାଗିଲା ତାର ଥଙ୍କ ଥଙ୍କ କଅଁଳଆ ପାଟିରେ "ଆହେ ଦୟାମୟ ବିଶ୍ୱ ବିଶ୍ୱବିହାରୀ,ଘେନ ଦୟା ବହି ମୋର ଗୁହାରି ଇତ୍ୟାଦି ଇତ୍ୟାଦି । । । ତା ସହିତ ଆଇ ଶିଖାଇଥିବା ଶ୍ଳୋକ ଯଥା ଦୀପ ର୍ଯ୍ୟୋତି ପରମବ୍ରହ୍ମ, ଦୀପ ର୍ଯ୍ୟୋତି ଯନାର୍ଦ୍ଦନ, ଦୀପ ଯ୍ୟୋତି ହରଏତ ପାପ, ସଂଧ୍ୟା ଦୀପ ନମଃ ନମଃ ଏବଂ ତା ସହିତ ସରସ୍ୱତୀଙ୍କ ବନ୍ଦନା, ଜଗନ୍ନାଥଙ୍କ ବନ୍ଦନା,ମା ଲକ୍ଷ୍ମୀ ଙ୍କର ବନ୍ଦନା ସହିତ ଅନ୍ୟ ଦେବଦେବୀଙ୍କ ବନ୍ଦନା ସବୁ ଗାଏ । ଆଚାର୍ଯ୍ୟ ଲାଗେ ଏତେ ଛୋଟ ବୟସରୁ ଏତେ ସବୁ କିପରି ମନେ ରଖି ପାରିଛି । ଠାକୁରଙ୍କ ପାଖେ ପ୍ରାର୍ଥନା କରିସାରି ସମସ୍ତଙ୍କୁ (ବାପା,ମା, ଅଜା,ଆଇ ଏବଂ ଅନ୍ୟାନ୍ୟ ଗୁରୁଜନ ମାନଙ୍କୁ ପ୍ରଣାମ କରେ ଏବଂ ସେମାନଙ୍କର ଆର୍ଶୀବାଦ ନିଏ) ।

ଛୋଟ ପିଲାମାନେ T । V ରେ କାର୍ଟୁନ୍ ଦେଖିବାପାଇଁ ଖୁବ୍ ଆଗ୍ରହୀ ଥାଆନ୍ତି । ବାବୁନି କିନ୍ତୁ ଟି । ଭି ରେ କାର୍ଟୁନ୍ ଦେଖିବା ସାଙ୍ଗେ ସାଙ୍ଗେ ଟି । ଭି ରେ ଚାଲୁଥିବା ୨ ଟି Serial ସେ ଦେଖିବା ସଙ୍ଗେ ସଙ୍ଗେ ତା ଆଇକୁ ମଧ୍ୟ ବାଧ୍ୟ କରୁଥିଲା ଦେଖିବାକୁ । ଶେଷରେ ପରିଣତି ଏପରି ହେଲା ଯେ ଅଜା,ଆଇ ସେ ଦୁଇଟି ସିରିୟାଲଦେଖି ବାକୁ ବ୍ୟାକୁଳ ହୋଇ ଉଠୁଥିଲେ ତା ବାପା ମା ମଧ୍ୟ ( ଏ ୨ ଟି ସିରିୟାଲ ନାମ ହେଲା ଶ୍ରୀ ଗଣେଷ ଓ ସାଇବାବା) ।

ଶୁକ୍ଳ ପକ୍ଷ ଥିବାରୁ ସଂଧ୍ୟା ପରେ ପରେ ଚନ୍ଦ୍ରମା ଆକାଶରେ ତାଙ୍କର ଶୀତଳ କିରଣରେ ପୃଥିବୀକୁ ଆଚ୍ଛାଦିତ କରିସାରିଲେଣି, ଅଗଣିତ ତାରା ଭିତରେ ଚନ୍ଦ୍ରର କିରଣରେ ସାରା ସଂସାରଟା ଉଦଭାସିତ ହୋଇ ଯାଇଥାଏ । ଖରା ଦିନର ଗରମରୁ ଟିକେ ଶୀତଳ ପବନ ପାଇବା ପାଇଁ ବାବୁନିର ଅଜା ଘରର ଛାତ ଉପରକୁ ଯିବାର ଦେଖି ବାବୁନି ମଧ୍ୟ ତାଙ୍କ ସାଙ୍ଗରେ ଗଲା ଛାତ ଉପରକୁ । କିଛି ସମୟ ପରେ ବାବୁନି ତା ଅଜାକୁ କହିଲା ଅଜା ମୋତେ କାଖ କର, ଅଜା ତାର ଅଝଟକଉ ବୁଝି କାଖ କରିଲେ । କାଖରେ ଥାଇ ବାବୁନି ଅଜାକୁ ପଚାରିଲା ଅଜା ଧ୍ରୁବ ତାରା କେଉଁଠି ଥାଏ ମୋତେ ଦେଖାଅ । ଅଜା ଉତ୍ତର ଦିଗକୁ ଆଙ୍ଗୁଳିରେ ଦେଖାଇ କହିଲେ ଯେଉଁ ତାରାଟା ବଡ଼ ଦେଖା ଯାଉଛି ସେଇ ତାରାଟା ହେଲା ଧ୍ରୁବ ତାରା ଏବଂ ତାକୁ କହିଲେ ବାବୁ ସେହି ତାରାର ନାମଟି କାହିଁକି ଧ୍ରୁବ ତାରା ବୋଲି ଦିଆ ଯାଇଛି ତାକୁ ତୋତେ ପରେ ବୁଝାଇ ଦେବି । ବର୍ତ୍ତମାନ ପଢା ବେଳ ହେଲାଣି,ଚାଲ ପଢ଼ିବାକୁ ଯିବା ।

ଦିନ ଗଡି ଯାଉଥିଲା ନଦୀ ସୁଅ ପରି, ବାବୁନିର ସାଙ୍ଗରେ ରହି ଯାଇଥିଲେ ଅଜା ଆଇ ନିଜ ଘରକୁ ଭୁଲି । ତାରି ସେହ୍ନରେ ମାୟାରେ ବାନ୍ଧି ହୋଇ, କିନ୍ତୁ ଶେଷରେ ସେଇ ବିଦାୟ ବେଳ ଆସିଲା । ବାବୁନିର ସବୁ ସେହ୍ନ,ଆଦର,ଅଝଟ,ହସ,କାନ୍ଦ ଓ ତା'ର ସବୁ ମାୟାକୁ କଟାଇ ଦେଇ ଆସିବାକୁ ପଡ଼ିଲା ଭୁବନେଶ୍ୱରକୁ । ଆସିଲାବେଳେ ତାର ବୁକୁପଠା କ୍ରନ୍ଦନ ତଥା ହାତ ହଲାଇ ଆଖିରେ ଗଡି ପଡୁଥିବା ଲୁହ ଭିତରେ ରାସ୍ତା ଆଗକୁ ଗଡ଼ି ଯାଉଥିବା କାର ର ଝରକା ପାଖକୁ ବାଏ ବାଏ କରୁଥିଲା । ଆସିଲା ବେଳେ ବାବୁନିକି ପ୍ରତିଶ୍ରୁତି ଦେଇଛି ତା ଆଇ ଜଲଦି ତା ପାଖକୁ ପଳାଇ ଆସିବାକୁ । ସରଳ ହୃଦୟର ପିଲାଟି ଭାବିନେଲା ସିନା କିନ୍ତୁ ବିଶ୍ୱାସ କରି ପାରି ନ ଥାଏ । ଭୁବନେଶ୍ୱରରେ ଶୂନ୍ୟ ଘରଟାରେ କେତେ ଦିନ ବି ବିତାଇବେ ଛୋଟ ପିଲାମାନଙ୍କର ଅଳି,ଅଝଟ,ସେହ୍ନ ଆଦର ବିନା ଅଜା ଆଇ



**ଖାରବେଳ ମହାନ୍ତି**
Bhubaneswar.

# ମନେ ପଡ଼େ ଆଜି

ସୀମନ୍ତିନୀ ନନ୍ଦ

ଗାଁ ତୋଟା ମାଳ     ରଜର ଗହଳ
ମନେ ପଡ଼େ ଆଜି ଭାରି
ଛାଆଁ ଛାଆଁ ମନ     ଖୋଜେ ପିଲାଦିନ
ପୁଞ୍ଚି, ରଜ ଦୋଳି, ଝୁରି

ଟାଣ ଖରା ଯେବେ     ଆକାଶରୁ ଛିଡ଼େ
ମେଘ ଛକେ ଡାକେ ବାଟେ
ପଣ ପଣ ଗପ     ରଜର ବେଭାର
ଜେଜିମା ପାଟିରୁ ଛୁଟେ

ମାଆ ବସୁମତୀ     ସହିଲା ଲୋ ତାତି
କହେ ସେ ବୋଉକୁ ଥିରି
ଗାଁ ରୀତିନୀତି ପିଠା ଜାତି ଜାତି
ମନେପଡ଼େ ଆଜି ଭାରି

ପ୍ରଭାତୀ ସ୍ନାନ     ସାରି ବୋଉ ମନ
ଦୁଆରେ ଦିଏ ମୁରୁଜ
ଝିଅଟି ସଜାଏ ମୋର ବେଶଭୂଷା
ଆକାଶେ ହସେ ସୁରୁଜ

ମାଆର ଅଳତା     ପାଉଁଜିର ଚିତା
ମୋର ପାଦେ ଦିଏ ଶିରୀ
ଗାଆଁର କବିତା     ଡାକେ ମତେ ଅପା
ମନେପଡ଼େ ଆଜି ଭାରି

ବନସ୍ତରେ ଗଜ     ହେଲା ସଜବାଜ
ଗାଇବାକୁ ଟେକି ମଥା
ସମସ୍ତ ଆଖିରେ     ଭାଉଜ ମୋହର
ରୂପର ଲବଙ୍ଗଲତା

ଟୁଆଁ ସାଥେ ଟୁଇଁ     କହେ ଗେହ୍ଲି ଆଈ
ଭାଇ ଭାଉଜକୁ ଠାରି
ଗାଆଁ ପରିହାସ     ଗୀତ ନବରସ
ମନେପଡ଼େ ଆଜି ଭାରି

ଘରବାରି ପାଶେ     ସରୁ ଚୂଆ ହସେ
କିଆ ର ଓଢଣି ଟାଣି
ଆରପଟ ତୋଟା     ଗଛ ମୋଟା ମୋଟା
ଛାଇ ଖରା ଯାଏ ବୁଣି

ନୂଆ କରି ଦୋଳି     ପଡିଥିଲା ଝୁଲି
ଆମ୍ବଗଛ ଡାହି ଧରି
ଗାଁ ସହି ସାଥେ     ବସିଲି ଦୋଳିରେ
ମନେପଡ଼େ ଆଜି ଭାରି

ଦୋଳି ଛୁଟିଗଲା     ଦେହ ମୋ ଥରିଲା
ଠୋ ଠୋ ହସେ ସହି
ତାଳି ମାରୁଥିଲେ     ମକର ବଉଳେ
ଛାଣିଆଁ କୁ ମୋର ଚାହିଁ

ନାଆଁ ନାଆଁ କହି     ଦୋଳିରୁ ପଡ଼ିଲି
ପାଦ ହୋଇଗଲା ଘୋରି
ମାଆ ଅଳତାରେ     ରକତ ମିଶିଲା
ମନେପଡ଼େ ଆଜି ଭାରି



**ସୀମନ୍ତିନୀ ନନ୍ଦ**

Residing in Kuala Lumpur with her husband Ekamra Mahapatra, Simantini Nanda is a homemaker and an avid reader with a passion for writing Odia poems and stories. Notably, she serves as the Editor (Odia) for Abhipsa, the annual souvenir of MOA.

# ବାପା ଭଲ ଅଛି ! ତୋ ଦେହ ଜଗିବୁ

**ତପନ ମହାପାତ୍ର**

ଗାଆଁ ଠାରୁ ଦୂର ହେଲି ଦେଶାନ୍ତର
ଚାକିରୀ କରିବା ପାଇଁ
ପଇସା ବହୁତ ଜୀବନରେ ଲୋଡା
ସେ ସତ୍ୟ ବୁଝିଛି ମୁହିଁ ।।

ବାପା ଚାଲିଗଲେ ଅଫେରା ରାଇଜେ
ମାଆକୁ ଛାଡି ସଂସାରେ
ଛାଡ଼ି ନାହିଁ ମୁହିଁ ମୋର ପତ୍ନୀ ହାତ
ବିଦେଶ ନେଲି ସାଥିରେ ।।

କହିଲି ପତ୍ନୀଙ୍କୁ ମାଆକୁ ନେବାକୁ
ରୋକ୍ ଠୋକ୍ ମନା କଲା
ଜମି, ଜମା ଘର ଭୂତ ଖାଇଯିବେ
ମଗଜେ ପୁରାଅ ଭଲ ।।

ପ୍ରତିମାସ ଆମେ ପଇସା ପଠେଇ
କର୍ତ୍ତବ୍ୟଟା ସାରିଦେବା
କଥା ହେବା ପାଇଁ ଦୂରଭାଷଟିଏ
ଗାଆଁ ଘରେ ଲଗେଇବା ।।

ଟଙ୍କା ପଠେଇଲି, ଫୋନ୍ ଲଗେଇଲି
କର୍ତ୍ତବ୍ୟ କରୁଛି ବସି
କର୍ତ୍ତବ୍ୟ କି ଏହା ଅକର୍ତ୍ତବ୍ୟ ଅଟେ
ନିଇତି ଭାବି ହେଉଛି ।।

ଯେତେବେଳେ ମୁହିଁ ଫୋନ୍ ଲଗାଉଛି
ମାଆର ଗୋଟିଏ କଥା
ବାପା ! ଭଲ ଅଛି ତୋ ଦେହ ଜଗିବୁ
ଦୀର୍ଘଶ୍ୱାସ କହେ ବ୍ୟଥା ।।

ଦୀର୍ଘଶ୍ୱାସ ଆଉ ଶୁଣାଯାଉ ନାହିଁ
ସେଥିପାଇଁ ମାନେ ଚିନ୍ତା
ପତ୍ନୀ ବୁଝାଇଲେ, ବିଲ୍ ବଢ଼ିଯିବ
ମାଆ ବୁଝିଛନ୍ତି ଏକା ।।

ମାଆ ବି ବୁଝିଛି , ମୁଁ ବି ବୁଝିଛି
ପତ୍ନୀ ବୁଝିଛନ୍ତି ସବୁ
ସବୁ ବୁଝି ଆମେ ନିହାତି ଅବୁଝା
ଏହି ଅଭିନୟେ ଥିବୁ ।।

'ମଦର ଡ଼େ' ରେ ପୁଅ ମୋର ଆସି
ମାଆକୁ କଲା ନମନ
'ମଦର' କହିଲେ ଆଜ ମୋ ଦିବସ
ହୋଟେଲେ ହେବ ପାଳନ ।।

ମୋ ମାଆକୁ ଫୋନ୍ କଲି ମୁଁ ସେ ବେଳେ
ଶୁଭେ ସେହି ସ୍ନେହବାଣୀ
ବାପା ! ଭଲ ଅଛି ତୋ ଦେହ ଜଗିବୁ
ସତେ କି ଆକାଶବାଣୀ ।।

ବିଚଳିତ ମନ ବିଗଳିତ ପ୍ରାଣ
ଆଉ ସହି ପାରୁନାହିଁ
କକେଇଙ୍କୁ ଫୋନ୍ ଲଗେଇଲି ଯାଇ
ମାଆର ଖବର ପାଇଁ ।।

ଦୀର୍ଘଶ୍ୱାସ ଛାଡ଼ି କହିଲେ କକେଇ
ଡେରି ବହୁତ ତୁ କଲୁ
ମାଆ ମରିବାର ଏକବର୍ଷ ହେଲା
ଏ ଯାଏ କୁଆଡେ ଥିଲୁ ।।

ଝୁରି ଝୁରି ତୋ'ର ମାଆ ଚାଲିଗଲା
ଗଲୁ ତାକୁ ତୁହି ଭୁଲି
ପ୍ରି ରେକର୍ଡେଡ୍ ମ୍ୟାସେଜ୍ ଛାଡ଼ିଲା
ଫୋନ୍ କରିବୁ ବୋଲି ।।

ବିଦେଶୁ ଆସିବୁ ପଇସା ସାରିବୁ
ମାତୃଶୁଦ୍ଧି ହେବା ପାଇଁ
ରାଣ ନୀୟମରେ ବାନ୍ଧିଲା ତୋ ମାଆ
ଜଣାଇଲୁ ନାହିଁ କେହି ।।

ଫୋନ୍ ଖସିଗଲା ହାତରୁ ମୋହର
କାନ୍ଦି ଯମା ପାରୁନାହିଁ
ମାତୃ ଦିବସରେ , ମାଆ ବର୍ଷିକିଆ
ହୋଟେଲ ପାଳିବି ଯାଇଁ ।।

ମାଆ ଶେଷ ପାଦ କଥାଟି କାନରେ
ବାଜୁଅଛି ବାରମ୍ବାର
ବାପା ! ଭଲ ଅଛି ତୋ ଦେହ ଜଗିବୁ
ଧିକ୍ ପୁତ୍ର ଜନ୍ମ ମୋର ।।



**ତପନ ମହାପାତ୍ର**
Tapan Mahapatra a passionate reader ,likes to put his feelings through odia poems

# ମୁଁ ଆଉ କାଲି ପରି ଲେଖେ ନାହିଁ

**ବୀଣାପାଣି ପ୍ରଧାନ**

ମୁଁ ଆଉ କାଲି ପରି ଲେଖେ ନାହିଁ
ନୀଳ ରଙ୍ଗର କାନଭାସରେ
କାଣିଚାଏ ଆକାଶର ମୋହରେ
ମୋ ଶବ୍ଦସବୁ ମେଘ ଖଣ୍ଡେ ପରି ଜମେ ନାହିଁ ।
ଋତୁ ସବୁ ଧାଡିବାନ୍ଧି,
ବିଦାଇ  ଗୀତ
ଗାଇଗଲା ପରେ,
ଆଉ କଣ ଥାଏ ଯେ
ଆକାଶ ଛାତିରେ,
ବାଦଲର ସ୍ମୃତିସବୁ ଆଜିକାଲି,
କେବେଯେ  ଦିନେ ବର୍ଷିଥିଲା,
ହାଏ ଏକଥା
ଆଜି ମନଟା ବି ବୁଝେ ନାହିଁ ।

# କାଚକାନ୍ଥ

କେବେ ସାହାସ କରିନି ସେ
କାଚ କାନ୍ଥ ର ଲକ୍ଷ୍ମଣ ରେଖାକୁ ଡେଇଁ ଯିବା ପାଇଁ,
ତା ବାହାରେ ଛକିବସିଥିବା ଜୀବନ କୁ
ଗୋଡାଇବା ପାଇଁ,

ପରିଚୟ ଯାହାର ଥରେ ହଜେ,
ସେ କେବେ ପାଏ କି କୁହତ?
ହଜିଥିବା ସ୍ୱପ୍ନ କେବେ
ସମାଧି ରୁ ଖସିଆସେ କହତ?
ଯଦି ବି ଆସେ କେବେ
ତା ଛିଣ୍ଡା ପୋଷାକ ରେ,
 ଶିଉଳିଆ କାନ୍ଥ ରେ,
ତୁ କହ ମୋତେ
ସେ କି କାଚକାନ୍ଥ ର ସରହଦ, ଡେଇଁ ପାରେ କହତ?




**ବୀଣାପାଣି ପ୍ରଧାନ**

Residing in Kuala Lumpur with her family, Dr. Binapani Pradhan, an educator, is deeply passionate about Odia literature. This year, she achieved a milestone by publishing her first Odia short story book titled "Baya Chadhei Ra Basa O Anyanya Kahani." In addition to her literary pursuits, she nurtures interests in dancing and painting.

# ହେ ସ୍ରଷ୍ଟା

## ଶ୍ରୀ ଗୋବିନ୍ଦ ପାଢୀ

ସ୍ରଷ୍ଟାହେ ତବ ଚୀର ସୁନ୍ଦର ସୃଷ୍ଟି ଅବିନଶ୍ୱର
ସୃଜିଛ ଅସଂଖ୍ୟ ରଂଗୀନ ପୁଷ୍ପ ସୁଗନ୍ଧ ମନୋହର
କଳା କଳରବ କଣ୍ଠେ ଦେଇଛ ମୃଦୁ ମଧୁର ସ୍ୱନ
କରେତା ପିୟାସୀ ଭାବୁକ ଲେଖକ କବି ମନ ବିମୋହନ
ତୋଳିଛ ମାନବ-ମାନସ-ମନ୍ଦିର ରମ୍ୟ ରୁଚିର ତର
କଳ୍ପନା ଅତୀତ ସାର ଅସାରର ନିବୁଜ ଗନ୍ତା ଘର
ଦ୍ରଷ୍ଟା ମୁଁ ଆଜି ନିନ୍ଦୁକ ବିଭୁ ତବ ମହତ୍ ସର୍ଜନାର
କରିଦିଅ ପ୍ରଭୁ ସେ ଭୁଲକୁ ମୋର ଅଚିରେ ମାର୍ଜନାର ।



# ଜୀବନ ଭାବନା

ଚାହିଁନା ଅତୀତେ ସେ ଯେ ଚାଲିଛି ସରାଗେ
ଭାବନା ଭବିଷ୍ୟେ ତିଳେ ଆସିପାରେ କେବେ
ତୋ ଜୀବନ-ସାଥୀ ଏକା ସେହି ବର୍ତ୍ତମାନ
ସ୍ନେହଭରି ଚାଲ ସାଥେ କରି ଆଲିଙ୍ଗନ ।

# ଅମର ସେ

ଯେ ଜୀବନ ଧାଇଁ ଧାଇଁ
ଲୀନ ହୁଏ ଅଗଣିତ
ମାନବ-ଜୀବନ-ମହାସ୍ରୋତେ
ମରଣ ବିଜୟୀ ସେ ତ
ଏ ମର ସଂସାରେ କୋଳେ
ଅମର ସେ ଇତିହାସ-ଗାତ୍ରେ ।



**ଶ୍ରୀ ଗୋବିନ୍ଦ ପାଢୀ**

ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀ ଗୋବିନ୍ଦ ପାଢୀ ବୃତ୍ତିରେ ଜଣେ ବହୁପାଠୀ, ଜିଜ୍ଞାସୁ ଓ ଛାତ୍ରଛାତ୍ରୀ ପ୍ରୀୟ ଅଧ୍ଯାପକ । ପ୍ରବୃତ୍ତିରେ ସେ ଜଣେ ଭଲ ସଂଗଠକ, ଗବେଷକ ଏବଂ ସାହିତ୍ୟ ଓ ସଂସ୍କୃତିରେ ରୁଚି ରଖିଥିବା ଶ୍ରଦ୍ଧାଶୀଳ ମଣିଷ । ସେ ଶିକ୍ଷା, ଲୋକସଂସ୍କୃତି, ଅର୍ଥନୀତି, ସାମାଜିକ ବିଧି ବ୍ଯବସ୍ଥା ଓ କେତେକ ବ୍ଯକ୍ତିବିଶେଷଙ୍କ ଜୀବନୀର ସଫଳ ରୂପାୟନ କରି ବହୁ କବିତା ଓ ପ୍ରବନ୍ଧ ରଚନା କରିଛନ୍ତି, ଯାହାକି ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ସ୍ବୀକୃତି ଲାଭ କରିଛି ।





| | | |
|---|---|---|
| କନ୍ଦମୂଳ ପୋଡ଼ ପିଠା | SUJATA PRIYAMBADA | 105 |
| CREAMY AVOCADO DIP | BIJALINA SATPATHY | 106 |
| TOM YAM SOUP SNIGDHA PANI | SNIGDHA PANI | 107 |
| ଫୁଲକୋବି ଓ ବିଲାତି ଖଟା | SIMANTINI NANDA | 108 |
| BEGUN PODA | HIMANSHU SINGH | 109 |

# କନ୍ଦମୂଳ ପୋଡ଼ ପିଠା

SUJATA PRIYAMBADA



In odisha we have many festivals to celebrate and all the celebration begins with one signature pitha or any significant dessert.Poda Pitha or Burnt Pitha is one of the pithas which is flavourfully slow-cooked & made from rice batter(some recipes includes urad dal) with lots of chopped coconut,freshly grated coconut,dryfruits, some crushed pepper,crushed ginger and cardamom powder. The outer crust is slightly burnt, while the inside remains super soft.Though, It is mostly made during Raja Parba , you can make it in any Festive occasions.In Authentic way we prefer adding jaggery instead of sugar.

## INGREDIENTS:

- 250gms rice
- 200gm coconut
- 1 sweet potato
- 200gm jaggery
- Salt to taste
- Grated Ginger 1tsp
- Cardamom powder 1tsp
- Pepper powder 1tsp
- Ajwain 1/4tsp
- Bay leaf 1
- 1cup chopped coconut
- Cashews,almonds,raisins
- Ghee 4-5tsp
- Cherries to ganish (optional)
- Baking soda 1tsp
- Banana leaf



## PROCESS:

- Soak the rice for 5hours then blend it with coconut.
- Set aside for some time around (30mins or 1hour)
- Steam the sweet potato pieces for 10mins or can pressure cook for 1 whistle.once the sweet potato cooked let this cool down then grind it along with jaggery and splash of water.
- Add the mixture into the rice batter,mix well.
- Add all the masala mentioned in the ingredients above including baking soda to rise the pitha well.
- In a kadai roast chopped coconut and the dryfruits with desi ghee for few mins and then add into the batter.Give a final mix to the batter.
- Now to bake the pitha take a heavy bottom kadai(preferably nonstick)spread bananna leaves,grease ghee all over.pour the batter,cover the lid(seal the hole on lid if have any)cook it on low-med heat for around 40mins.Allow this to cool down completely before cutting it.Cut into desired shape and sizes then serve.

# CREAMY AVOCADO DIP

BIJILINA SATPATHY



In odisha we have many festivals to celebrate and all the celebration begins with one signature pitha or any significant dessert.Poda Pitha or Burnt Pitha is one of the pithas which is flavourfully slow-cooked & made from rice batter(some recipes includes urad dal) with lots of chopped coconut,freshly grated coconut,dryfruits, some crushed pepper,crushed ginger and cardamom powder. The outer crust is slightly burnt, while the inside remains super soft.Though, It is mostly made during Raja Parba , you can make it in any Festive occasions.In Authentic way we prefer adding jaggery instead of sugar.

## INGREDIENTS:

- 1 Ripe Avocado (if the skin of avocado is black then its ripe)
- 2 tbsp plain yogurt (curd)
- Lemon juice of 1 lemon(to taste) - if you want less sour then add lemon juice of a half lemon
- Sour cream 1tbsp (optional) - it will give more creamy taste
- 1 garlic clove (optional) - it will give a nice taste.
- 1 Green chilly (as per the taste) - if you like spicy then add 2 -3 green chilly as per your preference
- Salt (as per the taste)
- Black pepper ( i add mostly for kids as replacement of green chillies)

## PROCESS:

- Add all the above ingredients in a grinder jar and grind it till you get a creamy texture. Remove from the jar and store it in an airtight container. It can be stored for 3 days but we always finished it in one day.

## USAGE:

- You can have it with any Paratha.
- Can use this for making Sandwich.
- Can be eaten with Nachos or Chips.



# TOM YAM SOUP

SNIGDHA PANI



Tom Yam Soup is a spicy warming thai soup that comforting and loaded with flavours. It's a thai hot and sour soup.

## INGREDIENTS:

### Soup Base

- Ripe Avocado (if the skin of avocado is black then its ripe)
- 2 tbsp plain yogurt (curd)
- Lemon juice of 1 lemon(to taste) - if you want less sour then add lemon juice of a half lemon
- Sour cream 1tbsp (optional) - it will give more creamy taste
- 1 garlic clove (optional) - it will give a nice taste.
- 1 Green chilly (as per the taste) - if you like spicy then add 2 -3 green chilly as per your preference
- Salt (as per the taste)
- Black pepper ( i add mostly for kids as replacement of green chillies)

### Other

- 50g Chicken (Boneless)
- 100 gram prawns
- 100 gram mushroom
- 100 gram boneless fish (optional)
- 1 tomato
- 2/3 chillies (Red/Green)
- 1/2 Kaffir Lime Leaves
- 1 fresh lime
- 100 gram rice noodles and 50 gram coriender leaves

## PREPARATION:

- First cut the chicken into thin and small slices
- Cut the mushroom, tomato, galangal into thin slices.
- Cut lemongrass into two pieces, cyut red chillies into half and also take out the center part of kaffir lime leaves
- Then turn on the gas , put paw on it
- Than pour water and chicken stock in the pot, make it boil, after little boil add it lemongrass, galangal, tomyum paste, Thai chilli paste, 1/2 drop oil, Mushroom, prawn, tomato, sish souce, fresh boneless fish (optional).Little Salt (as per taste) then mak it boil. After 10-12 minutes add 1/2 cup of evaporated mik and boiled noodles and lime and chillies.
- Then serve it with crispy tofu bits and some 1/2 boiled egg (Optional)
- garnish with some fresh coriander leaves.



# ଫୁଲକୋବି ଓ ବିଲାତି ଖଟା

ସୀମନ୍ତିନୀ ନନ୍ଦ



## ଉପକରଣ

- ଫୁଲକୋବି ଛୋଟ ଛୋଟ କଟା ହେବ
- ବିଲାତି
- ପଞ୍ଚଫୁଟଣ, ହଳଦୀ, ଲୁଣ, ଜୀରା, ଲଙ୍କା ଗୁଣ୍ଡ, ଚିନି, ଭୃଷଙ୍ଗ ପତ୍ର, କଞ୍ଚା ଲଙ୍କା , ଧନିଆ ପତ୍ର

## ବିଧି

ପ୍ରଥମେ କଡ଼ାଇ ରେ ସୋରିଷ ତେଲ/ରିଫାଇନ ତେଲ (ଇଚ୍ଛାନୁସାରେ) ନେଇ ଗରମ କରିବେ , ଗରମ ହୋଇଯିବା ପରେ ପଞ୍ଚଫୁଟଣ ଦେବା । ତା'ପରେ କଞ୍ଚାଲଙ୍କା ଭୃଷଙ୍ଗ ପତ୍ର ଦେଇ, କଟା ହୋଇଥିବା ଫୁଲକୋବି ଓ ବିଲାତି ଦେବା । ସବୁକୁ 2ରୁ ତିନି ମିନିଟ ଯାଏ କଷିବା । ବିଲାତି ଟିକେ ନରମ ହୋଇଗଲେ, ଲୁଣ, ଚିନି, ହଳଦୀଗୁଣ୍ଡ ଦେଇ ଘୋଡେଇ ଦେବା । ପାଞ୍ଚ ମିନିଟ ରଖି ସବୁକୁ ମିଶେଇ ତା ଉପରେ ଭଜା ହୋଇଥିବା ଜିରା ଲଙ୍କା ଗୁଣ୍ଡ ଦେବା । ଶେଷରେ କଡାହି ରୁ ପ୍ଲେଟକୁ ଆଣି ଉପରେ ଧନିଆପତ୍ର କୁ ଛୋଟ ଛୋଟ କାଟି ସଜେଇ ଦେବା ।





# BEGUN PODA

HIMANSHU SINGH

I learnt it from Indian Bollywood celebrity Jackie Shroff , so I gave it a nickname of "Bidu Begun" #jackieshroff

## STEP 1

- We need
- 1 Brinjal
- 1 tablespoon mustard oil
- 2 green chillies
- 2 garlic cloves
- 1 small onion finely chopped
- Salt to taste
- Coriander leaves (optional)

## STEP 2

- Make a cut as shown in image 2 & 3 and put the garlic cloves in one and green chillies in the other.



## STEP 3

- Roast the Brinjal from step 2 on a pan/ tawa. Cover it so heating process is done quickly (8-12 min)

## STEP 2

- Remove the roasted skin of Brinjal.
- Mash the Brinjal.
- Mix chopped onion
- Add 1 tablespoon of mustard oil
- Add salt to taste
- Garnish with coriander leaves (optional)

AMACHITRAPATA








AKSHITA





SHALVEE





**Artist** : Dr. Karishma Behera

**Title**: The passing of time from summer to winter.

**Description**: Feel the warmth of the sun as a light breeze rustles the leaves and caresses your face. Then imagine a cold winters evening as you lie in the grass all huddled up as you admire the starry sky with a warm cup of hot chocolate. All seasons are meant to be enjoyed for their own unique experiences they bring with them.